R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୧୦୯
ତିଥି : ନବମୀ
୨୩ ଜାନୁଆରୀ ୨୦୨୫, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 109
23 Jan 2025, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ପ୍ରତି ପଞ୍ଚାୟତରେ ହେବ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ

ଭୁବନେଶ୍ୱର, ୨୨।୧ (ସବ୍ୟୁ) : ପ୍ରତି ପଞ୍ଚାୟତରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ଯୋଜନାରେ ପ୍ରାଥମିକ ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟ ଭାବେ ଉନ୍ନତ ଓ ସୁଦୃଢ କରାଯିବ । ରାଜ୍ୟର ୬୭୯୪ ପଞ୍ଚାୟତରେ ଏହା କାର୍ଯ୍ୟକାରୀ ହେବ । ୫ବର୍ଷ ଅର୍ଥାତ୍ ୨୦୨୪-୨୫ରୁ ୨୦୨୮-୨୯ ମଧ୍ୟରେ ୧୧,୯୩୯.୪୧ କୋଟି ଟଙ୍କା ଖର୍ଚ୍ଚ ହେବ । ରାଜ୍ୟ କ୍ୟାବିନେଟ୍ ଏହି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ଉପରୋକ୍ତ ପ୍ରସ୍ତାବ ସମେତ କ୍ୟାବିନେଟ୍ ବୈଠକରେ ୧୦



### ୧୦ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ
### ନିଯୁକ୍ତ ହେବେ ୫ ହଜାରରୁ ଉର୍ଦ୍ଧ୍ୱ ଡାକ୍ତର
### ବିକଶିତ ଗାଁ, ବିକଶିତ ଓଡ଼ିଶାକୁ ଅନୁମୋଦନ
### ଶୀତଳଭଣ୍ଡାର ଲାଗି ଆର୍ଥିକ ସହାୟତା
### ଭୁବନେଶ୍ୱରରେ ସିଲିକନ୍ କାର୍ବାଇଟ୍ ସେମି କଣ୍ଡକ୍ଟର ଉତ୍ପାଦନ
### ଗ୍ରୀଡ୍‌କୋକୁ ୩୧୦୮ କୋଟି ଟଙ୍କାର ବ୍ୟାଙ୍କ ଗ୍ୟାରେଣ୍ଟି

ପ୍ରସ୍ତାବକୁ ଅନୁମୋଦନ କରାଯାଇଛି ।

ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପୂର୍ବ ସରକାର ୫-ଟି ନାଁରେ ରୂପାନ୍ତରୀଣ କରି ସ୍ମାର୍ଟସ୍କୁଲ ଯୋଜନା ଠିକ୍ ନଥିଲା । ଡିପିଆର୍ ପ୍ରସ୍ତୁତ ହୋଇନଥିଲା କି ଏସ୍ଟିମେଣ୍ଟ ହୋଇନଥିଲା । ପିଲାଙ୍କ ଭବିଷ୍ୟତ ସହ ଖେଳାଯାଇଥିଲା । ନୂଆ ସରକାର ପ୍ରତି ପଞ୍ଚାୟତରେ ଆଦର୍ଶ ବିଦ୍ୟାଳୟ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି । ପ୍ରତି ପଞ୍ଚାୟତରେ ଏକ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ହେବାକୁ ଲକ୍ଷ୍ୟ ରଖାଯାଇଛି । ଜାତୀୟ ଶିକ୍ଷା ନୀତି ୨୦୨୦ର ଲକ୍ଷ୍ୟକୁ ବଳିଷ୍ଠ ଭାବରେ ଉପସ୍ଥାପନ କରିବା ସହ ବିଦ୍ୟାର୍ଥୀମାନଙ୍କୁ ଉଭୟ ସାମାଜିକ ଓ ଶୈକ୍ଷିକସ୍ତରରେ ସମୃଦ୍ଧ କରାଯିବ । ବିଦ୍ୟାଳୟ ନାମଲେଖା ସଂଖ୍ୟା ଉପରେ ନିର୍ଭର କରି ପ୍ରତି ବିଦ୍ୟାଳୟ ପିଛା ମୋଟାମୋଟି ଖର୍ଚ୍ଚ ଆକଳନ ୧କୋଟିରୁ ୪ କୋଟି ପର୍ଯ୍ୟନ୍ତ ହୋଇଥାଏ । ତେବେ ପ୍ରକୃତ ଖର୍ଚ୍ଚ ପ୍ରତ୍ୟେକ ସ୍କୁଲର ଡିପିଆର୍ ଆଧାରରେ ହେବ । ଚଳିତବର୍ଷ ୧୧୪ ପଞ୍ଚାୟତରେ ପ୍ରଥମ ପର୍ଯ୍ୟାୟରେ ଏହା ଆରମ୍ଭ କରାଯିବ । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲା ଆଦର୍ଶ ବିଦ୍ୟାଳୟରେ ପାଠ ପଢିବେ । ଏହାପରେ ହାଇସ୍କୁଲକୁ ଯିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ସେହିପରି କ୍ୟାବିନେଟ୍‌ରେ ଓଡ଼ିଶା ଡାକ୍ତରୀ ଏବଂ ସ୍ୱାସ୍ଥ୍ୟସେବା ସମ୍ବର୍ଗରେ ନିଯୁକ୍ତ ମେଡିକାଲ ଅଫିସରଙ୍କ ନିଯୁକ୍ତି, ପଦୋନ୍ନତି ଏବଂ ସେବା ସର୍ତ୍ତାବଳୀ ନିୟନ୍ତ୍ରଣ କରିବା ପାଇଁ ଓଡ଼ିଶା ଡାକ୍ତରୀ ଓ ସ୍ୱାସ୍ଥ୍ୟସେବା ନିୟମାବଳୀର ସଂଶୋଧନ କରାଯାଇଛି । ସଂଶୋଧନ ଅନୁଯାୟୀ ଗୁଣାତ୍ମକ ଏବଂ ନିରପେକ୍ଷ ପ୍ରକ୍ରିୟା ମାଧ୍ୟମରେ ଓଡ଼ିଶା ମେଡିକାଲ ଏବଂ ସ୍ୱାସ୍ଥ୍ୟସେବା କ୍ୟାଡରରେ ନିଯୁକ୍ତି ଲାଗି ଗୁଣାତ୍ମକ ଓ ଯୋଗ୍ୟ ପ୍ରାର୍ଥୀ ଚୟନ କରାଯିବ । ବରିଷ୍ଠ ପ୍ରଶାସନିକ ପଦକ୍ରମ ପଦବୀ ସଂଖ୍ୟାକୁ ୨ରୁ ୧୪କୁ ବୃଦ୍ଧି କରାଯିବ ଓ ଉଚ୍ଚତର ବେତନ ପଦକ୍ରମ ପଦବୀ ସଂଖ୍ୟାକୁ ୧୨ରୁ ୪୫କୁ ବୃଦ୍ଧି କରିବା ସହ ପ୍ରବରଣ ପଦକ୍ରମ-୧ ପଦବୀକୁ ଉଚ୍ଛେଦ କରାଯିବ । କନିଷ୍ଠ କ'ବର୍ଗ ପାହ୍ୟା ପଦବୀ ପାଇଁ ଆବେଦନ କରିବା ସମୟରେ ଜଣେ ପ୍ରାର୍ଥୀ ଓଡ଼ିଶା ଡାକ୍ତରୀ ପଞ୍ଜୀକରଣ ଆଇନ ଅନୁଯାୟୀ ବୈଧ ପଞ୍ଜୀକରଣ ପ୍ରମାଣପତ୍ର ହାସଲ କରିଥିବେ । ଏହି ନିୟମ ସଂଶୋଧନ ପରେ କନିଷ୍ଠ କ'ବର୍ଗ ପାହ୍ୟାରେ ୫ ହଜାରରୁ ଉର୍ଦ୍ଧ୍ୱ ଡାକ୍ତର ଚୟନ ନିମନ୍ତେ ଓଡ଼ିଶା ଲୋକସେବା ଆୟୋଗକୁ ଅନୁରୋଧ କରାଯିବ । ଏହାଛଡ଼ା କ୍ୟାବିନେଟ୍‌ରେ ବିକଶିତ ଗାଁ, ବିକଶିତ ଓଡ଼ିଶାକୁ ମଞ୍ଜୁରି ମିଳିଛି । ୫ବର୍ଷ ମଧ୍ୟରେ ଏହି ଯୋଜନାରେ ୫ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ପ୍ରତ୍ୟେକ ଆର୍ଥିକ ବର୍ଷ ପାଇଁ ବାର୍ଷିକ କାର୍ଯ୍ୟ ଯୋଜନା ଗ୍ରାମସଭା ଦ୍ୱାରା ପ୍ରସ୍ତୁତ ହେବ ଏବଂ ପଞ୍ଚାୟତ ଦ୍ୱାରା ବ୍ଲକ୍‌କୁ ସୁପାରିସ କରାଯିବ । ଓଡ଼ିଶା ରାଜ୍ୟ ବିଧି ଆୟୋଗ ସମ୍ପର୍କିତ ସଂକଳ୍ପର (୯ ପୃଷ୍ଠାରେ)

## ୨୮ରେ ଆସିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୨୨।୧ (ସବ୍ୟୁ) : ଚଳିତମାସ ୨୮ ତାରିଖରେ ଭୁବନେଶ୍ୱର ଜନତା ମୈଦାନରେ ଆୟୋଜନ ହେବ ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କନକ୍ଲେଭ-୨୦୨୫ । ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେବେ । ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନିର୍ଭୁଲ ଓ ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ସଚିବ ମନୋଜ ଆହୁଜା । (୯ ପୃଷ୍ଠାରେ)




# ଗୁଜବ ଯୋଗୁ ଚାଲିଗଲା ୧୧ ଜୀବନ



### ନିଆଁ ଲାଗିବା ଶୁଣି ବଗିରୁ ଡେଇଁପଡିଲେ ଯାତ୍ରୀ
### ବିପରୀତ ଦିଗରୁ ଆସୁଥିବା ଟ୍ରେନ୍ ମାଡିଗଲା

ମୁମ୍ବାଇ, ୨୨।୧ : ଗୁଜବ କେତେ ଭୟଙ୍କର ହୋଇପାରେ ତାହାର ଉଦାହରଣ ଦେଖିବାକୁ ମିଳିଛି । ଲକ୍ଷ୍ନୌରୁ ମୁମ୍ବାଇ ଯାଉଥିବା ପୁଷ୍ପକ ଏକ୍ସପ୍ରେସ୍‌ରେ ନିଆଁ ଲାଗିଲା ବୋଲି ଖବର ପ୍ରଚାରିତ ହେବା ପରେ ଯାତ୍ରୀମାନେ ହଠାତ୍ ଟ୍ରାକ୍‌କୁ ଡେଇଁ ପଡିଥିଲେ । ଡେଇଁବା ସମୟରେ ଅପରପଟରୁ ଆସୁଥିବା କର୍ଣ୍ଣାଟକ ଏକ୍ସପ୍ରେସ୍ ଧକ୍କାହେବା ଫଳରେ ୧୧ଜଣଙ୍କ ଜୀବନ ଯାଇଛି । ଡେଇଁଥିବା ଲୋକଙ୍କ ଉପରେ ଟ୍ରେନ୍ ମାଡିଯାଇଥିଲା । ଗନ୍ତବ୍ୟସ୍ଥଳ ଠାରୁ ମାତ୍ର କିଛି ଦୂରରେ ଏହି ଲୋକମାନେ ଥିଲେ ।

ପୁଷ୍ପକ ଏକ୍ସପ୍ରେସ୍‌ଟି ଲକ୍ଷ୍ନୌରୁ ମୁମ୍ବାଇ ଯାଉଥିଲା । (୯ ପୃଷ୍ଠାରେ)

## ରାଜ୍ୟ ଷଷ୍ଠ ଅର୍ଥ କମିଶନ ଗଠିତ

ଭୁବନେଶ୍ୱର, ୨୨।୧ (ସବ୍ୟୁ) : ରାଜ୍ୟ ସରକାର ଷଷ୍ଠ ରାଜ୍ୟ ଅର୍ଥ କମିଶନ ଗଠନ କରିଛନ୍ତି । ଏନେଇ ଅର୍ଥ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ଅନୁଯାୟୀ ଅବସରପ୍ରାପ୍ତ ଆଇଏଏସ୍ ଅରୁଣ କୁମାର ପଣ୍ଡା ଅଧ୍ୟକ୍ଷ ଥିଲାବେଳେ ଏକ୍ସଆଇଏମ୍‌ବିର ପ୍ରଫେସର ଅସିତ ରଞ୍ଜନ ମହାନ୍ତି, ପୁଡୁଚେରୀ ବିଶ୍ୱବିଦ୍ୟାଳୟର ଅର୍ଥନୀତି ପ୍ରଫେସର ଅମରେଶ ସାମନ୍ତରାୟ ଓ ଟିଆଇଏସ୍‌ଏସ୍‌ର ପ୍ରଫେସର ବିଭୁପ୍ରସାଦ ନାୟକ ସଦସ୍ୟ ଅଛନ୍ତି । ଅର୍ଥ ବିଭାଗର ଅତିରିକ୍ତ ସଚିବ ସତ୍ୟପ୍ରିୟ ରଥ ସଦସ୍ୟ ଆବାହକ ଅଛନ୍ତି ।

ଅଧ୍ୟକ୍ଷଙ୍କ ସମେତ ସଦସ୍ୟମାନେ ବିଜ୍ଞପ୍ତି ପ୍ରକାଶ (୯ ପୃଷ୍ଠାରେ)

## ଭିତରକନିକାରେ କୁମ୍ଭୀର ସଂଖ୍ୟା ୧୮୨୬କୁ ବୃଦ୍ଧି

ରାଜନଗର, ୨୨।୧ (ସବ୍ୟୁ) : ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନରେ ବସବାସ କରୁଥିବା କୁମ୍ଭୀର ଗଣନା ଶେଷ ହୋଇଛି।ଚଳିତ ବର୍ଷ କୁମ୍ଭୀର ସଂଖ୍ୟା ବୃଦ୍ଧି ପାଇଛି । ଗତ ବର୍ଷ ଭିତରକନିକା ମଧ୍ୟରେ ଓ ବାହାରେ ଥିବା ନଦୀ, ନାଳ ଗୁଡିକରେ ୧୮୧୧ଟି ବଉଳାକୁମ୍ଭୀର ଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟା ୧୮୨୬କୁ ବୃଦ୍ଧି ପାଇଛି । ଗତବର୍ଷ ଠାରୁ ଚଳିତ ବର୍ଷ ୧୫ଟି କୁମ୍ଭୀର ଅଧିକ ଥିବା କୁମ୍ଭୀର ଗଣନା ରିପୋର୍ଟରୁ ଜଣାପଡିଛି । ଚଳିତ ବର୍ଷ ଭିତରକନିକାରେ କନିକା ରେଂଜର ପାଙ୍ଗଶାଳାମାଉଥରୁ ଏଫଆରଏଚଜେଠି ମଧ୍ୟରେ ୨ଟି, ଏଫଆରଏଚ ଜେଠିରୁ ଖୋଳାମାଉଥ ମଧ୍ୟରେ ଗୋଟିଏ, ଗୁପ୍ତିରୁ (୯ ପୃଷ୍ଠାରେ)

# ଏବର୍ଷ ଭୟଙ୍କର ଗ୍ରୀଷ୍ମ ପ୍ରବାହ

ଭୁବନେଶ୍ୱର, ୨୨।୧ (ସବ୍ୟୁ) : ରାଜ୍ୟରେ ଏ ବର୍ଷ ଭୟଙ୍କର ତାତି ଅନୁଭୂତ ହେବ । ତା' ପୂର୍ବରୁ ଜାନୁଆରୀ ମାସରୁ ତାପମାତ୍ରା ଏଭଳି

### ୫୨ ବର୍ଷର ରେକର୍ଡ ଭାଙ୍ଗିଲା କୋରାପୁଟ
### ୨୦୦୯ର ସ୍ଥିତି ପୁନରାବୃତ୍ତି ହୋଇପାରେ
### ଦିନ ତାପମାତ୍ରାରେ ୨ ରୁ ୪° ବୃଦ୍ଧି



ସୂଚାଉଛି । ୨୦୦୯ ଜାନୁଆରୀରେ ସର୍ବୋଚ୍ଚ ତାପମାତ୍ରା ବୃଦ୍ଧି ପାଇବା ଯୋଗୁ ସେହିବର୍ଷ ଗ୍ରୀଷ୍ମ ପ୍ରବାହ ଯୋଗୁ ୧୧୩ ଜଣ ମୃତ୍ୟୁବରଣ କରିଥିଲେ । ତେବେ ଚଳିତ ମାସର ତାପମାତ୍ରା ବୃଦ୍ଧି ପାଇଥିବାବେଳେ ଏପ୍ରିଲ ଓ ମେ'ରେ ହେବାକୁ ଥିବା ଗ୍ରୀଷ୍ମ ଲହରୀ ବେଶ୍ ଭୟାନକ ହେବ ବୋଲି ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଜ୍ଞାନୀ ।

ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ କହିଛନ୍ତି ୨୦୦୯ ଜାନୁଆରୀ ୩୦ରେ କୋରାପୁଟରେ ସର୍ବୋଚ୍ଚ ତାପମାତ୍ରା ୩୨.୬° ଅନୁଭୂତ ହୋଇଥିଲା । ୧୯୭୩ ପରଠାରୁ ଏହା ସର୍ବାଧିକ ଥିଲା । ତେବେ ବୁଧବାର କୋରାପୁଟରେ ସର୍ବୋଚ୍ଚ (୯ ପୃଷ୍ଠାରେ)



# ସ୍ୱାଧୀନତା ସଂଗ୍ରାମୀ ନେତାଜୀ

୨୩ ଜାନୁଆରୀ ୧୮୯୭ କଟକର ଓଡ଼ିଆ ବଜାରଠାରେ ଜାନକୀନାଥ ବୋଷଙ୍କର ପୁତ୍ରଭାବରେ ଜନ୍ମଗ୍ରହଣ କରିଥିବା ସୁଭାଷ ଭାରତ ତଥା ସମଗ୍ର ବିଶ୍ୱର ବିସ୍ମୟ ବିଦ୍ରୋହୀ ସଂଗ୍ରାମୀ ନେତା ଭାବରେ ପରିଚିତ । ସେ ହେଉଛନ୍ତି ବିଶ୍ୱର ନେତାଜୀ । ଯାହାଙ୍କ ଜନ୍ମବାର୍ଷିକୀକୁ ପରାକ୍ରମ ଦିବସ ଭାବରେ ପାଳନ କରାଯିବ । ସ୍ୱାଧୀନତା ଆନ୍ଦୋଳନରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଅବଦାନ ଅତୁଳନୀୟ । ସେ ଜଣେ ସାହସୀ ନେତା ଥିଲେ ଏବଂ ସ୍ୱାଧୀନତା ପ୍ରତି ଅତ୍ୟନ୍ତ ଉତ୍ସାହୀ ଥିଲେ । ସୁଭାଷ ଚନ୍ଦ୍ର ବୋଷ ଶ୍ରୀମଦ୍ ଭଗବଦ୍ ଗୀତା ଦ୍ୱାରା ଗଭୀର ଭାବରେ ଅନୁପ୍ରାଣିତ ଥିଲେ । ନେତାଜୀଙ୍କ ପାଇଁ ରାଷ୍ଟ୍ର ସର୍ବୋପରି ଥିଲା । ମାତୃଭୂମିକୁ ବ୍ରିଟିଶଙ୍କ କବଳରୁ ମୁକ୍ତ କରିବା ପାଇଁ ସେ ନିଜର ସେନା ଆଜାଦ ହିନ୍ଦ ଫୌଜ ଗଠନ କରିବାର ପଥ ବାଛିଥିଲେ । ଦେଶପ୍ରେମ ଏବଂ ସ୍ୱାଧୀନତାର ବାର୍ତ୍ତା ଲୋକଙ୍କୁ ପ୍ରସାର କରିବା ପାଇଁ ସେ ବର୍ଲିନରେ ମୁକ୍ତ ଭାରତ କେନ୍ଦ୍ର ପ୍ରତିଷ୍ଠା କରିଥିଲେ ଏବଂ ଆଜାଦ ହିନ୍ଦ ରେଡିଓ ଆରମ୍ଭ କରିଥିଲେ । ଏଥିରେ ସ୍ୱାଧୀନତା ଆନ୍ଦୋଳନ ସହିତ ଜଡିତ ଖବର ବୁଲେଟିନ୍ ଏବଂ କାର୍ଯ୍ୟକ୍ରମ ଇଂରାଜୀ, ଗୁଜୁରାଟୀ,



ମରାଠୀ, ବଙ୍ଗଳା, ପାସ୍ତୋ, ତାମିଲ, ପାରସିକ ଏବଂ ତେଲୁଗୁ ଭାଷାରେ ପ୍ରସାରିତ ହେଉଥିଲା । ସେହିପରି, ସ୍ୱାଧୀନତା ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ୟୁରୋପରେ ଭାରତୀୟ ସେନା ଗଠନ କରାଯାଇଥିଲା । ସେ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ନାମକ ଏକ ରାଜନୈତିକ ସଂଗଠନ ମଧ୍ୟ ପ୍ରତିଷ୍ଠା କରିଥିଲେ । ନେତାଜୀଙ୍କ ସ୍ଲୋଗାନ ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି ସ୍ଲୋଗାନ ଆଜି ମଧ୍ୟ ଦେଶର ପ୍ରତ୍ୟେକ ନାଗରିକ ଏବଂ ଯୁବକଙ୍କ ହୃଦୟରେ ଲିପିବଦ୍ଧ । ଇଂରେଜଙ୍କ ବିରୁଦ୍ଧରେ ତାଙ୍କର ଆଉ ଏକ ପ୍ରସିଦ୍ଧ ଯୁଦ୍ଧ ସ୍ଲୋଗାନ ଦିଲ୍ଲୀ ଚଲୋ ତାଙ୍କ ଦୃଢ଼ ସଂକଳ୍ପର ଏକ ମହାନ ସୂଚକ ଥିଲା । ଏହି ସ୍ଲୋଗାନକୁ ମୂଳମନ୍ତ୍ର ଭାବରେ ଗ୍ରହଣ କରି, ଆଜାଦ ହିନ୍ଦ ଫୌଜ ବ୍ରିଟିଶମାନଙ୍କ ବିରୁଦ୍ଧରେ ଲଢ଼ିଥିଲା । ନେତାଜୀ କହିଥିଲେ ଜାତୀୟତାବାଦ ମାନବଜାତିର ସର୍ବୋଚ୍ଚ ଆଦର୍ଶ, ସତ୍ୟମ୍, ଶିବମ୍ ଏବଂ ସୁନ୍ଦରମ୍ ଦ୍ୱାରା ଅନୁପ୍ରାଣିତ ।

**ପୁଷ୍ପଲତା କର**
ମୋ– ୯୬୬୮୧୧୯୬୧୦

## ସୋସିଆଲ କୋଟ୍ସ



"ମୋତେ ବର୍ତ୍ତମାନ ରହିବା ପାଇଁ ଭଡାରେ ଘର ମିଳୁନି । ଯେଉଁଠିକୁ ଘର ଖୋଜିବାକୁ ଯାଉଛି, ସେମାନେ ଅଭିନେତ୍ରୀ ଶୁଣିବା ପରେ ଘର ଦେବାକୁ ମନା କରୁଛନ୍ତି ।

ୟାମିନି, ଅଭିନେତ୍ରୀ



"ସୈଫ୍ ଖୁବ ସାହାସୀ । ନିଜ ଜୀବନକୁ ବାଜି ଲଗାଇ ସେ ପରିବାର ସଦସ୍ୟଙ୍କ ଜୀବନ ବଞ୍ଚାଇଛନ୍ତି । ଅନ୍ୟଙ୍କ ପାଇଁ ସେ ପ୍ରେରଣା ।

ଅକ୍ଷୟ କୁମାର, ଅଭିନେତା



"ମୋ କ୍ୟାରିୟର ନେପୋଟିଜିମ୍ ପାଇଁ ଖରାପ ହୋଇଛି । ସମସ୍ତେ ମୋତେ ଆଇଟମ ଗର୍ଲ ବୋଲି ଭାବୁଥିଲେ । ତେଣୁ ଭଲ ଚରିତ୍ର ମିଳିଲାନି ଅଭିନୟ କରିବାକୁ ।

ଉର୍ମିଳା, ଅଭିନେତ୍ରୀ

## ହାହା..ହାହା..

ଶିକ୍ଷକ– କାଲି ମୁଁ ସୂର୍ଯ୍ୟ ଉପରେ ପଢ଼େଇବି । କୌଣସି କ୍ଲାସ୍ ମିସ୍ କରିବ ନାହିଁ ।
ଚିଣ୍ଟୁ– ହେଲେ ସାର୍ ମୁଁ ଆସିପାରିବି ନାହିଁ ।
ଶିକ୍ଷକ– କାହିଁକି ?
ଚିଣ୍ଟୁ– ମୋ ମା ଏତେ ଦୂର ଯିବାକୁ ଅନୁମତି ଦେବେନାହିଁ ।

## ୪୩ କୋଟିରେ ନିଲାମ



ଗୋଟିଏ ପୁରୁଣା ଚିତ୍ରର ଦାମ୍ ବେଶ୍ କମ ହୋଇଥାଏ । ହେଲେ ଆମେରିକାର ଜଣେ ବ୍ୟକ୍ତି ଏକ ପୁରୁଣା ଚିତ୍ର ବିକି ଖୁବ ଅର୍ଥ ରୋଜଗାର କରିଛନ୍ତି । ୨୦୧୦ରେ ଆମେରିକାର ଜଣେ ବ୍ୟକ୍ତି ଗୋଟିଏ ପୁରୁଣା ଫଟୋକୁ ୨ ଡଲାର ବା ଭାରତୀୟ ମୁଦ୍ରାରେ ୧୭୩ ଟଙ୍କାରେ କିଣିଥିଲେ । ତେବେ ଏହି ଫଟୋକୁ କିଣିବା ସମୟରେ ସେ ଜାଣିନଥିଲେ ଏହା ଆମେରିକାର ଜଣେ ପରିଚିତ ଗନ୍‌ଫାଇଟରଙ୍କର । ଏହା ଜାଣିବାପରେ ସେ ଏହି ଫଟୋଟିକୁ ନିଲାମ କରିଥିଲେ । ତାଙ୍କର ଏହି ଫଟୋଟି ୨୦୧୫ରେ ୪୩ କୋଟିରେ ନିଲାମ । ଯାହା ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହି ଫଟୋଟି ହେନେରୀ ମାକ୍‌କାର୍ଟି ବା ବିଲି ଦି କିଡ୍‌ଙ୍କର ବୋଲି ଜଣା ପଡିଥିଲା ।

This man bought an old photograph for $2, but after discovering the identity of the person in the image, he sold it for $5 million.



## ସୁରକ୍ଷା ଦେବ ଜୋତା



ମହିଳାଙ୍କ ସୁରକ୍ଷା ପାଇଁ ବିଭିନ୍ନ ପ୍ରକାରର ଛୋଟଛୋଟ ଗ୍ୟାଜେଟ୍ ଉଦ୍ଭାବନ କରାଯାଇଛି । ଏହି ତାଲିକାରେ ପେପର୍ ସ୍ପ୍ରେ, ରେପ୍ ହୁଇସିଲ୍ ଆଦି ସାମିଲ ରହିଛି । ତେବେ ନିକଟରେ ଏହି ତାଲିକାରେ ଏକ ନୂଆ ସାମଗ୍ରୀ ସାମିଲ ହୋଇଛି । ଏହି ତାଲିକାରେ ଏକ ଚପଲ ସାମିଲ ହୋଇଛି, ଯାହା ମହିଳାଙ୍କୁ ସୁରକ୍ଷା ଦେବାରେ ସାହାଯ୍ୟ କରିବ । ଉତ୍ତର ପ୍ରଦେଶର ଦୁଇଜଣ ସ୍କୁଲ ଛାତ୍ରୀ ଅମ୍ରିତ ତିୱାରୀ ଓ କୋମଲ ଜସୱାଲ ଏଭଳି ଏକ ସାଣ୍ଡେଲ୍‌ର ଉଦ୍ଭାବନ କରିଛନ୍ତି । ଏହି ସାଣ୍ଡେଲ୍‌ର ବୁଢା ଆଙ୍ଗୁଠି ତଳେ ଏକ ବୋତାମ ଦିଆଯାଇଛି, ଯାହାକୁ ପ୍ରେସ କରିବାମାତ୍ରେ ଏହା ଏକ ଏସ୍‌ଓଏସ୍ ପରିବାର ସଦସ୍ୟଙ୍କ ପାଖକୁ ଏକ ନୋଟିଫିକେସନ ପଠାଇବ । ଏହି ନୋଟିଫିକେସନରେ ଜୋତା ପିନ୍ଧିଥିବା ଲୋକର ଲୋକେସନ୍ ସହିତ ଘଟଣାସ୍ଥଳର ଅଡିଓ ରେକର୍ଡ ମଧ୍ୟ ରହିବ । ଆଗରୁ ଏଥିରେ କ୍ୟାମେରା ଲଗାଇବାକୁ ମଧ୍ୟ ଯୋଜନା କରାଯାଉଥିବା ଉଭୟ ପ୍ରକାଶ କରିଛନ୍ତି । ଉଭୟଙ୍କ ଦ୍ୱାରା ନିର୍ମିତ ଏହି ଡିଭାଇସ୍‌ଟି ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି ।

## ଇତିହାସ

କୁଷ୍ଠ ନିବାରଣ ଅଭିଯାନ ଦିବସ
୧୮୦୯: ଭାରତୀୟ ସ୍ୱତନ୍ତ୍ରତା ସେନାନୀ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ।
୧୮୯୭: ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମ ।
୧୯୨୪: ସାଉଦି ଆରବର ରାଜା ଶାହ ଅବ୍‌ଦୁଲ୍ଲାଙ୍କ ନିଧନ ।
୧୯୩୦: ପଶ୍ଚିମ ଭାରତୀୟ ଲେଖକତଥା ନୋବେଲ ପୁରସ୍କାର ବିଜେତା ଡେରେକ କାଲକୋଟଙ୍କ ଜନ୍ମ ।
୧୯୬୩: ଭାରତର ପ୍ରସିଦ୍ଧ କ୍ରାନ୍ତିକାରୀ ନରେନ୍ଦ୍ର ମୋହନ ସେନଙ୍କ ପରଲୋକ ।
୧୯୬୫: କାର୍ଯ୍ୟକ୍ଷମ ହେଲା ଦୁର୍ଗାପୁର ଇସ୍ପାତ କାରଖାନା ।
୧୯୬୬: ଭାରତର ପ୍ରଧାନମନ୍ତ୍ରୀ ହେଲେ ଇନ୍ଦିରା ଗାନ୍ଧୀ ।
୧୯୮୯: ତାଜିକିସ୍ତାନରେ ଭୟଙ୍କର ଭୂକମ୍ପରେ ଶତାଧିକ ଲୋକଙ୍କ ମୃତ୍ୟୁ ।
୨୦୦୨: ଜାମିନରେ ଆସିଲେ ଆର୍‌ଜେଡି ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବ ।
୨୦୦୪: ମଧ୍ୟପ୍ରଦେଶରେ ଗୋହତ୍ୟା ଉପରେ ପ୍ରତିବନ୍ଧକ ଲାଗୁ ।
୨୦୦୭: ଭାରତ ଓ ରୁଷ୍ ମଧ୍ୟରେ ମଧ୍ୟମ ଆକାର ବହୁଦେଶୀୟ ପରିବହନ ବିମାନ ଉତ୍ପାଦନ ଲାଗି ଚୁକ୍ତି ସ୍ୱାକ୍ଷରିତ ।
୨୦୦୯: ଫିଲ୍ମ ଓ ଟେଲିଭିଜନ କାର୍ଯ୍ୟକ୍ରମରେ ଧୂମପାନ ଦୃଶ୍ୟ ପ୍ରଦର୍ଶନ ଉପରେ ଲାଗିଥିବା ପ୍ରତିବନ୍ଧକ ହଟିଲା ।

## ପ୍ରୋଟିନ୍‌ଯୁକ୍ତ ଖାଦ୍ୟ



ଆମ ଖାଦ୍ୟରେ ପ୍ରୋଟିନର ଭରପୂର ମାତ୍ରା ରହିବାର ଆବଶ୍ୟକତା ରହିଛି । ତେବେ ଅନେକ ସମୟରେ ଖାଦ୍ୟରେ ବିଭିନ୍ନ କାରଣରୁ ପ୍ରୋଟିନ୍ ମାତ୍ରା କମିଥାଏ । ତେଣୁ କିଛି ଛୋଟ ଛୋଟ ନିୟମ ରହିଛି, ଯାହାକୁ ଆପଣାଇବା ଦ୍ୱାରା ଆମେ ଏହି ଅଭାବକୁ ଦୂର କରିପାରିବା । ସବୁବେଳେ ପ୍ରୋଟିନ୍‌ରେ ଭରପୂର ଥିବା ଜଳଖିଆ ଖାଆନ୍ତୁ । ସକାଳର ଆରମ୍ଭ ଜଳଖିଆରୁ ହୋଇଥାଏ । ତେଣୁ ସକାଳର ଜଳିଖିବା ହେଲ୍ଥି ଓ ପ୍ରୋଟିନ୍‌ଯୁକ୍ତ ହେବାର ଆବଶ୍ୟକତା ରହିଛି । ତେଣୁ ଏଥିରେ ଓଟସ୍, ଛିଲ୍ଲା, ପନିର ପରାଠା ଆଦି ସାମିଲ କରିପାରିବେ । କେବଳ ଜଳଖିଆ ନୁହେଁ ଦିନ ଭିତରେ ଯାହା ବି ଖାଉଛନ୍ତି ତାହାକୁ କିପରି ପ୍ରୋଟିନିଅସ କରିବେ ସେଥିପ୍ରତି ଧ୍ୟାନ ଦିଅନ୍ତୁ । ଖାଦ୍ୟରେ ବିଭିନ୍ନ ପନିପରିବା ଆଡ କରନ୍ତୁ । ସେହିଭଳି ଦହି ଓ ସାଲାଡକୁ ପ୍ରତିଦିନ ଖାଦ୍ୟରେ ସାମିଲ କରନ୍ତୁ । ଖାଲି ପେଟରେ ନରହି ସବୁବେଳେ କିଛି ହାଲୁକା ଫୁଲକା ଖାଇପାରିବେ । ସ୍ନାକ ଆଇଟମରେ ବାଦାମ, କାଜୁ, ଆଲମଣ୍ଡ ଆଦି ସାମିଲ କରନ୍ତୁ ଏହା ବେଶ ସ୍ୱାସ୍ଥ୍ୟକର ହୋଇଥାଏ ।

## ଏକୁଟିଆ ରହିବାକୁ ଇଚ୍ଛା



ବିଗ୍‌ବସ୍ ବିଜେତା ଶିଲ୍ପା ସିନ୍ଦେ ନିକଟରେ ନିଜ ବ୍ୟକ୍ତିଗତ ଜୀବନକୁ ନେଇ ଦେଇଥିବା ଷ୍ଟେଟମେଣ୍ଟ ଭାଇରାଲ ହେବାରେ ଲାଗିଛି । ସାରା ଜୀବନ ସେ ଏକୁଟିଆ ରହିବାକୁ ଚାହୁଁଥିବା ନେଇ ମତ ଦେଇଛନ୍ତି। ଆଜିକାଲି ବିବାହର ଅର୍ଥ ହିଁ ବଦଳି ଗଲାଣି । ଆଜିକାଲି ପତିପତ୍ନୀଙ୍କ ଭିତରେ କମ୍ପିଟିସନ ଆରମ୍ଭ ହୋଇଛି ।

କେହି କାହାରିକୁ ବୁଝିବାକୁ ନାରାଜ । ଯାହାର ଅର୍ଥ ମୁ ବୁଝି ପାରୁନାହିଁ, ତେଣୁ ବିବାହ କରିବାକୁ ମୁଁ ଚାହୁଁ ନାହିଁ । ସୂଚନା ଅନୁସାରେ ଶିଲ୍ପାଙ୍କର ଟିଭି ଆକ୍ଟର ରୋମିତ ରାଜଙ୍କ ସହିତ ନିର୍ବନ୍ଧ ମଧ୍ୟ ହୋଇଥିଲା । ହେଲେ ବିବାହର ଠିକ୍ ପୂର୍ବରୁ ଶିଲ୍ପା ଏହି ବିବାହ ଭାଙ୍ଗିବାକୁ ନିଷ୍ପତ୍ତି ନେଇଥିଲେ । ୨୦୦୭ ରେ ଆରମ୍ଭ ହୋଇଥିବା ଏହି ପ୍ରେମ ସମ୍ପର୍କ ୨୦୦୯ରେ ସମାପ୍ତ ହୋଇଥିଲା । ଏହା ପରଠାରୁ ଶିଲ୍ପା ସିଙ୍ଗିଲ ଅଛନ୍ତି । ନିଜ ଧାରାବାହିକ ଭାବିଜୀ ଘର ପେ ହେକୁ ନେଇ ଖୁବ ଚର୍ଚ୍ଚାରେ ରହିଥିଲେ ଶିଲ୍ପା । ଅଙ୍ଗୁରୀ ଭାବେ ଘରେଘରେ ପରିଚିତ ହୋଇଥିଲେ ।

## ଅସୁରେଶ୍ୱରରେ ୬ ଚାଷୀ ବିକିଲେ ୨୫୦କ୍ୱିଣ୍ଟାଲ ଧାନ

ନିଶ୍ଚିନ୍ତକୋଇଲି,(ସବ୍ୟୁ) : ଅସୁରେଶ୍ୱର କୃଷି ସେବା ସମବାୟ ସମିତି ଆନୁକୂଲ୍ୟରେ ଧାନ ମଣ୍ଡି ଖୋଲାଯିବା ପାଇଁ ସୋମବାର ଦିନ କଣ୍ଟାପୂଜା କରାଯାଇଛି । ସମିତିର ସମ୍ପାଦକ କୈଳାସଚନ୍ଦ୍ର ବାରିକଙ୍କ ପୌରହିତ୍ୟରେ ସଭାପତି ମନୋରଂଜନ ଭୂୟାଁ ଧାନମଣ୍ଡିକୁ ଉଦଘାଟନ କରିଥିଲେ । ଏହି ଉଦଘାଟନ ଉତ୍ସବରେ ସରପଞ୍ଚ ଗୌତମୀ ଦାସ, ସିଇଓ ଅଜୟ କୁମାର ସାହୁ, ନୋଡ଼ାଲ ଅଫିସର ପ୍ରିୟବ୍ରତ ମହାପାତ୍ର, ଆରଏମସି କର୍ମଚାରୀ ସେକ ମହମ୍ମଦ ଇଦ୍ରିସ, ଜ୍ୟୋତିରଂଜନ ନାୟକ,ଯୋଗେନ୍ଦ୍ରନାଥ ବେହୁରା, ଶିବପ୍ରସାଦ ପଣ୍ଡା, ଜଗନ୍ନାଥ ନାୟକ, ବିଜୟ ବଳ, ଅଶୋକ ମିଶ୍ର, ପୁର୍ଣ୍ଣାନନ୍ଦ ବେହେରା,ଶାରଦାପ୍ରସନ୍ନ ନାୟକ, ବିଜୟ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଥମ ଦିନରେ ଏହି ମଣ୍ଡିରେ ୬ଜଣ ଚାଷୀଙ୍କ ଠାରୁ ଅନ୍ନପୂର୍ଣ୍ଣା ମିଲର ୨୫୦କ୍ୱିଣ୍ଟାଲ ଧାନ କିଣିଥିଲା । ଅସୁରେଶ୍ୱର,କଟିକଟା ଓ କେଣ୍ଟାଳୋ ପଞ୍ଚାୟତର ୩୮୮ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜିକୃତ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ୪ହଜାର କ୍ୱିଣ୍ଟାଲ ଧାନ କିଣିବା ପାଇଁ ସରକାରୀ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

## କୋର୍ଟର ବିଭିନ୍ନ କାର୍ଯ୍ୟ ତଦାରଖ କଲେ ଜିଲ୍ଲା ଜଜ

କେନ୍ଦ୍ରାପଡା,(ସବ୍ୟୁ) : କେନ୍ଦ୍ରାପଡା ର ମାନ୍ୟବର ଜିଲ୍ଲା ଓ ଦୌରାଜଜ ବୀଶ୍ୱଜିତ ମହାଁଙ୍କ ତତ୍ୱାବଧାନରେ କୋର୍ଟ ରେଜିଷ୍ଟ୍ରାର ରମାଦେବୀ ସୋରେନ, ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ, ପୁର୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ରବୀନ୍ଦ୍ର କୁମାର ଜେନା, ନିର୍ବାହୀ ଯନ୍ତ୍ରୀ ଜିତେନ୍ଦ୍ର ସାହୁ, ଜେଇ ଅଶୋକ କୁମାର ଦାସ ପ୍ରମୁଖ ଜିଲ୍ଲା ଜଜଙ୍କ ତତ୍ୱାବଧାନ ରେ ପୁରୁଣା କୋର୍ଟ ପରିସର ରେ ବିଭିନ୍ନ କାର୍ଯ୍ୟ ତଦାରଖ କରିଥିଲେ । କୋର୍ଟ ପରିସର ରେ ଥିବା ରେକର୍ଡ ରୁମ୍ ଓ ଅନ୍ୟାନ୍ୟ କୋର୍ଟର ଗୃହ ଗୁଡିକୁ ଦେଖି ସେଗୁଡିକୁ ମରାମତି କରିବା ସହ ସେଥିରେ ବିଦ୍ୟୁତ୍ ସଂଯୋଗ ଓ ଭାଙ୍ଗି ପଡିଥିବା କାନ୍ଥ, ଛାତ ମରାମତି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

# ଶକ୍ତି ସଂରକ୍ଷଣ ପାଇଁ ନିଆଯାଉଥିବା ପଦକ୍ଷେପକୁ ଶୀଘ୍ର କାର୍ଯ୍ୟକାରୀ କର: ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ

ଭୁବନେଶ୍ୱର:,(ସବ୍ୟୁ): ଖାରବେଳ ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏନର୍ଜି ଏଫିସିଏନ୍ସି ସର୍ଭିସର ବରିଷ୍ଠ ଅଧିକାରୀ ଶକ୍ତି ସଂରକ୍ଷଣ ପାଇଁ ଆଗାମୀ ପଦକ୍ଷେପ ବାବଦରେ ଏକ ଉପସ୍ଥାପନା ପ୍ରଦର୍ଶନ କରିଥିଲେ ।

ଓଡ଼ିଶା ସରକାରଙ୍କ ସହ ସହଭାଗିତାରେ କାର୍ଯ୍ୟ କରି ଉପଭୋକ୍ତାଙ୍କୁ କମ୍ ବିଦ୍ୟୁତ ଖର୍ଚ୍ଚ ହେଉଥିବା ଉପକରଣ ସୁଲଭ ମୂଲ୍ୟରେ ଯୋଗାଇଦେବା ବିଷୟରେ ଆଲୋଚନା କରାଯାଇଥିଲା । ଉର୍ଜାବୀର ଭଳି ଯୋଜନା ଗୁଡ଼ିକ ବିଷୟରେ ବିସ୍ତୃତ



ଆଲୋଚନା ହୋଇଥିଲା ଏବଂ ଏନେଇ ଏକ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା । ସରକାରୀ ଅଫିସ ଗୁଡିକରେ ବହୁବର୍ଷ ଧରି ଚାଲି ଆସୁଥିବା ପୁରୁଣା ଫ୍ୟାନ ଗୁଡ଼ିକୁ ବଦଳାଇ ଶକ୍ତି ସଂରକ୍ଷଣ କରୁଥିବା ଫ୍ୟାନ ଓ ବୈଦ୍ୟୁତିକ ଉପକରଣ ଲଗାଇବା ପାଇଁ ବୈଠକରେ ଆଲୋଚନା ହୋଇଥିଲା । ଯୋଜନା ଗୁଡ଼ିକୁ ଭଲଭାବେ ତର୍ଜମା କରି ଆଗାମୀ ପଦକ୍ଷେପ ନେବା ଓ ଏହାକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଳ ଦେବ, ସର୍ବୋଚ୍ଚ ଯନ୍ତ୍ରୀ ପ୍ୟାରୀମୋହନ ମିଶ୍ର ଏବଂ ଇଇଏସଏଲ ର ବରିଷ୍ଠ ଅଧିକାରୀ ବୃନ୍ଦ ଯୋଗଦେଇଥିଲେ ।

## ଶ୍ରୀକୃଷ୍ଣ ଗୋଶାଳାରେ ରାଧାକୃଷ୍ଣଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠା



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ପୋତାପାଲି ସ୍ଥିତ ଶ୍ରୀକୃଷ୍ଣ ଗୋଶାଳାର ୧୨୫ତମ ସ୍ଥାପନା ଦିବସ ସହ ରାଧାକୃଷ୍ଣ ମନ୍ଦିର ପ୍ରାଣପ୍ରତିଷ୍ଠା ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇ କାର୍ଯ୍ୟକ୍ରମରେ ସାମିଲ ହେବା ସହ ନୂତନ ପ୍ରକଳ୍ପ ନିର୍ମାଣ ପାଇଁ ଭୂମିପୂଜନ ମଧ୍ୟ କରିଥିଲେ । ସେ ଏହି ଅବସରରେ କହିଥିଲେ ଯେ, ମାନବ ସମାଜ ପାଇଁ ଗୋ ମାତାର ଅବଦାନ ଅନେକ ରହିଛି । ଗୋ ମାତା ହେଉଛନ୍ତି ଆମ ସ୍ୱାସ୍ଥ୍ୟର ଆଧାର । ଗୋ ମାତାର ଲାଳନପାଳନ ସହ ସୁରକ୍ଷା ଦିଗରେ ଏହି ଅନୁଷ୍ଠାନର କାର୍ଯ୍ୟ ପ୍ରଂଶସନୀୟ । ଗୋ ସମ୍ପଦର ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ପ୍ରତିଶ୍ରୁତିବଦ୍ଧ । ସୂଚନାଯୋଗ୍ୟ, ଗତ ୧୮ତାରିଖ ଠାରୁ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଥିଲା । ହୋମଯଜ୍ଞ ଆଦି ଅନୁଷ୍ଠାନରେ ବିଶ୍ୱାତ୍ମ ଚେତନା ପରିଷଦର ଅଧ୍ୟକ୍ଷ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ ପ୍ରମୁଖ ସାଧୁସନ୍ଥ ଓ ଶ୍ରଦ୍ଧାଳୁ ଏକତ୍ରିତ ହୋଇଥିଲେ । ଏହା ପୂର୍ବରୁ ବଡବଜାର ଠାରେ ରହିଥିଲା । ସମଲେଇ ପ୍ରକଳ୍ପ ଯୋଗୁଁ ୨୦୨୧ରେ ପୋତାପାଲିକୁ ସ୍ଥାନାନ୍ତର ହୋଇଥିଲା । ତେବେ ମନ୍ଦିର ପ୍ରତିଷ୍ଠା ଓ ରାଧାକୃଷ୍ଣ ବିଗ୍ରହଙ୍କ ମଣ୍ଡପ ବିଜେ ଉତ୍ସବ ଦର୍ଶନ ପାଇଁ ଭକ୍ତଙ୍କ ବେଶ ସମାଗମ ହୋଇଥିଲା ।

## ପିଡ଼ିଏସ୍ ଚାଉଳ ବଣ୍ଟନକୁ ନେଇ ଏମ୍ଆଇଙ୍କୁ ଘେରିଲେ ଲୋକେ

ଡେରାବିଶ, (ସବ୍ୟୁ) : ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ସବଳଙ୍ଗ ଗ୍ରାମରେ ଆଜି ପିଡ଼ିଏସ୍ ସାମଗ୍ରୀ ବଂଟନକୁ ନେଇ ପ୍ରବଳ ହଙ୍ଗଗୋଳ ହୋଇଥିଲା । ଏହି ଘଟଣା ଏତେ ଉଗ୍ର ରୂପ ନେଇଥିଲା ଯେ, ଘଟଣା ସ୍ଥଳରେ ଡେରାବିଶ ପୋଲିସ୍ ଓ ଯୋଗାଣ ନିରୀକ୍ଷକ ପହଂଚି ଘଟଣାଟିକୁ ସମାଧାନ କରିଥିଲେ । ସୂଚନାରୁ ପ୍ରକାଶ ଏହି ଗ୍ରାମରେ ପୂର୍ବରୁ ରେଶନ ସାମଗ୍ରୀ ଦେଉଥିବା ଡିଲର ଜଣକ ଅନିୟମିତତା କାର୍ଯ୍ୟ କରିବାରୁ ତାଙ୍କୁ ନିଲମ୍ବିତ କରାଯାଇଛି । ଫଳରେ ଏହି ଗ୍ରାମରେ ରେଶନ ସାମଗ୍ରୀ ଯୋଗାଇ ଦେବା ପାଇଁ ନିକଟସ୍ଥ ଖମୋଳ ପଞ୍ଚାୟତର ଡିଲର ରମାକାନ୍ତ ଦାସଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା । ତେବେ ରମାକାନ୍ତ ବୁଧବାର ଦିନ ସବଳଙ୍ଗ ଗ୍ରାମରେ ଥିବା ଡିଲର ପଏଂଟରେ ଚାଉଳ ହିତାଧିକାରୀଙ୍କୁ ବାଂଟିବା ସମୟରେ କିଛି ହିତାଧିକାରୀ ଓଜନରେ କମ୍ ହେଉଥିବା ଦର୍ଶାଇ ହୋ ହାଲ୍ଲା କରିଥିଲେ । ଏପରିକି ସମ୍ପୃକ୍ତ ଡିଲରଙ୍କ ବିରୋଧରେ ଡେରାବିଶ ଥାନାରେ ବିଶ୍ୱରଞ୍ଜନ ବାହାଲିଆ ଏକ ଅଭିଯୋଗ କରିଥିଲେ । ଏହି ଅଭିଯୋଗ ପାଇବା ପରେ ଡେରାବିଶ ପୋଲିସ୍ ଘଟଣା ସ୍ଥଳରେ ପହଂଚି ଚାଉଳ ଦେବା କାର୍ଯ୍ୟ ବନ୍ଦ କରିଥିଲେ । ତେବେ ଏହି ସମୟରେ ଗ୍ରାମର କିଛି ଲୋକ ଏହି ଡିଲର ପଏଂଟ ଠାରୁ ପାଖାପାଖି ୩୦୦ ମିଟର ଦୂରରେ ଜନୈକ ଲୋକଙ୍କ ଘରେ ଏକ ଟ୍ରିପ ରେଶନ ଚାଉଳ ଲୁଚା ହୋଇ ରଖାଯାଇଥିବା ଅଭିଯୋଗ କରିଥିଲେ । ଏଥିସହ ଲୋକମାନେ ଉକ୍ତ ଘରକୁ ଦୀର୍ଘ ସମୟଧରି ଘେରି ଜଗି ରହିଥିଲେ । ତେବେ ଲୋକମାନେ ଡିଲରଙ୍କୁ ଏହି ଲୁଚା ହୋଇଥିବା ଚାଉଳ ସମ୍ପର୍କରେ ପଚାରିବାରୁ ସେ ଏ ସମ୍ବନ୍ଧରେ କୌଣସି କଥା ଜାଣିନାହିଁ ବୋଲି କହିଥିଲେ । ଏହି କଥା ଶୁଣିବା ପରେ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ପିଡ଼ିଏସ୍ ଚାଉଳ ଲୁଚା ହୋଇଥିବା ନେଇ ସନ୍ଦେହ ବଢ଼ିଥିଲା । ଘଟଣା ସ୍ଥଳରେ ଲୋକମାନଙ୍କ ମଧ୍ୟରେ ଉତେଜନା ପ୍ରକାଶ ପାଇଥିଲା । ପରେ ଡେରାବିଶ ଥାନା ଏସ୍ଆଇ ମେନକା ତ୍ରିପାଠୀ ସଦଳବଳେ ଘଟଣା ସ୍ଥଳରେ ପହଂଚି ପରିସ୍ଥିତିକୁ ଆୟତ କରିବା ସହିତ ଘଟଣା ସ୍ଥଳକୁ ଡେରାବିଶ ଯୋଗଣ ନିରୀକ୍ଷକ ସ୍ୱରୁପ ଦାସଙ୍କୁ ଡକାଇଥିଲେ । ପରେ ଯୋଗାଣ ନିରୀକ୍ଷକ ଶ୍ରୀ ଦାସ ପହଂଚି ଓଜନ ଯନ୍ତ୍ରଟିକୁ ଯୋଗାଣ ବିଭାଗ ପକ୍ଷରୁ ରହିଥିବା ଟେକ୍ନିକାଲ ଟିମ୍ ଯାଂଚକରି ପ୍ରଦାନ କରିଥିଲେ । ତେବେ ଏହି ଡିଲର ପଏଂଟରେ ରହିଥିବା ମେସିନ୍‌କୁ ଯୋଗାଣ ବିଭାଗର ଟେକନିକାଲ୍ ଟିମ୍ ଯାଂଚ କଲା ପରେ ଯଦି ଓଜନ ମେସିନ୍‌ରେ ଓଜନ କମ୍ ହେଉଥିବ ତେବେ ସେହି ଚାଉଳକ ହିତାଧିକାରୀମାନଙ୍କୁ ଆସନ୍ତା ଦୁଇଦିନ ମଧ୍ୟରେ ଭରଣା କରାଯିବ । ହେଲେ ଲୋକମାନେ ଏହି ଡିଲର ପଏଂଟରେ ଥିବା ମେସିନ୍‌କୁ ଆସନ୍ତା କାଲି ଏହିଠାରେହିଁ ପଂଚାୟତର ସରପଞ୍ଚ, ସମିତିସଭ୍ୟା ଓ ୱାର୍ଡ଼ସଭ୍ୟଙ୍କ ଉପସ୍ଥିତିରେ ଟେକନିକାଲ ଟିମ୍ ଯାଚ କରିବେ ବୋଲି ଜିଦିଧରିଥିଲେ । ଏଥିରେ ଯୋଗାଣ ନିରୀକ୍ଷକ ରାଜିହୋଇଥିଲେ । ଏଥିସହିତ ଯୋଗାଣ ନିରୀକ୍ଷକ ନିକଟରେ ଅନ୍ୟ ଏକ ଘରେ ତାଙ୍କ ଜ୍ଞାତ ସାରରେ ପିଡିଏସ୍ ଚାଉଳ ରଖାଯାଇଥିବା ପ୍ରକାଶ କରିଥିଲେ । ଏଥିସହିତ ସେହି ଘରକୁ ପୋଲିସ୍ ଓ ପଲେଇ ସରପଞ୍ଚ ଅକ୍ଷୟ ସାହୁଙ୍କ ଉପସ୍ଥିତିରେ ଖୋଲି ଯାଞ୍ଚ କରାଯାଇଥିଲା । ଏହି ଘରେ ୧୨୭ ବସ୍ତା ପିଡିଏସ୍ ଚାଉଳ ରହିଥିବା ଦେଖାଯାଇଥିଲା । ଏହାକୁ ଗଣତି କରାଯାଇ ପୁନର୍ବାର ନୂତନ ତାଲା ପକାଇବା ସହିତ ଏହି ଚାଉଳ କୌଣସି ଚୋରା ଚାଉଳ ନୁହେଁ, ଏଠାରେ ପିଡ଼ିଏସ୍ ସାମଗ୍ରୀ ଷ୍ଟକ ରଖାଯିବା ପାଇଁ ଘର ମାଲିକଙ୍କ ସହିତ ଏଗ୍ରିମେଣ୍ଟକରାଯାଇଥିବା ପ୍ରକାଶ କରିଥିଲେ ।

# ସୋଆ ରେ କ୍ୟାପାସିଟି ବିଲ୍ଡିଂ ପ୍ରୋଗ୍ରାମ

ଭୁବନେଶ୍ୱର,ଜାନୁଆରୀ ୨୨: ବୈଦେଶିକ ବାଣିଜ୍ୟ, ଲଜିଷ୍ଟିକ୍ସ ଏବଂ ରପ୍ତାନୀକୁ ନେଇ ଏକ କ୍ୟାପାସିଟି ବିଲ୍ଡିଂ କାର୍ଯ୍ୟକ୍ରମ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ରେ ଆୟୋଜିତ ହୋଇଯାଇଥିବା ବେଳେ ବିଶେଷଜ୍ଞମାନେ ରପ୍ତାନୀ କ୍ଷେତ୍ରରେ ଉପଲବ୍ଧ ବିଭିନ୍ନ ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମ ଅଲ୍ ଓଡ଼ିଶା ଏସ୍‌ସି –ଏସ୍‌ଟି ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡିଷ୍ଟ୍ରିଜ୍ (ଓଏସ୍‌ସିଆଇ) ଦ୍ୱାରା ପ୍ରାୟୋଜିତ ତଥା ଏଗ୍ରିକଲ୍ଚରାଲ୍ ଆଣ୍ଡ ପ୍ରୋସେସ୍‌ଡ ଫୁଡ୍ ପ୍ରଡକ୍ଟସ୍ ଏକ୍ସପୋର୍ଟ ଡେଭଲପମେଂଟ ଅଥରିଟି (ଏପିଇଡିଏ),ସ୍ମଲ୍ ଇଣ୍ଡଷ୍ଟ୍ରିଜ୍ ଡେଭଲପମେଂଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍ଆଇଡିବିଆଇ) ଏବଂ ସୋଆର ସହଯୋଗରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଏସ୍ଆଇଡିବିଆଇର ଡେପୁଟି ଜେନେରାଲ୍ ମ୍ୟାନେଜର ପ୍ରଦ୍ୟୁମ୍ନ କୁମାର ଚୌଧୁରୀ ଯୋଗ ଦେଇ ବ୍ୟାଙ୍କଗୁଡ଼ିକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ମାଇକ୍ରୋ ସ୍ମଲ୍ ଏବଂ ମିଡିୟମ୍ ଏନ୍‌ଟରପ୍ରାଇଜେସ୍ (ଏମ୍ଏସ୍ଏମ୍ଇ) ଗୁଡ଼ିକୁ ସହଯୋଗ କରୁଥିବା ବେଳେ ସେମାନଙ୍କୁ ବିଭିନ୍ନ କ୍ଷେତ୍ରରେ ପ୍ରଶିକ୍ଷଣ ମଧ ଦିଆଯାଉଛି ବୋଲି କହିଥିଲେ । କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅନ୍ତର୍ଗତ ବୈଦେଶିକ ବାଣିଜ୍ୟ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଅମିତ କୁମାର ରପ୍ତାନୀ ଏବଂ ଆମଦାନୀ କ୍ଷେତ୍ରରେ ବିକାଶ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିବା ସହ ଏଥିରେ




ପ୍ରଯୁକ୍ତି ବିଜ୍ଞାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ସେହିପରି ଏପିଇଡିଏର ଆଂଚଳିକ ମୁଖ୍ୟ ଏସ୍.କେ ମଣ୍ଡଳ ଖାଦ୍ୟ ଏବଂ କୃଷିଜାତ ଦ୍ରବ୍ୟର ରପ୍ତାନୀ ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ । ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏହି କାର୍ଯ୍ୟକ୍ରମକୁ ସ୍ୱାଗତ କରିବା ସହ ଷ୍ଟାର୍ଟଅପ୍ ଏବଂ ଏମ୍ଏସ୍ଏମ୍ଇ ଗୁଡ଼ିକୁ ସହଯୋଗର ହାତ ବଢ଼ାଇବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ଓଏସ୍ଏମଇଇର ସେକ୍ରେଟାରୀ ଜେନେରାଲ୍ ଶ୍ରୀ ସ୍ୱସ୍ତିକ ସ୍ୱାଇଁ କହିଥିଲେ ଯେ ଖାଦ୍ୟ ପଦାର୍ଥ, ମତ୍ସ୍ୟ, କୃଷିଜାତ ଉତ୍ପାଦ ଏବଂ ମାଣ୍ଡିଆର ରପ୍ତାନୀ କ୍ଷେତ୍ରରେ ଓଡ଼ିଶାରେ ଅନେକ ସୁଯୋଗ ରହିଛି । କାର୍ଯ୍ୟକ୍ରମରେ ଓଏସ୍‌ସିଆଇର ସଭାପତି ସାଧୁ ଛତ୍ରିଆ, ନାବାର୍ଡର ଆସିଷ୍ଟାଂଟ ଜେନେରାଲ ମ୍ୟାନେଜର ବିଜୟ କୁମାର ଜାମୁଡା, ୱାର୍ଲ୍ଡ ଟ୍ରେଡ ସେଂଟର ଆସିଷ୍ଟାଂଟ ଡାଇରେକ୍ଟର ଶ୍ରୀମତି ନିମିଷିକା ନଟରାଜନ୍, ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍ଚରାଲ୍ ସାଇନ୍‌ସେସ୍ (ଆଇଏଏସ୍)ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଏବଂ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ବକ୍ତବ୍ୟ ରଖିଥିଲେ ।

## ତଟ ରକ୍ଷକ ପକ୍ଷରୁ ପାରାଦୀପ ଠାରେ ନର୍କୋଟିକ୍ସ ପ୍ରଶିକ୍ଷଣ

ପାରାଦୀପ (ଜିପ୍ର): ପାରାଦୀପ ସ୍ଥିତ ଭାରତୀୟ ତଟ ରକ୍ଷକ ମୁଖ୍ୟାଳୟ ରେ ଜାନୁଆରୀ ୨୦ ରୁ ୨୨ ତାରିଖ ପର୍ଯ୍ୟନ୍ତ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (କ୍ରଛଇ) ଏବଂ ଅନ୍ୟାନ୍ୟ ଡ୍ରଗ୍ ଲ ଏନ୍ଫୋର୍ସମେଣ୍ଟ ଏଜେନ୍ସି (ଉକ୍ଉଅଟ) ଅଧିକାରୀମାନଙ୍କ ପାଇଁ ଆୟୋଜନ କରାଯାଇଥିଲା। ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଭାରତର ସମୁଦ୍ର ସୀମାରେ ଚାଲିଥିବା ନିଶା ଓ ମାଦକ ପଦାର୍ଥ ର ଚୋରା ଚାଲାଣ ନିବାରଣ ପାଇଁ ଆବଶ୍ୟକ ଜ୍ଞାନ କୌଶଳ ପ୍ରଦାନ କରିବା।ଏହି ପ୍ରଶିକ୍ଷଣରେ ଅଧିକାରୀମାନେ ସମୁଦ୍ର ରେ ସୁରକ୍ଷା ଜ୍ଞାନ, ଆଇନ ଅନୁଷ୍ଠାନ ଅଭ୍ୟାସ, ତଲାଶି ଏବଂ ଜବତ କୌଶଳ, ସମ୍ମିଳନ ଏବଂ ସମନ୍ୱୟ ବିଷୟରେ ଅଭ୍ୟାସ କରିଥିଲେ। ଏହି ପ୍ରଶିକ୍ଷଣ ସମୁଦ୍ର ସୀମାରେ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ଏକତ୍ର ଉଦ୍ୟମକୁ ଜୋରଦାର କରିବାରେ ଭାରତୀୟ ତଟ ରକ୍ଷକର ପ୍ରତିବଦ୍ଧତାକୁ ସୁନିଶ୍ଚିତ କରିଥିଲା।ପ୍ରଶିକ୍ଷଣରେ ଉପସ୍ଥିତ ଅଧିକାରୀମାନଙ୍କୁ ସମ୍ବୋଧନ କରି ତଟ ରକ୍ଷକ (ଓଡିଶା)ର କମାଣ୍ଡର ଉପ ମହାନିରୀକ୍ଷକ ସଂଜୟ ନେଗି କହିଥିଲେ, ସମୁଦ୍ରପଥରେ ନିଶା ଓ ମାଦକ ପଦାର୍ଥ ର ଚୋରା ଚାଲାଣ ରୋକିବା ପାଇଁ ସମନ୍ୱୟ ଏବଂ ସହକାରୀ ପ୍ରୟାସ ଅତ୍ୟନ୍ତ ଆବଶ୍ୟକଛ ଏହି ପ୍ରଶିକ୍ଷଣ ବିଭିନ୍ନ ଏଜେନ୍ସିମାନଙ୍କ ସହ ଭାରତୀୟ ତଟ ରକ୍ଷକର ସହଯୋଗକୁ ଅଧିକ ଜୋରଦାର କରିବ।

## ବିଏମଡବ୍ଲୁ ଏକ୍ସ୩, ଏସ ୧୦୦୦ ଆରଆର ଏବଂ ଆର ୧୩୦୦ ଜିଏସଏର ଶୁଭାରମ୍ଭ

ଭୁବନେଶ୍ୱର,(ସବ୍ୟୁ): ଅଟୋ ଏକ୍ସପୋ ୨୦୨୫ର ୨ୟ ଦିନରେ ଭାରତରେ ଅଲ୍-ନ୍ୟୁ ବିଏମଡବ୍ଲୁ ଏକ୍ସ୩ ଏବଂ ବିଏମଡବ୍ଲୁ ଏସ ୧୦୦୦ ଆରଆର ର ଉନ୍ମୋଚନ କରାଯାଇଛି । ଅଲ୍-ନ୍ୟୁ ବିଏମଡବ୍ଲୁ ଏକ୍ସ୩ ଦେଶରେ ଉଭୟ ପେଟ୍ରୋଲ ଓ ଡିଜେଲ ପାୱାରଟ୍ରେନରେ ଉପଲବ୍ଧ ହେବ । ଅଲ-ନ୍ୟୁ ବିଏମଡବ୍ଲୁ ଏକ୍ସ୩ ଏକ୍ସଡ୍ରାଇଭ୨୦ ଏମ ସ୍ପୋର୍ଟ ୭୫,୮୦,୦୦୦ଟଙ୍କା ଏବଂ ଅଲ-ନ୍ୟୁ ବିଏମଡବ୍ଲୁ ଏକ୍ସ୩ ଏକ୍ସଡ୍ରାଇଭ୨୦ଡି ଏମସ୍ପୋର୍ଟ ୭୭,୮୦,୦୦୦ଟଙ୍କାର ଏକ୍ସ-ଶୋରୁମ ମୂଲ୍ୟରେ ଉପଲବ୍ଧ । ଯେବେକି ଅତ୍ୟଧିକ ଲୋକପ୍ରିୟ ସୁପର ସ୍ପୋର୍ଟ ବାଇକ ବିଏମଡବ୍ଲୁ ଏସ ୧୦୦୦ ଆରଆର ଦେଶରେ ଏକ କମ୍ପ୍ଲିଟ୍‌ଲି ବିଲ୍ଟ-ଅପ ୟୁନିଟ୍ ଭାବେ ଉପଲବ୍ଧ ହେବ । ବିଏମଡବ୍ଲୁ ଏସ ୧୦୦୦ ଆରଆର'ର ପ୍ରାରମ୍ଭିକ ଏକ୍ସ-ଶୋ'ରୁମ୍ ମୂଲ୍ୟ ୨୧,୧୦,୦୦୦ଟଙ୍କା ରହିଛି । ସେହିଭଳି ନୂଆ ବିଏମଡବ୍ଲୁ ଆର ୧୩୦୦ ଜିଏସ ଆଡ୍‌ଭେଂଚରକୁ ଭାରତରେ ଶୁଭାରମ୍ଭ କରାଯାଇଛି । ଏହି ଆଡ୍‌ଭେଂଚର ମୋଟରସାଇକେଲ ଏକ କମ୍ପ୍ଲିଟ୍‌ଲି ବିଲ୍ଟ-ଅପ୍ ୟୁନିଟ (ସିବିୟୁ) ଭାବେ ଉପଲବ୍ଧ ହେବ । ନୂଆ ବିଏମଡବ୍ଲୁ ଆର ୧୩୦୦ ଜିଏସ ଆଡ୍‌ଭେଂଚର୍‌ର ପ୍ରାରମ୍ଭିକ



ଏକ୍ସଶୋରୁମ୍ ମୂଲ୍ୟ ୨୨,୯୫,୦୦୦ଟଙ୍କା ରହିଛି । ଏଗୁଡ଼ିକର ଡେଲିଭରି ଆସ'ା ଏପ୍ରିଲ୍ ୨୦୨୫ ରୁ ଆରମ୍ଭ ହେବ ।

ଏହି ଶୁଭାରମ୍ଭ ସମ୍ପର୍କରେ ବିଏମଡବ୍ଲୁ ଗ୍ରୁପ ଇଣ୍ଡିଆର ଅଧକ୍ଷ ଓ ସିଇଓ ବିକ୍ରମ ପାୱା କହିଛନ୍ତି, ' ଅଲ୍-ନ୍ୟୁ ବିଏମଡବ୍ଲୁ ଏକ୍ସ୩ର ଶୁଭାରମ୍ଭ ସହିତ ଆଧୁନିକତା, ଉପସ୍ଥିତି ଓ ସ୍ପୋର୍ଟିଙ୍ଗ୍ ଫ୍ଲେୟାର ଅପ୍ରତ୍ୟାଶିତ ଉଚ୍ଚତାରେ ପହଂଚିଛି। ଆଇକୋନିକ ସ୍ପୋର୍ଟସ୍ ଆକ୍ଟିଭିଟି ଭେଇକିଲର ୪ର୍ଥ ପିଢି ଭାବେ ଏକ୍ସ୩ ଏକ ନୂତନ ଯୁଗର ଆରମ୍ଭ କରିଛି। ନୂଆ ବିଏମଡବ୍ଲୁ ଏସ ୧୦୦୦ ଆରଆର ପରବର୍ତ୍ତୀ ରୋମାଂଚ ସନ୍ଧାନରେ ଥିବା ରେସିଙ୍ଗ୍ ଉତ୍ସାହୀଙ୍କ ପାଇଁ ଏକ ପସନ୍ଦର ସ୍ପୋର୍ଟସ ବାଇକ୍ ଅଟେ। ଏହା ଉଚ୍ଚ ଟ୍ରାକ୍ ପ୍ରଦର୍ଶନ ସହ ସୁପରବାଇକ୍ ଆଇକନ ଅଟେ। ଅଲ୍-ନ୍ୟୁ ବିଏମଡବ୍ଲୁ ଆର ୧୩୦୦ ଜିଏସ ଆଡ୍‌ଭେଂଚର ବୃହତ ଆଡ୍‌ଭେଂଚର ମୋଟରସାଇକେଲ ଦୁନିଆରେ ଏକ ନୂଆ ବେଂଚ୍‌ମାର୍କ ଅଟେ। ଏହା ଏକ ବିସ୍ତୃତ ରେଉ ଷ୍ଟାଣ୍ଡାର୍ଡ ଇକ୍ୱିପମେଂଟ ସହ ସୁସଜ୍ଜିତ ଏବଂ ଏହା ଅଧିକ ଇଣ୍ଡିଭିଜୁଆଲାଇଜ୍‌ଡ ହୋଇଥିବା ବେଳେ ଏହା ଆପଣଙ୍କୁ ଏକ ସୀମାହୀନ ମୋଟରସାଇକେଲ ଅନୁଭୂତି ଉପଭୋଗ କରିବା ପାଇଁ ଆମନ୍ତ୍ରିତ କରୁଛି ।

## ରଘୁନାଥପୁର ପଞ୍ଚାୟତ ସମିତିର ଚତୁର୍ଥ ଅଧିବେଶନ

ରଘୁନାଥପୁର, (ସବ୍ୟୁ) :ବୁଧବାର ରଘୁନାଥପୁର ପଞ୍ଚାୟତ ସମିତିର ୪ର୍ଥ ଅଧିବେଶନ ଅଧକ୍ଷା ଲକ୍ଷ୍ମୀବେହେରାଙ୍କ ଅଧ୍ୟକ୍ଷତାରେ ସମିତି ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ସାଂସଦ ବିଭୂ ପ୍ରସାଦ ତରାଇ ଓ ଅନ୍ୟତମ ଅତିଥି ଭାବେ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଯୋଗଦେଇ ସମିତିର ଆଲୋଚନାରେ ଭାଗନେଇଥିଲେ।ଅନ୍ୟମାନଙ୍କ ମଧ୍ୟରେ ଉପାଧକ୍ଷ ଦେବାଶିଷ ତ୍ରିପାଠୀ, ଜିଲ୍ଲାପରିଷଦ ସଭ୍ୟା ରୀନାରାଣୀ ମଲ୍ଲିକ, ଇତିଶ୍ରୀ ମଲ୍ଲିକ, ବିଡିଓ ବିରଞ୍ଚି ନାରାୟଣ ବେହେରା, ବ୍ଲକ ସହକାରୀ ଯନ୍ତ୍ରୀ ସୂର୍ଯ୍ୟନାରାୟଣ ବାରିକ ଯୋଗ ଦେଇଥିଲେ। ସଭାକାର୍ଯ୍ୟ ଆରମ୍ଭରେ ଉପସ୍ଥିତ ଥିବା ମେଡିକାଲ ସୁପରେଣ୍ଟନଡେଣ୍ଟ ସୁକାନ୍ତ କୁମାର ଦଳାଇ ସ୍ୱାସ୍ଥ୍ୟ ଉପରେ ବିବରଣୀ ରଖିଥିଲେ।ଏଥିରେ ସ୍ୱାସ୍ଥ୍ୟ, ଶିଶୁ ବିକାଶ, ରାସନ ସାମଗ୍ରୀ,ବିଦ୍ୟୁତ ଭଳି ବହୁ ଗୁରୁତ୍ୱ ପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇ ଥିଲା। ଏହି ବୈଠକରେ ରେଣୁକା ସମିତି ସଭ୍ୟ ଯୋଗଦେଇ ପୁର୍ବ ସରକାରଙ୍କ ନୀତି ଅନୁଯାୟୀ ପରିବାର ରାସନ୍ କାର୍ଡରେ ଭୁଲବଶତଃ ନାଁ ନଥିବା ଏକ ଗରିବ ପରିବାରର ସଦସ୍ୟଙ୍କ ଆକସ୍ମିକ ଚିକିତ୍ସା ପାଇଁ ତାଙ୍କ ନାମକୁ ତୁରନ୍ତ ରାସନ୍ କାର୍ଡରେ ଉଲ୍ଲେଖ କରି ବିଏସକେୱାଇ ଯୋଜନାର ସୁଫଳ ଯୋଗାଇ ଦେବାକୁ ଦାବୀ କରିବା ସହିତ ୧୯ ଗୋଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ସଭ୍ୟା ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରଶ୍ନ ରଖିଥିଲେ।ଏଥିରେ ବ୍ଲକ ସ୍ତରୀୟ ସମସ୍ତ ସରକାରୀ କାର୍ଯ୍ୟାଳୟର ଅଧିକାରୀ ଯୋଗଦେଇ ସମସ୍ତ ପ୍ରଶ୍ନର ଉତ୍ତର ରଖିଥିଲେ। ଏବିଡିଓ ଜ୍ଞାନଦା ନାୟକ ଅତିଥି ପରିଚୟ କରିଥିବାବେଳେ ଜି ପି ଓ ସ୍ମାରକ ମହାନ୍ତି ପୂର୍ବବୀବରଣୀ ପଠନ କରିଥିଲେ।ବ୍ଲକର ସମସ୍ତ କର୍ମଚାରୀ ମାନେ ଏଥିରେ ସହଯୋଗ ପ୍ରଦାନ କରିଥିବାବେଳେ ରଘୁନାଥପୁର ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷାକରାଯାଇଥିଲା।

**D.A.V. PUBLIC SCHOOLS, BHUBANESWAR**
Managed by
D.A.V. College Managing Committee, New Delhi.
Phone No. (0674)-2391328, 2740651, 2352392, 2386185

**REGISTRATION FOR NURSERY & L.K.G. (2025-26)**

Online registration of application for admission into Nursery & L.K.G. class of DAV Public Schools of Bhubaneswar for the session **2025-26** shall be open from **21.02.2025 to 20.03.2025** on payment of **₹.1000/-**(Rupees One Thousand only) through Debit Card/ Net Banking. The candidate should be born between **01.09.2021 and 31.08.2022 (both days inclusive) in the case of Nursery and from 01.09.2020 to 31.08.2021 (both days inclusive) in the case of LKG. 25% of the seats, as per RCFCE Act 2009, are reserved for the candidates belonging to the Weaker Sections and Disadvantaged Groups of the society in the neighbourhood (within 1 K.M. of the school) for admission into entry class i.e. Nursery.**

**The last date for submission of Registration Form is 20.03.2025 till 6.00 P.M.**

**The Disadvantaged Group and Weaker Section candidates are required to register on the Govt. portal www.rteparadarshi.odisha.gov.in for admission into entry class (Nursery) under sec.12(1)(c) of the RCFCE Act, 2009 from 01.03.2025 to 20.03.2025(1st round) and from 11.04.2025 to 24.04.2025 (2nd round) as per the notification by the Govt.**

**N.B.** (1) Mere registration will not confer the right to admission.
(2) A help desk for online registration is available on the concerned school campus from 11.30 A.M. to 2.00 P.M. on all working days during the above period.
(3) Aadhaar No is essential for admission.
(4) Before registration, detailed information regarding the parameters of Admission can be viewed on the respective school Notice Boards/Websites:

| | | |
|---|---|---|
| Unit-VIII | - | www.davunit8.org |
| Chandrasekharpur | - | www.davcsp.org |
| Pokhariput | - | www.davpkt.org.in |
| Kalinga Nagar | - | www.davkng.org.in |

Sd/- PRINCIPAL

# ପରଲୋକରେ ବରିଷ୍ଠ ପ୍ରଶାସକ ଗଗନ ଚନ୍ଦ୍ର ଦାସ



ଭୁବନେଶ୍ୱର,(ସବ୍ୟୁ) :ପୂର୍ବତନ ବରିଷ୍ଠ ପ୍ରଶାସକ ତଥା ଦୈନିକ ସମୟର ପୂର୍ବତନ ମୁଖ୍ୟ ଜେନେରାଲ ମ୍ୟାନେଜର ଗଗନ ଚନ୍ଦ୍ର ଦାସ ଆଉ ଇହ ଜଗତରେ ନାହାନ୍ତି । ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ସେ ବୁଧବାର ଅପରାହ୍ନରେ ପରଲୋକ ଗମନ କରିଛନ୍ତି । ମୃତ୍ୟବେଳକୁ ତାଙ୍କୁ ୮୮ ବର୍ଷ ହୋଇଥିଲା । ମୃତ୍ୟୁ ଶର୍ଯ୍ୟା ନିକଟରେ ତାଙ୍କର ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ତାଙ୍କର ଦୁଇ ଝିଅ ଓ ପୁଅ ଅଛନ୍ତି । ଶ୍ରୀ ଦାସଙ୍କର ପରଲୋକ ଖବର ପ୍ରଚାରିତ ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ । ତାଙ୍କ ପରଲୋକରେ ସମୟର ଅଧକ୍ଷ ଚିରଞ୍ଜୀବ ବିଶ୍ୱାଳ, ପରିଚାଳନା ସମ୍ପାଦକ ରଞ୍ଜୀବ ବିଶ୍ୱାଳ, ପରିଚାଳନା ନିର୍ଦ୍ଦେଶକ ତେଜଲ ବିଶ୍ୱାଳ ଓ ନିର୍ଦ୍ଦେଶିକା ଅନୀତା ମହାନ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି । ସମୟ ପକ୍ଷରୁ ଜେନେରାଲ ମ୍ୟାନେଜର ପ୍ରଦୀପ୍ତ ଲେଙ୍କା, ସମ୍ପାଦକ ପପୁ ମହାନ୍ତି, ଓ ମ୍ୟାନେଜର ଏଚ୍‌ଆର୍ ତଥା ପ୍ରକାଶକ ସତ୍ୟନାରାୟଣ ମହାନ୍ତି ଓ ନରେନ୍ଦ୍ର କୁମାର ବିଶ୍ୱାଳ ପ୍ରମୁଖ ତାଙ୍କୁ ଶେଷ ସମ୍ମାନ ପ୍ରଦର୍ଶନ କରିଥିଲେ । ଏଥିସହିତ ପୂର୍ବତନ ବରିଷ୍ଠ ପ୍ରଶାସନିକ ଅଧିକାରୀ ରଘୁନାଥ ମିଶ୍ର, ବିଶିଷ୍ଟ ସମାଜ ସେବି ବିଚିତ୍ରାନନ୍ଦ ଲେଙ୍କା, ବିଜେଇଏମର ମ୍ୟାନେଜର ପ୍ରତାପ ଜେନା, ସୁଜିତ ମହାନ୍ତି ପ୍ରମୁଖ ମଧ ତାଙ୍କର ଶେଷ ଦର୍ଶନ କରିଥିଲେ । ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲର ଇବ୍ରିସିଂ ପଞ୍ଚାୟତର ଖୁନ୍ଦଲ ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ସ୍ୱର୍ଗତ ଦାସ ପିଲା ଦିନରୁ ଖୁବ ମେଧାବୀ ଥିଲେ । ପାଠପଢା ପରେ ସେ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ) ପାଇ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିଲେ । ବିଶିଷ୍ଟ ରାଜନୀତିଜ୍ଞ ବସନ୍ତ କୁମାର ବିଶ୍ୱାଳ ରାଜନୀତିରେ ପାଦ ଦେବା ଠାରୁ ଏବଂ ମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ପଦରେ ଆସୀନ ହେବା ପର୍ଯ୍ୟନ୍ତ ଗଗନ ବାବୁ ତାଙ୍କର ମୁଖ୍ୟ ପରାମର୍ଶଦାତା ସହ ବ୍ୟକ୍ତିଗତ ସଚିବ ଥିଲେ । ଚାକିରିକାଳ ମଧ୍ୟରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରି ସେ ଦକ୍ଷତାର ପ୍ରମାଣ କରିଥିଲେ । ଜୀବନ କାଳରେ ସେ ବହୁ ସାମାଜିକ ଅନୁଷ୍ଠାନ ପ୍ରତିଷ୍ଠା କରିବା ସହ ବହୁ ଅନୁଷ୍ଠାନ ସହ ସମ୍ପୃକ୍ତ ଥିଲେ । ଓଡ଼ିଆ ଖବରକାଗଜ 'ସମୟ'ର ସେ ଚିଫ ଜେନେରାଲ ମ୍ୟାନେଜର( ସିଜିଏମ) ରହିବା ସହ ବକ୍ସି ଜଗବନ୍ଧୁ ଇଂଲିଶ ମିଡ଼ିୟମ ସ୍କୁଲ(ବିଜେଇଏମ)ର ସଭାପତି, ବିଜେବି ନଗର ଓ ୟୁନିଟ ୬ ରାଧାଗୋବିନ୍ଦ ମନ୍ଦିର ଟ୍ରଷ୍ଟର ସଭାପତି ଥିଲେ । ଭୁବନେଶ୍ୱର ସତ୍ୟନଗର ଶ୍ମସାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି ।

## ଓରେଡା ସହ ଟିପିଆରଇଏଲର ଏମଓୟୁ

ଭୁବନେଶ୍ୱର,(ସବ୍ୟୁ)): ଭାରତର ଅକ୍ଷୟ ଶକ୍ତି କ୍ଷେତ୍ରରେ ଅଗ୍ରଣୀ କମ୍ପାନି ତଥା ଟାଟା ପାୱାରର ସହାୟକ ସଂସ୍ଥା ଟାଟା ପାୱାରଅକ୍ଷୟ ଶକ୍ତି ଲିମିଟେଡ୍ (ଟିପିଆରଇଏଲ) ଆବାସିକ ଗ୍ରାହକଙ୍କ ମଧ୍ୟରେ ରୁଫ୍‌ଟପ୍ ସୋଲାର ଗ୍ରହଣକୁ ତ୍ୱରାନ୍ୱିତକରିବା ପାଇଁ ଅକ୍ଷୟ ଶକ୍ତି ଲାଗି ରାଜ୍ୟର ନୋଡାଲ ଏଜେନ୍ସି ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ଏଜେନ୍ସି ଲିମିଟେଡ(ଓରେଡା ଲିମିଟେଡ) ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହି ସହଯୋଗିତା ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର

ଯୋଜନା (ପିଏମଏସଜିୱାଇ) କାର୍ଯ୍ୟକାରୀ କରି ଓଡ଼ିଶାର ଅକ୍ଷୟ ଶକ୍ତି କ୍ଷେତ୍ରର ସମ୍ପ୍ରସାରଣ ପାଇଁ ଏକ ମିଳିତପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।ଭାରତର ଅନ୍ୟତମ ବୃହମ ସମନ୍ୱିତ ବିଦ୍ୟୁତ୍ କମ୍ପାନି ଟାଟା ପାୱାର ରାଜ୍ୟ ସରକାରଙ୍କ ସହଭାଗିତାରେ ଏହାର ୪ଟିଡିସକମ୍ ମାଧ୍ୟମରେ ଓଡ଼ିଶାରେ ବିଦ୍ୟୁତ୍ ବିତରଣ ପରିଚାଳନା କରୁଛି। ଡିସକମ୍ ଜରିଆରେ ଏହି ଯୋଜନା କାର୍ଯ୍ୟକାରୀ ହେବ ଯାହା ଘରେ ଘରେ ସୌର ଶକ୍ତି ପହଂଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା।ଓଡ଼ିଶା ସରକାରଙ୍କ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଏବଂ ମୁଖ୍ୟ ଶାସନ ସଚିବ ଆଇଏଏସ୍ ମନୋଜ ଆହୁଜାଙ୍କ ଉପସ୍ଥିତିରେ ଓରେଡା ଲିମିଟେଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସାଇଦ ବିପ୍ଳବ କେଶରୀ ପ୍ରଧାନ ଏବଂ ଟାଟା ପାୱାରର ସିଇଓ ତଥା ଏମଡି ଡ. ପ୍ରବୀର ସିହ୍ନା ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ।




# ଆପଲ ଟ୍ରି ହୋଟେଲ ଆଣ୍ଡ୍ ରିସୋର୍ଟ୍ସ ଉଦ୍‌ଘାଟିତ



ଭୁବନେଶ୍ୱର,(ସବ୍ୟୁ): ବାଇପାସ୍ ଆରମ୍ଭ ପୀତାପଲ୍ଲୀ ଠାରେ ଆପଲ୍ ଟ୍ରି ହୋଟେଲ ଏବଂ ରିସୋର୍ଟ୍ସର ଶୁଭ ଉଦଘାଟନ ହୋଇଛି । ଭାରତର ସର୍ବ ବୃହତ ଓପନ୍ ଏୟାର ଫୁଡ୍ କୋର୍ଟ ଭାବେ ପରିଗଣିତ ହେଉଥିବା ଏହି ଫୁଡ୍ କୋର୍ଟ ୨୪ ଘଣ୍ଟା ଖୋଲା ରହିବ । ଗ୍ରାହକଙ୍କ ମନୋରଞ୍ଜନ ପାଇଁ ପ୍ରତ୍ୟେକ ଦିନ ଲାଇଭ କାର୍ଯ୍ୟକ୍ରମର ସୁବ୍ୟବସ୍ଥା ରହିଛି । ଏହି ହୋଟେଲରେ ୨ ଏକର ଜମିରେ ୧୫୦୦୦ ବର୍ଗ ଫୁଟ ବିଶିଷ୍ଟ ଫୁଡ୍ କୋର୍ଟ, ୧୫୦୦୦ ବର୍ଗ ଫୁଟ ବିଶିଷ୍ଟ ଭୋଜି ଲନ୍ ଏବଂ ୨୨୦୦୦ ବର୍ଗଫୁଟ ବିଶିଷ୍ଟ ପାର୍କିଂ ସୁବିଧା ରହିଛି । ପ୍ରତ୍ୟେକ ରାଜ୍ୟର ଖାଦ୍ୟ ଏହି ଫୁଡ୍ କୋର୍ଟରେ ଉପଲବ୍ଧ । ସବୁଜରେ ପରିପୂର୍ଣ୍ଣ ବାହ୍ୟ ପାହାଡିଆ ଦୃଶ୍ୟକୁ ଗ୍ରାହକ ବେଶ ଉପଭୋଗ କରିବା ସହିତ ଉତ୍ସାହ ମଧ ପାଇପାରିବେ । ଏହି ରିସୋର୍ଟ୍ସର ଭୋଜି ଲନ୍ ବା ଇଭେଣ୍ଟ ପ୍ଲେସ୍ ବିସ୍ତୃତ ସବୁଜ ସ୍ଥାନଗୁଡ଼ିକ ଆଦର୍ଶ ପୃଷ୍ଠଭୂମି ଯୋଗାଇବ ଯେପରିକି ବିବାହ, ଜନ୍ମଦିନ ଉତ୍ସବରେ ଏକାଠି ହେବା ଏବଂ କର୍ପୋରେଟ୍ ଇଭେଣ୍ଟ ଇତ୍ୟାଦି । ଏହି ଆପଲ ଟ୍ରି ହୋଟେଲ ଓ ରିସୋର୍ଟ୍ସ ସମସ୍ତ ବର୍ଗର ଗ୍ରାହକ ଙ୍କ ପାଇଁ ସବୁ କ୍ଷେତ୍ରରେ ସୁବିଧା ହେବ ବୋଲି ମ୍ୟାନେଜିଂ ଡାଇରେକ୍ଟର ଅତସୀ ଦାସ ପ୍ରକାଶ କରିଛନ୍ତି ।

# ଗୁଣାତ୍ମକ ଶିକ୍ଷା, ଡାକ୍ତର ନିଯୁକ୍ତି ଶୀତଳ ଭଣ୍ଡାର ସ୍ଥାପନା ପଦକ୍ଷେପ ପାଇଁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ: ମନମୋହନ



ଭୁବନେଶ୍ୱର,(ସବ୍ୟୁ): ରାଜ୍ୟ କ୍ୟାବିନେଟ ବୈଠକରେ ୧୦ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ଉପରେ ମୋହର ଲାଗିଛି । ବିଶେଷ ଭାବେ ଶିକ୍ଷା, ସ୍ୱାସ୍ଥ୍ୟ ସେବା, କୃଷିକଲ୍ୟାଣ ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଛି । ଯାହାକି, ଆଗାମୀ ବିକଶିତ ଓଡିଶା ଗଠନ ଦିଗରେ ସହାୟକ ହେବ । ସ୍କୁଲ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଉପରେ ମୋହର ଲାଗିଛି । ପ୍ରତି ପଞ୍ଚାୟତରେ ଗୋଟିଏ ଅତ୍ୟାଧୁନିକ ସ୍ମାର୍ଟ ସ୍କୁଲ ନିର୍ମାଣ କରାଯିବ, ଏଥି ପାଇଁ ରାଜ୍ୟ ସରକାର ୪ ବର୍ଷରେ ୧୨ ହଜାର କୋଟି ଟଙ୍କା ଖର୍ଚ୍ଚ କରିବେ । ଉଚ୍ଚ ଶିକ୍ଷା ବ୍ୟବସ୍ଥାକୁ ଦୃଢ଼ କରିବା ଦିଗରେ ଓଡିଶା ବିଶ୍ୱବିଦ୍ୟାଳୟ ଅଧିନିୟମ-୧୯୮୯ରେ ସଂଶୋଧନକୁ ଅନୁମୋଦନ ମିଳିଛି । ସେହିପରି ବିକଶିତ ଗାଁ, ବିକଶିତ ଓଡିଶା ଯୋଜନାକୁ ବିଧିବଦ୍ଧ ଭାବେ କ୍ୟାବିନେଟ ଅନୁମୋଦନ କରିଛି । ଏହି ଯୋଜନାରେ ପ୍ରତି ବର୍ଷ ଗ୍ରାମଗୁଡିକର ବିକାଶ ପାଇଁ ରାଜ୍ୟ ସରକାର ୧୦୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରିବେ । ଓଡିଶାର ଡାକ୍ତର ଅଭାବକୁ ପୂରଣ କରିବା ପାଇଁ ନୂତନ ୫ ହଜାର ଡାକ୍ତର ଏବଂ ୧୨୬ ଦନ୍ତ ଚିକିତ୍ସକଙ୍କୁ ନିଯୁକ୍ତି ଦେବା ପାଇଁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି । ଶୀତଳ ଭଣ୍ଡାର ନିର୍ମାଣ ପାଇଁ ରାଜ୍ୟରେ ଆହୁରି ପ୍ରୋତ୍ସାହନ ସୁବିଧା କରାଯାଇଛି । ଯେଉଁଠି ୬୦ ପ୍ରତିଶତ ସବସିଡି ଅର୍ଥ ରାଜ୍ୟ ସରକାର ଯୋଗାଇଦେବେ । ସେହିଭଳି ଅଣ କାର୍ଯ୍ୟକ୍ଷମ ଶୀତଳ ଭଣ୍ଡାରକୁ କାର୍ଯ୍ୟକ୍ଷମ କରିବା ପାଇଁ ସରକାର ପଦକ୍ଷେପ ନେବା ପାଇଁ ନିଷ୍ପତି ନେଇଛନ୍ତି । ଆସନ୍ତା ଫେବୃଆରୀ ୪ତାରିଖ ଦିନ ଷୋଡଶ ଅର୍ଥ କମିଶନ ଓଡିଶା ଗସ୍ତରେ ଆସୁଛନ୍ତି। ୨୦୨୬ - ୨୦୩୧ ଆର୍ଥିକ ବର୍ଷରେ ରାଜ୍ୟର ବିଭିନ୍ନ ପ୍ରସ୍ତାବ ସମ୍ବଳିତ ୧୨ଲକ୍ଷ ୫୬ ହଜାର ୧୪୮ କୋଟି ଟଙ୍କାର ମେମୋରେଣ୍ଡମ ପ୍ରଦାନ କରାଯିବାର ନିଷ୍ପତି କ୍ୟାବିନେଟରେ ନିଆଯାଇଛି । ଶିଳ୍ପ ନୀତି-୨୦୧୫ର ଦୁଇଟି ସଂଶୋଧନକୁ ଅନୁମୋଦନ ମିଳିଛି, ଯେଉଁଥିରେ ଯୋଗ୍ୟ ନିବେଶକମାନେ ପ୍ରୋତ୍ସାହନ ପାଇଁ ସେମାନଙ୍କ ଦାବୀକୁ ସଠିକ ସମୟରେ ପ୍ରଦାନ କରିବାକୁ ସକ୍ଷମ ହେବେ । ଆଜିର ଏହି ନିଷ୍ପତି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ରାଜ୍ୟ ସରକାରଙ୍କ କ୍ୟାବିନେଟକୁ ରାଜ୍ୟ ସଭାପତି ମନମୋହନ ସାମଲ ଧନ୍ୟବାଦ ଜଣାଇଛନ୍ତି । ରାଜ୍ୟରେ ବିଜେପି ଏକାକୀ ସରକାର ଗଠନ କରିବା ପରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ କରି ଓଡ଼ିଶାବାସୀଙ୍କ ଆସ୍ଥାଭାଜନ ହୋଇପାରିଛି । ବିକଶିତ ଓଡିଶା ଗଠନ ଦିଗରେ ଆଜିର ଏହି ନିଷ୍ପତି ଗୁରୁତ୍ୱପୂର୍ଣ୍ଣ ଭୁମିକା ଗ୍ରହଣ କରିବ ବୋଲି ଶ୍ରୀ ସାମଲ କହିଛନ୍ତି ।

## ଉତ୍କର୍ଷ ଓଡ଼ିଶା ଉଦଘାଟନ କରିବେ ପ୍ରଧାନମନ୍ତ୍ରୀ

# ଅଂଶଗ୍ରହଣ କରିବେ ୫୦୦୦ ରୁ ଅଧିକ ପ୍ରତିନିଧି




ଭୁବନେଶ୍ୱର,(ସବ୍ୟୁ): ଜାନୁଆରୀ ୨୮ ଓ ୨୯ ରେ ଜନତା ମଇଦାନରେ ଆୟୋଜିତ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡିଶା କନକ୍ଲେଭରେ ଭାରତ ତଥା ବିଦେଶର ବଡ ନିବେଶକଙ୍କ ସମେତ ୫୦୦୦ ରୁ ଅଧିକ ପ୍ରତିନିଧୀ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟର ମେଗା ବ୍ୟବସାୟ ସମ୍ମିଳନୀକୁ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛିଛ ପ୍ରଧାନମନ୍ତ୍ରୀ ଏହି ସମ୍ମିଳନୀରେ ମୁଖ୍ୟ ଭାଷଣ ମଧ ଦେବେ, ଯେଉଁଥିରେ ଓଡ଼ିଶାର ଶିଳ୍ପ ପରିବର୍ତ୍ତନ ପାଇଁ କେନ୍ଦ୍ର ସରକାରଙ୍କ ଦୃଷ୍ଟିକୋଣ ଉପରେ ଆଲୋକପାତ କରିବେ । ଶ୍ରୀ ମୋଦିଙ୍କ ଗସ୍ତ କାର୍ଯ୍ୟକ୍ରମ ଅନୁଯାୟୀ, ସେ ଜାନୁଆରୀ ୨୮ ତାରିଖ ସକାଳ ୧୦.୩୫ ରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚି ସିଧା ଜନତା ମଇଦାନକୁ ଯିବେ । ସେ ପ୍ରାୟ ୧୨.୫୫ ରେ ଓଡ଼ିଶା ଛାଡିବାର କାର୍ଯ୍ୟକ୍ରମ ରହିଛି । ସାମ୍ବାଦିକଙ୍କୁ ସୂଚନା ଦେଇ ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା କହିଛନ୍ତି ଯେ ସରକାର ବ୍ୟବସାୟ ସମ୍ମିଳନୀରେ ଅଂଶଗ୍ରହଣ କରିବା ପାଇଁ ୪୦୦ ଫର୍ଚ୍ୟୁନ୍ କମ୍ପାନୀ ମଧ୍ୟରୁ ୧୦୦ ଜଣଙ୍କୁ ନିମନ୍ତ୍ରଣ କରିଛନ୍ତି । ଉତ୍କର୍ଷ ଓଡ଼ିଶା କନକ୍ଲେଭ ପାଇଁ ଆମେ ଅଷ୍ଟ୍ରେଲିଆ, ଜାପାନ, ୟୁକେ, ଜର୍ମାନୀ, ସିଙ୍ଗାପୁର, ମାଲେସିଆ, କ୍ୟୁବା ଏବଂ ହଲାଣ୍ଡ ସମେତ ୧୨ଟି ଦେଶର ନିବେଶକଙ୍କୁ ନିମନ୍ତ୍ରଣ କରିଛୁ । ଆଶା କରୁଛୁ ଯେ ଏହି ଦୁଇ ଦିନ ମଧ୍ୟରେ ବିଭିନ୍ନ ଦେଶର ଦୂତ ଏବଂ ନିବେଶକଙ୍କ ସମେତ ୫,୦୦୦ ପ୍ରତିନିଧି ବ୍ୟବସାୟ ସମ୍ମିଳନୀରେ ଯୋଗଦେବେ । ପ୍ରମୁଖ ସଚିବ ଶ୍ରୀ ଶର୍ମା କହିଛନ୍ତି । ବୈଠକ ସମୟରେ ନିବେଶକଙ୍କୁ ଆକର୍ଷିତ କରିବା ପାଇଁ ଆଇଟି, ନବୀକରଣୀୟ ଶକ୍ତି, ରାସାୟନିକ ପଦାର୍ଥ, ବୟନ ଏବଂ ଖାଦ୍ୟ ପ୍ରକ୍ରିୟାକରଣକୁ ପାଞ୍ଚଟି ଫୋକସ୍ କ୍ଷେତ୍ର ଭାବରେ ଚୟନ କରାଯାଇଛି । ବ୍ୟବସାୟ ସମ୍ମିଳନୀ ପାଇଁ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ଉଲ୍ଲେଖ କରି ଶ୍ରୀ ଶର୍ମା କହିଛନ୍ତି ଯେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟତୀତ କାର୍ଯ୍ୟକ୍ରମ ସମୟରେ କ୍ଷେତ୍ରୀୟ ଅଧିବେଶନ ଆୟୋଜନ କରାଯିବ । ଦୁଇ ଦିନିଆ ବୈଠକ ପୂର୍ବରୁ, କନକ୍ଲେଭ ଆୟୋଜନ ପାଇଁ ରାଜ୍ୟର ଅଂଶୀଦାର ଭାରତୀୟ ଶିଳ୍ପ ମହାସଂଘର ଅନେକ ଜାତୀୟ ପରିଷଦ ବୈଠକ ଜାନୁଆରୀ ୨୭ ତାରିଖରେ ଅନୁଷ୍ଠିତ ହେବ ବୋଲି ଶ୍ରୀ ଶର୍ମା କହିଛନ୍ତି । କେନ୍ଦ୍ରର 'ଭୋକାଲ୍ ଫର୍ ଲୋକାଲ' ଅଭିଯାନ ସହିତ ସମକକ୍ଷ ହୋଇ, ରାଜ୍ୟ ସରକାର ଏହି ବିଦାୟ ସମାରୋହରେ ଓଡ଼ିଶାର ୩୦ଟି ଜିଲ୍ଲାର ପ୍ରତ୍ୟେକ ଜିଲ୍ଲାରୁ ଦୁଇଜଣ ଯୁବ ଉଦ୍ୟୋଗୀଙ୍କୁ ସମ୍ମାନିତ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

## ଭାରତୀୟ ଛାତ୍ରଛାତ୍ରୀଙ୍କ ପାଇଁ ଗ୍ରେଟ୍ ଛାତ୍ରବୃତ୍ତି ୨୦୨୫ ଘୋଷଣା କଲା ବ୍ରିଟିଶ୍ କାଉନସିଲ୍

ଭୁବନେଶ୍ୱର,(ସବ୍ୟୁ): ବ୍ରିଟେନର ସାଂସ୍କୃତିକ ସମ୍ପର୍କ ଏବଂ ଉନ୍ନତ ସୁଯୋଗ ପାଇଁ ଆନ୍ତର୍ଜାତୀୟ ସଂଗଠନ ବ୍ରିଟିଶ୍ କାଉନସିଲ୍ ବ୍ରିଟେନ୍ ସରକାରଙ୍କ ଗ୍ରେଟ୍ ବ୍ରିଟେନ୍ ଅଭିଯାନର ସହଭାଗିତାରେ ଗ୍ରେଟ୍ ଛାତ୍ରବୃତ୍ତି ୨୦୨୫ ଘୋଷଣା କରିଛି । ଗ୍ରେଟ୍ ଛାତ୍ରବୃତ୍ତି ଭାରତର ଛାତ୍ରମାନଙ୍କୁ ଅଧ୍ୟୟନ ର ବିଭିନ୍ନ କ୍ଷେତ୍ରରେ ବ୍ରିଟେନରେ ସ୍ନାତକୋତ୍ତର ଅଧ୍ୟୟନ କରିବାକୁ ସୁଯୋଗ ପ୍ରଦାନ କରେ । ସାରା ଦେଶର ଛାତ୍ରମାନଙ୍କ ପାଇଁ ବିଭିନ୍ନ ବିଷୟରେ ବ୍ରିଟେନର ବିଶ୍ୱବିଦ୍ୟାଳୟ ଗୁଡ଼ିକରୁ ଭାରତରେ ୨୬ ଟି ଛାତ୍ରବୃତ୍ତି ପ୍ରଦାନ କରୁଥିବା ପ୍ରତ୍ୟେକ ଛାତ୍ରବୃତ୍ତି ଏକ ବର୍ଷର ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଟ୍ୟୁସନ ଫି ପାଇଁ ସର୍ବନିମ୍ନ ୧୦,୦୦୦ ପାଉଣ୍ଡ ମୂଲ୍ୟ ରଖାଯାଇଛି । ୨୦୨୫ ଆଡମିଶନ ଚକ୍ର ପାଇଁ, ତିନୋଟି ପ୍ରାଥମିକ ବର୍ଗରେ ଛାତ୍ରବୃତ୍ତି ଉପଲବ୍ଧ । ମୁଖ୍ୟବିଷୟ ମଧ୍ୟରେ ବିଭିନ୍ନ ଏକାଡେମିକ୍ ବିଷୟ ଅଧ୍ୟୟନ କରୁଥିବା ଛାତ୍ରମାନଙ୍କ ପାଇଁ ୨୧ ଟି ଛାତ୍ରବୃତ୍ତି ପ୍ରଦାନ କରାଯାଏ । ଆଇନ ଏବଂ ନ୍ୟାୟ-ଭିତ୍ତିକ କ୍ଷେତ୍ର ଉପରେ ଧ୍ୟାନ ଦେଇ ନ୍ୟାୟ ଏବଂ ଆଇନରେ ସ୍ନାତକୋତ୍ତର ଅଧ୍ୟୟନ କରୁଥିବା ବ୍ୟକ୍ତିଙ୍କ ପାଇଁ ପାଇଁ ଦୁଇଟି ଛାତ୍ରବୃତ୍ତି ଉତ୍ସର୍ଗୀକୃତ । ଏହାବ୍ୟତୀତ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ, ବିଶେଷ କରି ଷ୍ଟେମ ଶୃଙ୍ଖଳା ମଧ୍ୟରେ, ଉଚ୍ଚାକାଂକ୍ଷୀ ନେତୃବୃନ୍ଦଙ୍କ ପାଇଁ ତିନୋଟି ଛାତ୍ରବୃତ୍ତି ଉପଲବ୍ଧ ରହିଛି । ବ୍ରିଟେନ ଏହାର ଉଚ୍ଚମାନର ଶିକ୍ଷା ଏବଂ ବିଶ୍ୱସ୍ତରୀୟ ସମ୍ମାନିତ ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ପ୍ରସିଦ୍ଧ, ଯେଉଁଗୁଡ଼ିକ ମଧ୍ୟରୁ ଅନେକ କ୍ରମାଗତ ଭାବେ ଅନ୍ତର୍ଜାତୀୟ ମାନ୍ୟତାରେ ଶୀର୍ଷରେ ରହିଛି । ବ୍ରିଟେନରେ ଅଧ୍ୟୟନ କରିବା ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚମାନର ଶିକ୍ଷା ଏବଂ ବିଶ୍ୱ ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟଗୁଡ଼ିକ ପର୍ଯ୍ୟନ୍ତ ପହଂଚିବାର ସୁଯୋଗ ମିଳିଥାଏ ।

## ଆଜାଦ ହିନ୍ଦ୍ ଫୌଜ ପ୍ରତିଷ୍ଠା ଦିବସକୁ ଜାତୀୟ ଦିବସ ଘୋଷଣା ପ୍ରସଙ୍ଗ

# କେନ୍ଦ୍ର, ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନୋଟିସ୍

କଟକ,(ସବ୍ୟୁ): ରାତି ପାହିଲେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ । ଏହିଭଳି ଏକ ସମୟରେ ନେତାଜୀଙ୍କୁ 'ଜାତୀୟ ପୁତ୍ର' ଏବଂ ଆଜାଦ୍ ହିନ୍ଦ୍ ଫୌଜ ପ୍ରତିଷ୍ଠା ଦିବସକୁ 'ଜାତୀୟ ଦିବସ' ଭାବେ ଘୋଷଣା ପାଇଁ ରୁଜୁ ଏକ ମାମଲାରେ ହାଇକୋର୍ଟ ଆଜି ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ଲାଗି ନୋଟିସ୍ ଜାରି କରିଛନ୍ତି । କଟକର ଜଣେ ସମାଜସେବୀ ପିନାକପାଣି ମହାନ୍ତିଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ଅରିନ୍ଦମ ସିହ୍ନା ଏବଂ ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ଶୁଣାଣି ଆସନ୍ତା ଫେବ୍ରୁଆରୀ ୧୨କୁ ଧାର୍ଯ୍ୟ ହୋଇଛି । ଆବେଦନକାରୀ ଶ୍ରୀ ମହାନ୍ତି ପିଟିସନରେ ଦର୍ଶାଇଛନ୍ତି ଯେ, ନେତାଜୀଙ୍କ ନିଖୋଜ ହେବାର ୭୮ବର୍ଷ ପରେ ବି ତାଙ୍କୁ ଏ ଦେଶ ଉଚିତ୍ ସମ୍ମାନ ଦେଇପାରି ନାହିଁ । ନେତାଜୀଙ୍କର ଦେଶପ୍ରତି ଯେଉଁଭଳି ଅବଦାନ ରହିଛି, ସେ ଦେଶର ସ୍ୱାଧୀନତା ପାଇଁ ଯେଉଁଭଳି ବଳିଦାନ ଦେଇଛନ୍ତି ସେଥିପାଇଁ ତାଙ୍କୁ ଦେଶର 'ଜାତୀୟ ପୁତ୍ର' ଭାବେ ସରକାର ଘୋଷଣା କରିବା ଆବଶ୍ୟକ । ଆଜାଦ୍ ହିନ୍ଦ୍ ଫୌଜ ପ୍ରତିଷ୍ଠା ଦିବସକୁ 'ଜାତୀୟ ଦିବସ'ଭାବେ ମଧ ଘୋଷଣା କରାଯିବା ଆବଶ୍ୟକ । ଏବଂ ତାଙ୍କର ଜନ୍ମସ୍ଥାନକୁ 'ଜାତୀୟ ସ୍ମାରକୀ' ଭାବେ ଘୋଷଣା କରାଯିବା ଆବଶ୍ୟକ । ସ୍ୱାଧୀନତା ସମୟରେ ଇଣ୍ଟିଲେଜେନ୍ସି ବ୍ୟୁରୋ ନିକଟରେ ଥିବା ସିକ୍ରେଟ୍ ଫାଇଲ୍‌କୁ ମଧ୍ୟ ହସ୍ତାନ୍ତର କରାଯିବା ଆବଶ୍ୟକ । ଆହୁରି ମଧ ନେତାଜୀଙ୍କ ଉପରେ ବସିଥିବା ଜଷ୍ଟିସ୍ ମୁଖାର୍ଜୀ କମିସନଙ୍କ ତଦନ୍ତ ରିପୋର୍ଟ ମଧ ସାର୍ବଜନୀନ ହେବା ଆବଶ୍ୟକ ।

ଆବେଦନକାରୀ ଏହିସବୁ ଦାବିକୁ ଆଧାର କରି ଦେଶର ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ । ଏହି ସ୍ମାରକପତ୍ରକୁ ଗୃହ ମନ୍ତ୍ରାଳୟକୁ ପଠାଇ ଦିଆଯାଇଛି । କିନ୍ତୁ ଏହା ଉପରେ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଏହି ପ୍ରାର୍ଥନାକୁ ହାଇକୋର୍ଟ ଗ୍ରହଣ କରି ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ଲାଗି ନିର୍ଦ୍ଦେଶ ଦେଇଛନ୍ତି ।

## ଏଏସ୍‌ଜି ଆଇ ହସ୍ପିଟାଲ୍ ପକ୍ଷରୁ ଗ୍ଲୁକୋମା ସଚେତନତା ମାସ

# ମାଗଣା ପରାମର୍ଶ ସାଙ୍ଗକୁ ପରୀକ୍ଷା ଉପରେ ୨୦ ଶତକଡା ରିହାତି




କଟକ, (ସବ୍ୟୁ): ଚକ୍ଷୁ ଚିକିତ୍ସା କ୍ଷେତ୍ରରେ ରାଜ୍ୟରେ ସୁନାମ ଅର୍ଜନ କରିଥିବା ଏ ଏସ ଜି ଆଇ ହସ୍ପିଟାଲ୍ ପକ୍ଷରୁ ଗ୍ଲୁକୋମା ସଚେତନତା କାର୍ଯ୍ୟ ଆରଂଭ ହୋଇଛି । ମାସେ ଧରି ହେବାକୁ ଥିବା ଏହି ସଚେତନତା କାର୍ଯ୍ୟ ଆଜି ଠାରୁ କଟକ ମଧୁପାଟଣା ଛକ ନିକଟସ୍ଥ ଏ ଏସ ଜି ଆଇ ହସ୍ପିଟାଲ୍ ପରିସରରେ ଆରମ୍ଭ ହେଇଛି । ଏହି ପରିପ୍ରେକ୍ଷୀରେ ହସ୍ପିଟାଲ୍ ପକ୍ଷରୁ ଗ୍ଲୁକୋମା ଆକ୍ରାନ୍ତ ରୋଗୀ ମାନଙ୍କ ଚକ୍ଷୁ ଚିକିତ୍ସା ନିମିତ୍ତ ମାଗଣା ପରାମର୍ଶ ଦିଆଯାଉଛି ବୋଲି ହସ୍ପିଟାଲ୍‌ର ନିର୍ଦ୍ଦେଶକ ତଥା ଚକ୍ଷୁରୋଗ ବିଶେଷଜ୍ଞ ଡ଼କ୍ଟର ରାଜାରାମ ଅଗ୍ରୱାଲା କହିଛନ୍ତି । ଏତଦ୍ ବ୍ୟତୀତ ଗ୍ଲୁକୋମା ଭଳି ଚକ୍ଷୁ ରୋଗରେ ଆକ୍ରାନ୍ତ ରୋଗୀ ମାନଙ୍କୁ ବିଭିନ୍ନ ପରୀକ୍ଷା ଉପରେ ହେଉ ଥିବା ଖର୍ଚ୍ଚ ବାବଦକୁ ୨୦ ଶତକଡା ଛାଡ଼ କରାଯାଉଥିବା ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ଡ଼ଃ ଅଗ୍ରୱାଲା ସୁଚନା ଦେଇଛନ୍ତି । ଗ୍ଲୁକୋମା ପ୍ରାୟତଃ ୪୦ ବର୍ଷ ବୟସର ବ୍ୟକ୍ତିଙ୍କ ଚକ୍ଷୁରେ ଦେଖାଦେଇଥାଏ । ବିଶେଷ କରି ଏହି ରୋଗରେ ପୀଡିତ ବ୍ୟକ୍ତିଙ୍କ ପାଖରେ କୌଣସି ଆଗୁଆ ଲକ୍ଷଣ ଦେଖା ଯାଉ ନ ଥିବାରୁ ଏହା ବହୁ ଏକ ନୀରବ ମାରାତ୍ମକ ରୋଗ । ବସ୍ତୁତଃ ଏହି ରୋଗ ମଧୁମେହ,ରକ୍ତଚାପ, ମାଇଓପିକ ଏଂ ବଂଶାନୁଗତିକ ଆକ୍ରାନ୍ତ ଥିବା ବ୍ୟକ୍ତି ବିଶେଷଙ୍କୁ ଆକ୍ରାନ୍ତ କରି ଅଜାଣତରେ ଆଖିକୁ ନଷ୍ଟ କରିଦିଏ । ଏଥିପ୍ରତି ସଚେତନ ନ ହେଲେ ଧୀରେ ଧୀରେ ଏହା ୯୦% ଚକ୍ଷୁକୁ ଆକ୍ରାନ୍ତ କରି ବ୍ୟକ୍ତିଟି ଚକ୍ଷୁ ହରାଇ ସବୁଦିନ ପାଇଁ ଅନ୍ଧ ହୋଇଯାଏ ବୋଲି ହସ୍ପିଟାଲ୍‌ର ଗ୍ଲୁକୋମା ଚିକିତ୍ସା ବିଶେଷଜ୍ଞ ଡାକ୍ତର ସୋନାଲି ଷଡ଼ଙ୍ଗୀ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ହସ୍ପିଟାଲ୍‌ର ଆଞ୍ଚଳିକ ପ୍ରବନ୍ଧକ ଅମ୍ରି କୁମାର ପଣ୍ଡା ଉପସ୍ଥିତ ରହି ଆଗାମୀ ଦିନରେ ଗ୍ଲୁକୋମା ରୋଗର ନିରାକରଣ ପାଇଁ ଏ ଏସ ଜି ଆଇ ହସ୍ପିଟାଲ୍ ପକ୍ଷରୁ ସଚେତନକୁ ଆହୁରି ବ୍ୟାପକ କରାଯିବ ବୋଲି ସୁଚନା ଦେଇଥିଲେ ।

# ଚାଲାଣ ବେଳେ ୨ ହାତୀ ଦାନ୍ତ ଜବତ, ୪ ଗିରଫ



ବାରିପଦା, (ସବ୍ୟୁ) : ଆନ୍ତଃରାଜ୍ୟକୁ ଚାଲାଣ ବେଳେ ୨ ହାତୀ ଦାନ୍ତ ଜବତ କରିବା ସହ ୪ଜଣ ଅଭିଯୁକ୍ତଙ୍କୁ ମାଡ଼ିବସିଲା ବନବିଭାଗ। ବାରିପଦା ବନଖଣ୍ଡ ଅଧିନସ୍ଥ ଦେଉଳି ବନାଞ୍ଚଳର ଝାରପୋଖରିଆ ଜାମଶୋଲା ରାସ୍ତା ୪୯ ନମ୍ବର ଜାତୀୟ ରାଜପଥ ଗୋଷାଣୀ ଛକ ନିକଟରୁ ଏହି ହାତୀଦାନ୍ତ ଜବତ୍ କରିଛି ବନବିଭାଗ। ଏକ ବିଶେଷ ସୂତ୍ରରୁ ଖବର ପାଇ ବନବିଭାଗର ଏନଫୋର୍ସମେଣ୍ଟ ଟିମ୍ ଏହି ଚାର ଅଭିଯୁକ୍ତଙ୍କୁ ପିଛା କରିଥିଲା। ଏକ ବାଇକ୍‌ରେ ଦୁଇଜଣ ୨ଟି ହାତୀଦାନ୍ତକୁ ଗାମୁଛାରେ ବାନ୍ଧି ଏକ ବ୍ୟାଗରେ ନେଉଥିଲେ। ସେମାନଙ୍କୁ ସୁରକ୍ଷା ଦେଇ ଆଉ ୨ଜଣ ଅନ୍ୟ ଏକ ବାଇକ୍‌ରେ ସେମାନଙ୍କ ସହିତ ଯାଉଥିଲେ। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୨ ଝାଡ଼ଖଣ୍ଡର ଆନ୍ତରାଜ୍ୟ ହାତୀଦାନ୍ତ ବ୍ୟବସାୟୀ ଥିବା ବେଳେ ଦୁଇଜଣ ମୟୂରଭଞ୍ଜ ରାସଗୋବିନ୍ଦପୁର ଅଞ୍ଚଳର ବୋଲି ଜଣାପଡ଼ିଛି। ଦାନ୍ତ ଦୁଇଟିର ଓଜନ ଗୋଟିଏର ୧ କେଜି ହୋଇଥିବାବେଳେ ଅନ୍ୟଟି ୧ କେଜି ୨୦ଗ୍ରାମ ଓଜନ ରହିଛି। ଗିରଫ ଅଭିଯକ୍ତ ମାନେ ହେଲେ ଝାରଖଣ୍ଡ ରାଜ୍ୟ ପଶ୍ଚିମ ସିଂଭୁମ୍ ଜିଲ୍ଲାର ମଙ୍ଗଲ ସୋରେନ୍ ଏବଂ ସୁରେଇ ସୋରେନ୍। ମୟୂରଭଞ୍ଜ ରାସଗୋବିନ୍ଦପୁର ଅଞ୍ଚଳର ବର୍ଷା ମୁର୍ମୁ ଓ ଯୋଗେଶ୍ୱର ନାଏକ ବୋଲି ଜଣାପଡିଛି। ପ୍ରାଥମିକ ତଦନ୍ତ ପରେ ଦାନ୍ତ ଦୁଇଟିକୁ ଫରେନ୍ସିକ୍ ଲ୍ୟାବ୍‌କୁ ପଠାଯାଇ ଅଧିକ ତଥ୍ୟ ସଂଗ୍ରହ କରାଯିବ ବୋଲି ବାରିପଦା ଏସିଏଫ ରବିନାରାୟଣ ମହାନ୍ତି କହିଛନ୍ତି।

# ବୁବୁ ବେହେରା ହତ୍ୟା ମାମଲା, ୪ ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ଫାଷ୍ଟଗେଟ ଠାରେ ୨୦୧୭ରେ ଉପେନ୍ଦ୍ର ବେହେରା ଓରଫ ବୁବୁ ବେହେରା ହତ୍ୟା ମାମଲାରେ ଚୁଡାନ୍ତ ରାୟ ପ୍ରକାଶ କରି ଗଞ୍ଜାମ ଜିଲା ଅତିରିକ୍ତ ଜିଲା ଜଜ୍-୩ ବିଭଶ୍ରୁତ ଗୌତମ ୪ ଜଣ ଅଭିଯୁକ୍ତଙ୍କୁ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତମାନେ ହେଲେ ବ୍ରହ୍ମପୁର ଫାଷ୍ଟଗେଟ ଧୋବାବନ୍ଧ ହୁଡାର ସୁନୀଲ ଗୌଡ ଓରଫ ସୋନୁ(୩୨), ଆସିକାରୋଡ ନାରାୟଣନଗର ଅନୀଲ ରେଡି(୩୦), ଫାଷ୍ଟଗେଟ ବର୍ମା କଲୋନୀର ଦୀପକ ସିଂ(୨୮) ଓ ରବିନ୍ଦ୍ର ମହାକୁଡ(୩୫) । ଆଜୀବନ ଜେଲ ଦଣ୍ଡ ସହ ସମସ୍ତ ଆସାମୀଙ୍କୁ ୫୫ ହଜାର ଟଙ୍କା ଲେଖାଏଁ ଜୋରିମାନା ଦେବାକୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି । ଜୋରିମାନା ଅନାଦେୟ ଅତିରିକ୍ତ ୨୦ ମାସ ଲେଖାଏଁ ଶଶ୍ରମ କାରାଦଣ୍ଡ ଭୋଗିବାକୁ ହେବ ବୋଲି ନିଜ ରାୟରେ ଉଲ୍ଲେଖ କରିଛନ୍ତି । ସେହିପରି ଏହି ମାମଲାରେ ଅଭିଯୁକ୍ତ ଥିବା ସାନଖେମୁଣ୍ଡି ବିଧାୟକ ରମେଶ ଜେନା, ବ୍ରହ୍ମପୁରର ସନ୍ତୋଷ ପାଣିଗ୍ରାହୀ ଓରଫ ଇଚିଲି ଏବଂ ଜଗନ୍ନାଥ ବେହେରାଙ୍କୁ ପ୍ରମାଣ ଅଭାବରୁ ବିଚାରପତି ନିର୍ଦୋଷରେ ସାବ୍ୟସ୍ତ କରିଛନ୍ତି । ମାମଲାର ବିବରଣୀରୁ ପ୍ରକାଶଯେ, ସିକା ରୋଡ ଅଞ୍ଚଳର ବୁବୁ ବେହେରା ଏକ ପାନ ଦୋକାନ ଚଳାଉଥିଲେ । ପୂର୍ବ ଶ୍ରତ୍ରୁତାକୁ ନେଇ ୨୦୧୭ ଜୁଲାଇ ୧ ତାରିଖରେ ଦୋଷୀ ସାବ୍ୟସ୍ତ ହୋଇଥିବା ଆସାମୀଙ୍କ ସହ ମୋଟ ୧୧ ଜଣ ଅଭିଯୁକ୍ତ ତାଙ୍କ ଦୋକାନ ନିକଟରେ ପହଞ୍ଚି ବୁବୁ ବେହେରା ଉପରକୁ ବୋମା ମାଡ କରିଥିଲେ । ଏଥିରେ ବୁବୁ ବେହେରାଙ୍କ ଜଣେ ସହଯୋଗୀ ଆହତ ହୋଇଥିବା ବେଳେ ସେ ଦୋକାନରୁ ବାହାରି ଦୌଡି ପଳାଇଥିଲେ । ଅଭିଯୁକ୍ତମାନେ ତାଙ୍କ ଗୋଡାଇ ଗୋଡାଇ ଏକ ବାଲି ଗଦା ଉପରେ ଖଣ୍ଡାରେ ହାଣି ରକ୍ତାକ୍ତ କରି ଦେଇଥିଲେ । ବୁବୁଙ୍କ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା । ହେଲେ ସେଠାକାର ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣାକୁ ନେଇ ବୁବୁ ବେହେରାଙ୍କ ଭ୍ରାଇଁ କେ. କ୍ରିଷ୍ଣା ରାଓ ବଡବଜାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମୋଟ ୧୧ ଜଣ ଅଭିଯୁକ୍ତଙ୍କ ନାଁରେ ମାମଲା ରୁଜୁ କରି ତଦନ୍ତ କରିଥିଲା । ପୁଲିସ ପର୍ଯ୍ୟାୟକ୍ରମରେ ଏକାଧିକ ଅଭିଯୁକ୍ତଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିଲା । ପରବର୍ତ୍ତୀ ସମୟରେ ଅଭିଯୁକ୍ତମାନେ ଜାମୀନରେ ମୁକୁଳିଥିଲେ । ତଦନ୍ତ ଅଧିକାରୀ କୌଶିକ ମାଝି ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲେ । ମାମଲାର ବିଚାରଣା ବେଳେ ମୋଟ ୧୯ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଅଦାଲତର ଜଜ୍ ଆଜି ୧୧ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୭ ଜଣଙ୍କ ବିଚାରଣା କରିଥିଲେ । ସେଥିରୁ ୪ ଜଣଙ୍କୁ ଦୋଷୀ ସାବ୍ରସ୍ତ କରିଥିବା ବେଳେ ଅନ୍ୟ ୩ ଜଣଙ୍କୁ ର୍ନିଦୋଷ ସାବ୍ୟସ୍ତ କରିଥିଲେ । ସେହିପରି ମାମଲାର ଅନ୍ୟ ୪ ଜଣ ଅଭିଯୁକ୍ତଙ୍କ ବିଚାରଣା ପରବର୍ତ୍ତୀ ସମୟରେ କରାଯିବ ବୋଲି ଦିନ ଧାର୍ଯ୍ୟ ହୋଇଥିବା ସୂଚନା ମିଳିଛି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ମାଗୁଣି ପଲେଇ ମକଦ୍ଦମା ପରିଚାଳନା କରୁଥିଲେ ।

## ଓଡ଼ିଶା ବିଧାନସଭା ପବ୍ଲିକ୍ ଅଣ୍ଡରଟେକିଂ କମିଟିର ମୟୂରଭଞ୍ଜ ଗସ୍ତ

# ଧାନକିଣା ଓ ଅନିୟମିତ ବାଲି ଖନନ ଉପରେ ପ୍ରାଧାନ୍ୟ




ବାରିପଦା, (ସବ୍ୟୁ) : ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଓଡିଶା ବିଧାନସଭା ପବ୍ଲିକ ଅଣ୍ଡରଟେକିଂ କମିଟି ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ୩ ଜିଲ୍ଲା ଗସ୍ତରେ ଆସି ଶେଷ ଦିନରେ ମୟୂରଭଞ୍ଜରେ ପହଞ୍ଚି ଜିଲ୍ଲା ଅଧିକାରୀ ମାନଙ୍କ ସହ ବୁଧବାର ଦିନ ଜିଲ୍ଲା ପରିଷଦ କନ୍‌ଫରେନ୍ସ ହଲରେ ସମୀକ୍ଷା ବୈଠକ କରିଥିଲେ ଏବଂ ପରେ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ। ୨୦୨୪-୨୫ ବର୍ଷର ଉକ୍ତ କମିଟିର ୯ମ ବୈଠକ ଅଧକ୍ଷ ତଥା ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଅଧକ୍ଷତାରେ କମିଟିର ଅନ୍ୟତମ ସଦସ୍ୟ ତଥା ବିଧାୟକ ଭାବେ ଅଶ୍ୱିନୀ କୁମାର ପାତ୍ର, ଭଣ୍ଡାରିପୋଖରୀ ବିଧାୟକ ସଂଜୀବ କୁମାର ମଲ୍ଲିକ ଓ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ପ୍ରମୁଖ ଏହି ଗସ୍ତ କାର୍ଯ୍ୟକ୍ରମରେ ସାମିଲ ଥିଲେ । ବାରିପଦା ବିଧାୟକ ପ୍ରକାଶ ସୋରେନ ଏହି ସମୀକ୍ଷା ବୈଠକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସମୀକ୍ଷା ବୈଠକରେ କାର୍ଯ୍ୟସୂଚୀ ଅନୁଯାୟୀ ଓଏସ୍‌ଆରଟିସି, ପର୍ଯ୍ୟଟନ, ଓଡ଼ିଶା ବନ ନିଗମ, ଓଡ଼ିଶା ପୋଲିସ୍ ହାଉସିଂ କର୍ପୋରେସନ୍, ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରିକ୍ କର୍ପୋରେସନ୍, ଓପିଟିସିଏଲ୍, ଯୋଗାଣ ନିଗମ ଆଦି ଦ୍ୱାରା ଜିଲ୍ଲାରେ ବିଭିନ୍ନ ପ୍ରକଳ୍ପ ଯୋଜନା ଆଦିର କାର୍ଯ୍ୟକାରୀତା, ସଫଳତା ଓ ସମସ୍ୟା ସମ୍ବନ୍ଧରେ ଟିକିନିକି ସମୀକ୍ଷା କରିଥିଲେ। ବିଶେଷ କରି ଧାନ ସଂଗ୍ରହ କାର୍ଯ୍ୟକୁ ସ୍ୱଚ୍ଛତାର ସହ ତ୍ୱରାନ୍ୱିତ କରିବା ପାଇଁ କମିଟିର ଅଧକ୍ଷ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ବିନା କଟନି ଛଟନିରେ ଏଫ୍‌ଏକ୍ୟୁ ମାନର ଧାନକ୍ରୟ ପ୍ରତି ଯତ୍ନବାନ ହେବାକୁ କୁହାଯାଇଥିଲା। ସେହିପରି ବାଲି ଉତ୍ତୋଳନରେ ମାଫିଆ ରାଜ୍ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପ୍ରଶାସନ ଓ ପୋଲିସ ପ୍ରଶାସନକୁ କମିଟି ନିର୍ଦ୍ଦେଶ ପ୍ରଦାନ କରିଥିଲେ। ସୂଚନା ଯୋଗ୍ୟକି କ୍ଷେତ୍ର ପରିଦର୍ଶନରେ ଜିଲ୍ଲା ପ୍ରଶାସନ ଅଧିକାରୀ ଓ କମିଟି ସଦସ୍ୟମାନେ ଯଶିପୁର ଅଂଚଳ ପରିଦର୍ଶନ କରି ସେଠାରେ ଅଭିଯୋଗ ଓ ସମସ୍ୟାର ତଦାରଖ କରିଥିଲେ। ନିଜ ମନ୍ତବ୍ୟରେ କମିଟି ଅଧକ୍ଷ ତଥା ସିମୁଳିଆ ବିଧାୟକ ଶ୍ରୀ ପଣ୍ଡା କହିଥିଲେ ଯେ, ସାରା ଭାରତରେ ପ୍ରଥମ ରାଜ୍ୟ ଓଡିଶା ଯିଏକି ଚାଷୀ ମାନଙ୍କୁ ୮୦୦ ଟଙ୍କାର ସବସିଡି ପ୍ରଦାନ କରୁଛି ଏଣୁ ଏହି ଐତିହାସିକ ପଦକ୍ଷେପ ପାଇଁ ରାଜ୍ୟ ସରକାରଙ୍କୁ ଅନେକ ଧନ୍ୟବାଦ, କଥା ଦେଇ କଥା ରଖି ଥିବାରୁ ସରକାରଙ୍କୁ ସାଧୁବାଦ ଏବଂ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଯେ କୌଣସି ଚାଷୀ ମାନଙ୍କର ଏହି ଅଧିକାର ଯେପରି କ୍ଷୁର୍ଣ୍ଣ ନହେଉ। ସେହିପରି କମିଟିର ଅନ୍ୟ ସଦସ୍ୟ ମାନେ ଚାଷୀ ମାନଙ୍କର ସମସ୍ତ ସମସ୍ୟା ଶୁଣି ସମାଧାନ ପାଇଁ ଆଶୁ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଜିଲ୍ଲାରେ ବିଭିନ୍ନ ବିଭାଗୀୟ କାର୍ଯ୍ୟର ସମୀକ୍ଷା କରି କମିଟିର ସଦସ୍ୟ ମାନେ ସନ୍ତୁଷ୍ଟି ପ୍ରକାଶ କରିବା ସହିତ ଯେଉଁ କାମ ଗୁଡିକ ସମୟ ସହିତ ବାଧାପ୍ରାପ୍ତ ହୋଇଛି ସେଗୁଡିକୁ ତୁରନ୍ତ ସମାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ଅନେକ ଉନ୍ନତିମୂଳକ କାର୍ଯ୍ୟ ଯଥାରୀତିରେ ଆଗେଇ ଚାଲିଥିବାରୁ ଅଧିକାରୀ ମାନଙ୍କୁ ତଥା ଜିଲ୍ଲା ପ୍ରଶାସନକୁ ସାଧୁବାଦ ଦେଇଥିଲେ। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ, ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଓ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ପ୍ରମୁଖ କମିଟିର କ୍ଷେତ୍ର ସ୍ତରୀୟ ପରିଦର୍ଶନ କାର୍ଯ୍ୟକ୍ରମ ଓ ସମୀକ୍ଷା ବୈଠକରେ ଉପସ୍ଥିତ ରହି ସମୀକ୍ଷାରେ ଆବଶ୍ୟକ ମତେ ସଂପୃକ୍ତ ବିଭାଗର ତଥ୍ୟ ଓ ସମସ୍ୟା ସମ୍ବନ୍ଧରେ କମିଟିକୁ ଅବଗତ କରାଇଥିଲେ। ସହକାରୀ କଲେକ୍ଟର ମାନସୀ ତରାଇ ଏହି ସମୀକ୍ଷା ବୈଠକ ଆୟୋଜନ ଓ ପରିଚ୍ଳନାରେ ଆନୁସଙ୍ଗିକ ସହଯୋଗ କରିଥିଲେ। ସମ୍ପୃକ୍ତ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ, ନିଗମ ମାନଙ୍କର ସାଧାରଣ ପରିଚ୍ଳକ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହି ଆବଶ୍ୟକ ମତେ କମିଟି ନିକଟରେ ନିଜ ନିଜ ବିଭାଗୀୟ ତଥ୍ୟ ଉପସ୍ଥାପନ କରିଥିଲେ।

# କୋରିଅରରେ ଗଞ୍ଜେଇ ଚାଲାଣ ଘଟଣାରେ ୨ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଏକ କୋରିଅର ସଂସ୍ଥା ଦ୍ୱାରା ବ୍ରହ୍ମପୁରରୁ ଦିଲ୍ଲୀକୁ ଗଞ୍ଜେଇ ଚାଲାଣ କରୁଥିବା ୨ ଅଭିଯୁକ୍ତଙ୍କୁ ବୈଦ୍ୟନାଥପୁର ଥାନା ପୁଲିସ ଗିରଫ କରିଛି । ସେମାନେ ହେଲେ ଗଜପତି ଜିଲା ମୋହନା ଥାନା ଦେଉଳଖଣି ଗ୍ରାମର ସୁମନ୍ତ ବଡରଇତ(୨୨) ଓ ଅଭିଜିତ ଶବର(୧୮) । ପୁଲିସ ଅଭିଯୁକ୍ତଙ୍କ ନିକଟରୁ ୪୫ କେଜି ଗଞ୍ଜେଇ ଜବତ କରିଛି । ସୂଚନାପ୍ରକାରେ, ଲାଞ୍ଜିପଲ୍ଲୀ କୃଷ୍ଣନଗର ଠାରେ ଏକ ଘରୋଇ କୋରିଅର ସଂସ୍ଥାର ଏକ ଶାଖା ରହିଛି । ଗତକାଲି ମଧ୍ୟାହ୍ନରେ ଉପରୋକ୍ତ ୨ ଅଭିଯୁକ୍ତ ଏକ ଅଟୋରେ ଆସି ସେଠାରେ ପହଞ୍ଚିଥିଲେ । ସେମାନେ ନିଜ ସାଙ୍ଗରେ ୩ଟି ପ୍ଲାଷ୍ଟିକ ପ୍ୟାକେଟ ଆଣିଥିଲେ । ସେଥିରେ ବଡି ଓ ପାମ୍ପଡ ରହିଛି ବୋଲି କୋରିଅର ସଂସ୍ଥା କର୍ମଚାରୀଙ୍କୁ କହିବା ସହ ଦିଲ୍ଲୀର ଏକ ସ୍ଥାନକୁ କୋରିଅର କରିବାକୁ ଚାହୁଁଥିବା ଜଣାଇଥିଲେ । ତେବେ କୋରିଅର ସଂସ୍ଥାର କର୍ମଚାରୀଙ୍କ ସନ୍ଦେହ ହେବାରୁ ଏବଂ ସେହି ପ୍ୟାକେଟରୁ ଗଞ୍ଜେଇ ବାସ୍ନା ବାହାରୁଥିବାରୁ ପ୍ୟାକେଟ ଖୋଲିବାକୁ କହିଥିଲେ । ହେଲେ ଅଭିଯୁକ୍ତମାନେ ପ୍ୟାକେଟ ଖୋଲିବାକୁ ରାଜି ହୋଇନଥିଲେ । ପ୍ୟାକେଟ ଭିତରେ କିଛି ଚୋରା ସାମଗ୍ରୀ ରହିଥିବା ସନ୍ଦେହ କରି ସଂସ୍ଥାର କର୍ମଚାରୀ ଜଣଙ୍କ ପୁଲିସକୁ ଖବର ଦେଇଥିଲେ । ଖବରପାଇ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ପ୍ୟାକେଟ ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ କାବୁ କରିଥିଲା । ଆଜି ସେମାନଙ୍କୁ ଅଦାଲତ ଚାଲାଣ କରାଯାଇଥିବା ସୂଚନା ମିଳିଛି । ଏ ନେଇ ପୁଲିସ ଅଧିକ ତଦନ୍ତ ଜାରି ରଖିଛି ।

## ଭଞ୍ଜସେନା ପକ୍ଷରୁ ଦାଖଲ ମକଦ୍ଦମାର ଶୁଣାଣି

# ରାଜପଥର କାର୍ଯ୍ୟ ୨ ସପ୍ତାହରେ ଆରମ୍ଭ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ବାରିପଦା, (ସବ୍ୟୁ) : ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଦ୍ୱାରା ଦାଖଲ ହୋଇଥିବା ଏକ ସାର୍ବଜନିକ ହିତ ମକଦମା (ପିଏଲଆଇ) ଯାହା ଦ୍ୱାରସୁଣୀ ଘାଟର ଜୀର୍ଣ୍ଣଦଶା ଓ ଏହାର ପରିଣାମରେ ସାଧାରଣ ଲୋକଙ୍କ ଉପରେ ପଡୁଥିବା କଷ୍ଟ ନେଇଥିଲା, ଆଜି ମାନ୍ୟବର ଓଡିଶା ହାଇକୋର୍ଟ ଦ୍ୱାରା ଶୁଣାଣି କରାଗଲା। ମାମଲା ଉପରେ ସମ୍ପୂର୍ଣ୍ଣ ବିଚାର କରି, ମାନ୍ୟବର ହାଇକୋର୍ଟ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ)-କୁ ବାଙ୍ଗିରିପୋଷିରୁ ବିଶୋଇ ପର୍ଯ୍ୟନ୍ତ ୧୭କିଲୋମିଟର ରାଜପଥର ମରାମତି ଓ ସଂପ୍ରସାରଣ କାମ ଆଗାମୀ ୨ସପ୍ତାହର ମଧ୍ୟରେ ଆରମ୍ଭ କରିବାକୁ ଓ ଜବାବ ଶପଥପତ୍ର (ରିପ୍ଲାଏ ଆଫିଡେଭିଟ) ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପିଆଇଏଲ-କୁ ଭଞ୍ଜସେନା ପକ୍ଷରୁ ଆଇନଜୀବୀ ଆକାଶ ଶର୍ମା ତରଫରୁ ପରିଚାଳନା କରାଯାଇଥିଲା, ଯେଉଁଥିରେ ସେ ଦ୍ୱାରସୁଣୀ ଘାଟିର ବିପର୍ଯ୍ୟସ୍ତ ଅବସ୍ଥା ଫଳରେ ଘଟୁଥିବା ଘନଘନ ଦୁର୍ଘଟଣା ଓ ଲୋକମାନଙ୍କ ଅସୁବିଧା ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣର ପ୍ରତି ଜରୁରି ତାକୁ ଉପସ୍ଥାପନା କରିଥିଲେ। ମାନ୍ୟବର ହାଇକୋର୍ଟଙ୍କ ଏହି ତୁରନ୍ତ ମରାମତି ନିର୍ଦ୍ଦେଶରେ ନିଶ୍ଚିତ ଭାବେ ଲୋକମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯିବ, କାହିଁକିନା ଦୀର୍ଘଦିନ ଧରି ସେମାନେ ଏଭଳି ମରଣଯନ୍ତା ରାସ୍ତାରେ ଭୟାବହ ସ୍ଥିତିରେ ଯାତାୟାତ କରୁଥିଲେ।

# ଭଉଣୀକୁ ବୀଭତ୍ସ ହତ୍ୟା : ଦୁଇ ଭାଇ ଗିରଫ

ଆସିକା, (ସବ୍ୟୁ): ସ୍ଥାନୀୟ ଥାନା ଅନ୍ତର୍ଗତ ରାଇପଲ୍ଲୀ ଗ୍ରାମରେ ୧୬ ତାରିଖ ସକାଳୁ ସକାଳୁ ଭାଇ -ଭଉଣୀ କୁ ଅତି ନୃଶଂସ ଭାବେ ହତ୍ୟା କରିବା ଘଟଣାରେ ପୋଲିସ ଦୁଇ ଭାଇଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାବାଜୀ ପାତ୍ର ଓ ଅନନ୍ତ ପାତ୍ର ବୋଲି ପୋଲିସ ସୂଚନା ଦେଇଛି। ଗ୍ରାମର ଶତ୍ରୁଘ୍ନ ପାତ୍ରଙ୍କ ଝିଅ ଲକ୍ଷ୍ମୀ ମହାନ୍ତି କୁ ୧୬ ତାରିଖ ପ୍ରାୟ ୫ ଟା ସମୟରେ ଘରେ ପଶି ନିର୍ମମ ଭାବେ ହତ୍ୟା ହୋଇଥିଲା। ଘରେ କେହି ନଥିବା ବେଳେ ଅଭିଯୁକ୍ତ ନିଜ ଭଉଣୀକୁ ଶିଲୁପୁଆରେ ଛେଚିବା ସହ ଛୁରୀରେ ଭୂଷିବା ଫଳରେ ରକ୍ତ ଜୁଡୁବୁଡୁ ହୋଇ ଘଟଣା ସ୍ଥଳରେ ହିଁ ପ୍ରାଣବାୟୁ ଚାଲି ଯାଇଥିବା ଓ ହତ୍ୟା ପରେ ଘଟଣା ସ୍ଥଳରୁ ଉଭୟେ ଫେରାର ହୋଇଯାଇ ସୁରଟ ଚାଲି ଯାଇଥିଲେ। ମୃତ ଲକ୍ଷ୍ମୀ ମହାନ୍ତିଙ୍କ ବାପା ଶତ୍ରୁଘନ ପାତ୍ରଙ୍କ ଅଭିଯୋଗକୁ ନେଇ ଥାନା କେଶ ନଂ-୪୨ରେ ମାମଲା ରୁଜୁ ହୋଇଥିଲା। ପୋଲିସ୍ ଶିଳ ପୁଆ, ଛୁରୀ ଜବତ କରି ଘଟଣା ର ତଦନ୍ତ କରୁଥିଲା। ପାରିବାରିକ କଳହ କୁ ନେଇ ହତ୍ୟା କାଣ୍ଡ ସଙ୍ଗଠିତ ହୋଇଥିବା ଜଣାପଡିଛି ।

# ଛତ୍ରପୁର ଉପଜିଲ୍ଲାପାଳ ଭାବେ ଶିବାଶିଷ ବରାଳଙ୍କ ଦାୟିତ୍ୱ ଗ୍ରହଣ



ଛତ୍ରପୁର, (ସବ୍ୟୁ): ଛତ୍ରପୁର ଉପ ଜିଲ୍ଲାପାଳ ଭାବେ ଶିବାଶିଷ ବରାଳ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବରୁ ସେ ଶେରଗଡ଼ ବିଡ଼ିଓ ଭାବେ ଦାୟିତ୍ୱରେ ଥିଲେ । ୨୦୧୫ ବ୍ୟାଚ ଓଏଏସ ଅଫିସର ଭାବେ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ବିଡ଼ିଓ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ । ପରେ ଗଞ୍ଜାମ ଜିଲ୍ଲାର ଶେରଗଡ଼ କୁ ବଦଳି ହୋଇଥିଲେ। ଆଜି ଶ୍ରୀ ବରାଳ ଉପଜିଲ୍ଲାପାଳ ଭାବେ ଦାୟିତ୍ୱ ନେବା ପରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପୂର୍ବରୁ ଛତ୍ରପୁର ଉପ ଜିଲ୍ଲାପାଳ ଦାୟିତ୍ୱରେ ଥିବା ଦେବଦତ୍ତ ମହାନ୍ତ ଅନୁଗୁଳ ଜିଲ୍ଲା ସିଡିଓ ଭାବେ ବଦଳି ହୋଇଛନ୍ତି । ସେ ଦାୟିତ୍ୱ ନେବା ପରେ ଗଞ୍ଜାମ ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସରକାରଙ୍କ ସମସ୍ତ ଜନମଙ୍ଗଳ ଯୋଜନା ଗୁଡିକ ଉତ୍ତମ ଭାବେ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଏବଂ ଗଞ୍ଜାମ ଜିଲ୍ଲାରେ ଚାଲିଥିବା ଧାନ ସଂଗ୍ରହ ପ୍ରକ୍ରିୟା କିପରି ସୁରୁଖୁରୁରେ ପରିଚାଳନା ହେବ ସେଥିପ୍ରତି କାର୍ଯ୍ୟ କରିବି ବୋଲି ତାଙ୍କରି ପ୍ରତିକ୍ରିୟାରେ ଜଣାଇଛନ୍ତି ।

## ଧାନମଣ୍ଡି ପରିଚାଳନା ତ୍ରୁଟି

# ସାତ ଦଫା ଦାବିରେ ଫରୱାର୍ଡ ବ୍ଲକ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଛତ୍ରପୁର, (ସବ୍ୟୁ) : ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ଧନମଣ୍ଡି ପରିଚାଳନାରେ ଅବ୍ୟବସ୍ଥାର ସମାଧାନ କରି କଟନୀଛଟନୀ ବନ୍ଦ କରିବା। ଛତ୍ରପୁର ଠାରେ ଥିବା ନେତାଜୀଙ୍କ ବିକୃତ ପ୍ରତିମୂର୍ତ୍ତିର ପରିବର୍ତ୍ତନ ସହିତ ମୃତ୍ୟୁ ତାରିଖ ହଟାଯାଉ। ଚିକିଟି ମଦ ମୃତ୍ୟୁ ଘଟଣାର ତଦନ୍ତକୁ କ୍ରିୟାଶୀଳ କରିବା ସହିତ ପିଡିତଙ୍କୁ କ୍ଷତିପୂରଣ ପ୍ରଦାନ ଓ ଦୋଷୀ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ। ଗଞ୍ଜାମ ଜିଲ୍ଲାରେ ବିପର୍ଯ୍ୟସ୍ତ ହୋଇ ପଡିଥିବା ଆଇନ ଶୃଙ୍ଖଳାର ସୁଧାର ଆଣିବା ପାଇଁ ଅଧିକ ଥାନା ଖୋଲିବା ଓ ଆବଶ୍ୟକ ପୁଲିସ କର୍ମଚାରୀଙ୍କୁ ନିଯୁକ୍ତି ଦେବା ସହିତ ନିୟମିତ ପେଟ୍ରୋଲିଂ କରିବା। ଗଞ୍ଜାମ ଜିଲ୍ଲାରେ ଜାଲ୍ ସାର୍ଟିଫିକେଟ ଦେଇ ନିଯୁକ୍ତି ପାଇଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ହୋଇଥିବା ଅଭିଯୋଗ ଗୁଡିକର ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଯାଞ୍ଚ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା। ଗଞ୍ଜାମ ଜିଲ୍ଲାରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କରିବା। ଏସପି ଭିଜିଲାନ୍ସ ବ୍ରହ୍ମପୁର କାର୍ଯ୍ୟାଳୟରେ ବିଗତ ୧୦ ବର୍ଷ ମଧ୍ୟରେ ଦୁର୍ନୀତିର ତଦନ୍ତ ପାଇଁ କେତେ ଅଭିଯୋଗ ହୋଇଛି, ସେଥିମଧ୍ୟରୁ କେତେ ତଦନ୍ତ ହୋଇଛି ଏବଂ କେତେ ତଦନ୍ତ ନହୋଇ ଫାଇଲ ଭିତରେ ବନ୍ଧା ହୋଇ ପଡିଛି ତାର ସମୀକ୍ଷା କରିବା ପ୍ରମୁଖ ୭ ଦଫା ଦାବି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱଙ୍କୁ ଫରୱାର୍ଡ ବ୍ଲକ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରତିବାଦ କାର୍ଯ୍ୟକ୍ରମରେ ଫରୱାର୍ଡ ବ୍ଲକ ପକ୍ଷରୁ ଜିଲ୍ଲା ସଭାପତି ବିଭୂଧେନ୍ଦ୍ର ପାଢୀ, ଜିଲ୍ଲା ସାଧାରଣ ସମ୍ପାଦକ ସନ୍ତୋଷ କୁମାର ସାହୁ, ଜିଲ୍ଲା କୋଷାଧକ୍ଷ ସପ୍ନେଶ୍ୱର ପାଣିଗ୍ରାହୀ ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ବେଟି ବଚାଓ, ବେଟି ପଢାଓର ଜିଲ୍ଲାସ୍ତରୀୟ ଦଶବର୍ଷ ପୂର୍ତ୍ତି ପାଳନ ଉତ୍ସବ

ଛତ୍ରପୁର, (ସବ୍ୟୁ): ଜିଲ୍ଲା ପରିଷଦ ଋଷିକୂଲ୍ୟା ସମ୍ମିଳନୀ କକ୍ଷଠାରେ ବେଟି ବଚାଓ ବେଟି ପଢାଓ ର ଦଶବର୍ଷ ପୂର୍ତ୍ତି ଉପଲକ୍ଷେ ଜିଲ୍ଲାସ୍ତରୀୟ ଏକ ଉତ୍ସବ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ତରଫରୁ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷଟି ଯୋଗଦେଇ ପିଲାମାନଙ୍କୁ ସେମାନଙ୍କର ଅଧିକାର ଏବଂ ଭବିଷ୍ୟତ ସୁରକ୍ଷାର ସମ୍ପର୍କରେ ବାର୍ତ୍ତା ଦେଇ ଉତ୍ସାହିତ କରିଥିଲେ। ସମାଜରେ ଝିଅମାନେ ହେଉଛନ୍ତି ମୁଖ୍ୟ, ସେମାନଙ୍କୁ ଉପଯୁକ୍ତ ଅଧିକାର ଓ ସୁବିଧା ଦେବା ଏହା ଆମ ସମସ୍ତଙ୍କର ପ୍ରାଥମିକ ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ । ଜିଲ୍ଲାର ପ୍ରତିଟି ବ୍ଲକ୍ ଏବଂ ସହରାଞ୍ଚଳରୁ ବଛାହୋଇ ଆସିଥିବା ୪୮ ଜଣ କିଶୋରୀ ବାଳିକା ଙ୍କୁ ସମ୍ମାନିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରରେ ବେଟି ବଚାଓ ବେଟି ପଢାଓର ଏକ ଶପଥ ପାଠ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ କୁମାର ଷଡଙ୍ଗୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଆବିଦା ପରବୀନ୍ , ଏସ୍.ଡବ୍ଲ୍ୟୁ.ଓ. ପଦ୍ମିନୀ ସାହୁ, ଓମ୍ୟାନ ଆକ୍ଟିଭିଷ୍ଟ ଅଳକା ସାହୁ, ସେଣ୍ଟର ଆଡମିନିଷ୍ଟ୍ରେଟର ୱାନ ଷ୍ଟପ୍ ସେଣ୍ଟର ବ୍ରହ୍ମପୁର, ଡ ପି.ସି.ଗୌଡ ସୁପରିଟେଣ୍ଡେଣ୍ଟ ଉପଖଣ୍ଡ ଚିକିତ୍ସାଳୟ ଛତ୍ରପୁର, ଜିଲ୍ଲା ଶିଶୁ ମଙ୍ଗଳ ସମିତି, ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଭ୍ୟମାନେ ମଧ୍ୟ ଯୋଗଦେଇ ନିଜର ମତାମତ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଆକସନ୍ ଏଡ୍‌ର ଜିଲ୍ଲା ସଂଯୋଜକ ଦେବବ୍ରତ ମାହୁନ୍ତ ସଞ୍ଚାଳନା କରିଥିଲେ ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ସୁଜିତ୍ କୁମାର ସାହୁ, ସୁଦାମ ପାଣିଗ୍ରାହୀ ପ୍ରମୁଖ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅରୁଣାର ପ୍ରକଳ୍ପ ସଂଯୋଜକ ମାର୍କଣ୍ଡ ମିଶ୍ର ଅନ୍ୟବାଦ ଅର୍ପଣ କରିଥିଲେ ।

# ମୟୂରଭଞ୍ଜ କୁଇଜ୍ ପ୍ରତିଯୋଗିତା ଆୟୋଜିତ

ବାରିପଦା, (ସବ୍ୟୁ) : ଦେଶର ୭୪ତମ ସାଧାରଣତନ୍ତ୍ର ଦିବସ ପାଳନ ଶୁଭାବସର ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ସ୍ଥାନୀୟ ଏମ୍‌ପିକେ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲାପ୍ରଶାସନ ଆନୁକୁଲ୍ୟ ମୟୂରଭଞ୍ଜ ସାହିତ୍ୟ ପରିଷଦ ଦ୍ୱାରା 'ମୟୂରଭଞ୍ଜ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଯାଇଅଛି। ଏହି ପ୍ରତିଯୋଗିତାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାରିପଦାର ୯ମ ଶ୍ରେଣୀ ଛାତ୍ର ପାର୍ଥସାରଥୀ ମହାନ୍ତ ପ୍ରଥମ, ରାଣୀଭୋଳ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୮ମ ଶ୍ରେଣୀ ଛାତ୍ର ଦିବ୍ୟାଂଶୁ ଚହ୍ୱାନ ଦ୍ୱିତୀୟ ଏବଂ ଯୁଗ୍ମ ଭାବେ ଏମ୍‌ପିକେ ବାଳିକା ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ରୀ ହେମାଙ୍ଗିନୀ ପଣ୍ଡା ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତୁଳସୀ ଚଉରା ୮ମ ଶ୍ରେଣୀର ଛାତ୍ର ଆନନ୍ଦରାଜ ପାଣିଗ୍ରାହୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମୟୂରଭଞ୍ଜ ସାହିତ୍ୟ ପରିଷଦର ବରିଷ୍ଠ ସଦସ୍ୟ କୈବଲ୍ୟ ପ୍ରସାଦ ମହାପାତ୍ର, ପ୍ରାକ୍ତନ ଉପସଭାପତି ସୁଶ୍ରୀ ବୀଣାପାଣି ପଣ୍ଡା, ଅନୁଷ୍ଠାନର ସଭାପତି ପଦ୍ମନାଭ ସାହୁ ତଥା କୋଷାଧ୍ୟକ୍ଷ ଅଧ୍ୟାପକ ସମରେନ୍ଦ୍ର କୁମାର ବଶାଙ୍କ ତତ୍ତ୍ୱାବଧାନରେ କୁଇଜ୍ ପ୍ରତିଯୋଗିତା ପରିଚାଳିତ ହୋଇଥିବାବେଳେ ଚଳିତ ସାଧାରଣତନ୍ତ୍ର ଦିବସ ସମାରୋହରେ କୃତୀ ଛାତ୍ରଛାତ୍ରୀଙ୍କୁ ମୟୂରଭଞ୍ଜ ଜିଲ୍ଲା କର୍ତ୍ତୃପକ୍ଷଙ୍କ ତରଫରୁ ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରାଯିବ ବୋଲି ସଭାପତି ସାହୁ ପ୍ରକାଶ କରିଛନ୍ତି।

# ୨୪ରେ ହେବ ମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଶିବିର

ବାରିପଦା, (ସବ୍ୟୁ) : ଓଡ଼ିଶା ସରକାରଙ୍କ ଗୃହ, ନଗର ଉନ୍ନୟନ ବିଭାଗ ପକ୍ଷରୁ ମାନ୍ୟବର ମନ୍ତ୍ରୀ ଗୃହ, ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡଃ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଆସନ୍ତା ୨୪ତାରିଖ ଦିନ ଜନସାଧାରଣଙ୍କ ନିମନ୍ତେ ଏକ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ସୂଚନାପ୍ରାପ୍ତ ହୋଇଅଛି। ଏହି ପରିପ୍ରେକ୍ଷୀରେ ମାନ୍ୟବର ମନ୍ତ୍ରୀ ଶୁଳିଆପଦା ବ୍ଲକ ସ୍ଥିତ ସମ୍ମିଳନୀ କକ୍ଷରେ ସେହିଦିନ ସକାଳ ୧୧ଟା ସମୟରେ ଜନସାଧାରଣ ମାନଙ୍କ ଅଭିଯୋଗ ଶୁଣିବେ। ଅନୁଷ୍ଠିତ ହେବାକୁ ଥିବା ଜନଅଭିଯୋଗ ଶୁଣାଣି ଶିବିରରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଲାଇନ ବିଭାଗ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାର ମାନଙ୍କ ଉପସ୍ଥିତିରେ ସାଧାରଣ ଜନତାଙ୍କ ଆପତ୍ତି ଅଭିଯୋଗ ପତ୍ର ଗୁଡିକର ଶୁଣାଣି କରି ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ। ଉକ୍ତ ଧାର୍ଯ୍ୟ ତାରିଖ ଓ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଂଚଳର ଜନସାଧାରଣ ନିଜର ବ୍ୟକ୍ତିଗତ ଓ ସାମୁହିକ ସମସ୍ୟା ସମ୍ପର୍କିତ ଅଭିଯୋଗ ଉପସ୍ଥିତ ରହି ଜଣାଇ ପାରିବେ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଓଳାଶୁଣୀ ଗୁମ୍ଫାଯାତ୍ରା ଉଦ୍‌ଘାଟନ କରିବେ ବାଚସ୍ପତି

## ସୁବଳ ଚରଣ ଦାସଜୀ ମହାରାଜଙ୍କୁ ସନ୍ଥ ଅରକ୍ଷିତ ସମ୍ମାନ

## ଡ. ନରେଶ ଚନ୍ଦ୍ର ଦାଶଙ୍କୁ ମା ଓଳାଶୁଣୀ ସମ୍ମାନ





ବାଲିଚନ୍ଦ୍ରପୁର, (ସବ୍ୟୁ): ଦ୍ୱାଦଶ ରାଜ୍ୟସ୍ତରୀୟ ଓଳାଶୁଣୀ ଗୁମ୍ଫା ମହୋତ୍ସବ ଚଳିତ ଜାନୁଆରୀ ୨୫ ତାରିଖ ଶନିବାର ଦିନ ଅନୁଷ୍ଠିତ ହେବ । ମାଘ କୃଷ୍ଣ ଏକାଦଶୀ ତିଥିରେ ତଥା ମହାପୁରୁଷ ଅରକ୍ଷିତ ଦାସଙ୍କ ବ୍ରହ୍ମଲୀନ ଦିବସରେ ପ୍ରତିବର୍ଷ ଓଳାଶୁଣୀ ପୀଠ ବଡ଼ଦାଣ୍ଡସ୍ଥିତ ଅନନ୍ତ ଗୁମ୍ଫାଠାରେ ଏହି ଆଧ୍ୟାତ୍ମିକ ଓ ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହୋଇଥାଏ । ଓଳାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟ ଏବଂ ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି ରାଜ୍ୟସ୍ତରୀୟ ଓଳାଶୁଣୀ ଗୁମ୍ଫା ମହୋତ୍ସବରେ ଶ୍ରୀ ଗୌରବିହାର ଆଶ୍ରମର ମଠାଧୀଶ ମହାମଣ୍ଡଳେଶ୍ୱର ଶ୍ରୀ ମହନ୍ତ ସୁବଳ ଚରଣ ଦାସଜୀ ମହାରାଜଙ୍କୁ ସନ୍ଥ ଅରକ୍ଷିତ ଦାସ ସମ୍ମାନ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡକ୍ଟର ନରେଶ ଚନ୍ଦ୍ର ଦାଶଙ୍କୁ ମା ଓଳାଶୁଣୀ ସମ୍ମାନରେ ସମ୍ମାନିତ କରାଯିବ । କସକାଳ ୧୦ ଘଟିକାରେ ମା ଓଳାଶୁଣୀଙ୍କ ପୀଠରୁ ସନ୍ଥ ସମାଧି ଦର୍ଶନ ସହିତ ମହୋତ୍ସବ ସ୍ଥଳ ପର୍ଯ୍ୟନ୍ତ ଆଜ୍ଞାମାଳ ଯାତ୍ରା ଅନୁଷ୍ଠିତ ହେବ ଏବଂ ଏଥିରେ ରାଜ୍ୟର ବିଭିନ୍ନ ସାଧୁସନ୍ଥମାନଙ୍କୁ ସମ୍ମାନିତ କରାଯିବ । ଅପରାହ୍ନ ୪ ଘଟିକା ସମୟରେ ଆୟୋଜିତ ଉଦଘାଟନୀ ଉତ୍ସବରେ ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଉଦଘାଟକ, ବଡ଼ଚଣା ବିଧାୟକ ଅମର କୁମାର ନାୟକ ମୁଖ୍ୟଅତିଥି ଓ ଯାଜପୁର ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ବରେଣ୍ୟ ଅତିଥି ଭାବେ ଯୋଗଦେବେ । ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଟ୍ରଷ୍ଟର ଅଧକ୍ଷ ଶରତ ଚନ୍ଦ୍ର ପ୍ରଧାନ, ଉପାଧକ୍ଷ ଦାମୋଦର ସ୍ୱାଇଁ, ମ୍ୟାନେଜିଂ ଟ୍ରଷ୍ଟି ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁ, ଟ୍ରଷ୍ଟି ପ୍ରାଧାପକ ରବୀନ୍ଦ୍ର ନାଥ ସାମଲ, ଉମେଶ ଚନ୍ଦ୍ର ସାମଲ, ସୁମନ୍ତ କୁମାର ସାମଲ, ଶ୍ରୀକାନ୍ତ କୁମାର ସାମଲ, ସାମ୍ବାଦିକ ବିରୂପାକ୍ଷ ତ୍ରିପାଠୀ ଓ ସରସ୍ୱତୀ ବେହେରା ପ୍ରମୁଖ ନିବେଦନ କରିଛନ୍ତି ।

# ଭଞ୍ଜନଗରରେ ଜାତୀୟ ବାଳିକା ଦିବସ ପାଳିତ



ଭଞ୍ଜନଗର, (ସବ୍ୟୁ): ବୁଧବାର ଭଞ୍ଜନଗର ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ଭେଜିପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ଭଞ୍ଜନଗର ବ୍ଲକ ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏସ୍ ଧନଞ୍ଜୟଙ୍କ ନିର୍ଦ୍ଦେଶ କ୍ରମେ ଏହି କାର୍ଯ୍ୟକ୍ରମକୁ ଏବିଇଓ ତଥା ବିଆରସିସି ସୂର୍ଯ୍ୟ ନାଇକ ଆନୁଷ୍ଠାନିକ ଭାବେ ଉଦଘାଟନ କରି ବାଳିକା ଶିକ୍ଷା, ଆତ୍ମ ନିର୍ଭରରଶୀଳତା, ଆତ୍ମ ସୁରକ୍ଷା, ନାରୀ ସଶକ୍ତିକରଣ ତଥା ସୁଦୃଢ଼ୀକରଣ, କନ୍ୟା ରତ୍ନ ସଂରକ୍ଷଣ ତଥା ଅନ୍ୟାନ୍ୟ ଶୈକ୍ଷିକ ଦିଗ ଉପରେ ତଥ୍ୟ ପ୍ରଦାନ କରିଥିଲେ। ଏବିଇଓ ଗଜେନ୍ଦ୍ର କୁମାର ସେଠୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ବାଳିକା ଛାତ୍ରୀ ମାନଙ୍କୁ ନେଇ ନାରୀ ସୁରକ୍ଷା ଉପରେ ବିଭିନ୍ନ ପ୍ରତିଯୋଗିତା ଯଥା ପ୍ରବନ୍ଧ, ଚିତ୍ରାଙ୍କନ ଓ ସ୍ଲୋଗାନ ଲିଖନ ଆୟୋଜନ କରାଯାଇଥିଲା। ବିଚାର ପତି ଏବଂ ଉପସ୍ଥିତ ଶିକ୍ଷକ ଓ ସିଆରସିସିଙ୍କ ଗହଣରେ ଏବିଇଓ ଶ୍ରୀ ଚରଣ ବେହେରା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରି ସମ୍ମାନୀତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଦୀପ କୁମାର ସାସମଲ, ମନୋଜ କୁମାର ଗୌଡ଼, ରମେଶ ବେହେରା, ସନ୍ତୋଷ ରଥ, ସୋନିକା କୁମାରୀ ଗୌଡ଼ ଏବଂ କାଳୀଚରଣ ନାୟକ ବିଚାରପତି ରୂପେ କାର୍ଯ୍ୟ ନିର୍ବାହ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀ, ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପାଣ୍ଡବ ସେଠୀ ଓ ସିଆରସିସି ବିଭୁ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ସମସ୍ତ ପ୍ରକାରର ସାହାଯ୍ୟ ଓ ସହଯୋଗ କରିଥିଲେ।

# ଉପଜିଲ୍ଲାପାଳଙ୍କ ମହିମା ଧାମ ପରିଦର୍ଶନ



ଅନୁଗୋଳ, (ସବ୍ୟୁ୦: ଅନୁଗୋଳର ନୂତନ ଉପଜିଲ୍ଲାପାଳ ମାୟାଧର ବେହେରା ଆଜି ମହିମା ଧାମ ପରିଦର୍ଶନ ରେ ଆସିଥିଲେ। ଆସନ୍ତା ଫେବୃଆରୀ ମାସ ୧୦ ରୁ ୧୪ତାରିଖ ପର୍ଯ୍ୟନ୍ତ ଅନୁଗୋଳ ବ୍ଲକ ଅନ୍ତର୍ଗତ ଅଙ୍ଗାରବନ୍ଦ ଠାରେ ହେବାକୁଥିବା ଅଲେଖ ମହିମା ମାଘ ମେଳା ତଥା ଅନ୍ତର୍ଜାତୀୟ ମହିମା ମହୋତ୍ସବ ଆୟୋଜନ ପରିପ୍ରେକ୍ଷୀରେ ଅନୁଗୋଳ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା ଆଜି ଅପରାହ୍ନରେ ଅଙ୍ଗାରବନ୍ଧ ସ୍ଥିତ ମହିମା ଧାମ ପରିଦର୍ଶନରେ ଆସିଥିଲେ। ମହିମା ଧାମର ବାବା ତ୍ରିନାଥ ଦାସ ମନ୍ଦିର ଦର୍ଶନ କରାଇଥିଲେ। ଉପଜିଲ୍ଲାପାଳ ମହିମା ଧାମର ମନ୍ଦିର ଓ ମହୋତ୍ସବ ହେଉଥିବା ସ୍ଥାନ ମଧ୍ୟ ପରିଦର୍ଶନ କରିଥିଲେ। ଉପଜିଲ୍ଲାପାଳ ଶ୍ରୀ ବେହେରା ଚଳିତ ବର୍ଷ ହେବାକୁ ଥିବା ମହିମା ମହୋତ୍ସବରେ କୌଣସି ତ୍ରୁଟି ହେବନାହିଁ ଓ ମହୋତ୍ସବ ସ୍ଥାନରେ ପାଉଁଶ ଉପରେ ଯଥା ଶିଘ୍ର ମାଟି ପକେଇବା ପାଇଁ ନାଲକୋ କର୍ତ୍ତୃପକ୍ଷଙ୍କୁ ଶିଘ୍ର ଅବଗତ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। ଚଳିତ ମାସ ୨୪ତାରିଖ ଦିନ ମହିମା ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଗୋଳ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ସମସ୍ତ ବିଭାଗ ମାନଙ୍କୁ ଅତିଶୀଘ୍ର ଅବଗତ କରିବା ପାଇଁ ପରିଚାଳନା କମିଟିର କର୍ମକର୍ତ୍ତା ମାନଙ୍କୁ ପରାମର୍ଶ ଦେଇଥିଲେ। ଉପଜିଲ୍ଲାପାଳ ଙ୍କ ପରିଦର୍ଶନ ସମୟରେ ଧାମର ପରିଚାଳନା କମିଟିର ସାଧାରଣ ସମ୍ପାଦକ କୃଷ୍ଣ ଚନ୍ଦ୍ର ପ୍ରଧାନ, କୋଷାଧକ୍ଷ ବିଜ୍ଞାନୀ ବେହେରା, ଅଷ୍ଟମୀ ସାହୁ, ଆଇନଜୀବୀ ଦ୍ୱାରିକା ପ୍ରସାଦ ନନ୍ଦ, ଗୋପାଳ ଚନ୍ଦ୍ର ନାଥ, ଅକ୍ଷୟ ସାହୁ, ଦେବରାଜ ସାହୁଙ୍କ

# ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ପରେ ବିଭାଗ ପକ୍ଷରୁ ସର୍ଭେ ଆରମ୍ଭ

ଠାକୁରଗଡ଼, (ସବ୍ୟୁ୦: ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ସାନହୁଲା ଶିବ ମନ୍ଦିର ଠାରୁ ଭାୟା ଦାମଦରପୁର ଦେଇ ଧଉରାଗୋଠ ପର୍ଯ୍ୟନ୍ତ ମାଟି ରାସ୍ତାକୁ ପକ୍କା ରାସ୍ତାରେ ପରିଣତ କରିବା ସହ ରାସ୍ତା ମଝିରେ ପଡୁଥିବା ନାଳ ଉପରେ ବ୍ରିଜ ନିର୍ମାଣ ପାଇଁ ୫ ଖଣ୍ଡ ଗ୍ରାମବାସୀ ମାନେ ତା ୧୫/୦୧/୨୦୦୫ ରେ ମୁଖ୍ୟମନ୍ତ୍ରୀ ଙ୍କୁ ଦାବିପତ୍ର ଦେବା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଉକ୍ତ ରାସ୍ତା ସହ ନାଳକୁ ସର୍ଭେ କରାଯାଇଛି। ବିଭାଗ ପକ୍ଷରୁ ଏକ ଟିମ ମଙ୍ଗଳବାର ଠାରୁ ଉକ୍ତ ନାଳ ନିକଟରେ ଅସ୍ଥାୟୀ କ୍ୟାମ୍ପ କରି ପାଣିକୁ ମେସିନ ସାହାଜ୍ୟରେ ଯାଞ୍ଚ କରିଛନ୍ତି । ଏଥିସହ ମାଟିକୁ ପରୀକ୍ଷା କରିଛନ୍ତି । ରାସ୍ତା କୁ ସମ୍ପୂର୍ଣ୍ଣ ବିଭାଗୀୟ ଅଧିକାରୀ ମାନେ ବୁଲି ଯାଞ୍ଚ କରିଛନ୍ତି। ଅଞ୍ଚଳବାସି କହିବା ଅନୁଯାୟୀ ଜେ ସାନହୁଲା ଠାରୁ ଧଉରାଗୋଠ ପର୍ଯ୍ୟନ୍ତ ୮ କିମି ମାଟି ରାସ୍ତା ଟି ପିଚୁ ରାସ୍ତାରେ ପରିଣତ କରିବା ପାଇଁ ୨୦୦୦ ମସିହା ଠାରୁ ଦାବି ହୋଇ ଆସୁଛି । ଏହି ରାସ୍ତା ହେଲେ କିଶୋରନଗର ବ୍ଲକକୁ ସହଜରେ ସଂଯୋଗୀକରଣ ହେଇ ପାରିବ । ଏହି ରାସ୍ତା ଉପରେ ସାନହୁଲା, କୁରୁମଟାପ, ବିଲେଇନାଳୀ, ପଞ୍ଚାୟତର ସାନହୁଲା, ଦାମଦରପୁର, ମନ୍ଦରବାହାଳ, କିସାନସାହି, ଧଉରାଗୋଠ, କରଡ଼ାବାହାଳୀ, ସହ ଆଖପାଖରୁ ୧୫ ଟି ଗ୍ରାମବାସି ନିର୍ଭର ଶିଳ । ରାସ୍ତା ଟି ମାଟି ରାସ୍ତା ଥିବା ବେଳେ ଖାଲ ଖମାରେ ପରିପୂର୍ଣ୍ଣ ହୋଇ ରହିଛି । ବିଶେଷ କରି ଏହି ରାସ୍ତାର ମଝି ପାର୍ଶ୍ୱରେ ଏକ ନାଳ ପଡୁଥିବା ବେଳେ ଏକ ବ୍ରିଜ ନିର୍ମାଣ ହେଉ ନାହିଁ । ଏହି ରାସ୍ତାରେ ପ୍ରତେକ ଦିନ ଅଞ୍ଚଳ ବାସି ଯାତାୟାତ କରୁଥିଲେ ମଧ୍ୟ ବର୍ଷା ସମୟ ରେ ୮ କିମି ଦେଇ ମନ୍ଦରବାହାଳ ଦେଇ ଆସିବାକୁ ପଡୁଛି । ବର୍ଷା ସମୟ ରେ ଯୋଗା ଯୋଗ ବିଚ୍ଛିନ୍ନ ହୋଇ ପଡୁଛି । ଅନ୍ୟ ଦିନ ଗୁଡିକ ରେ ଆଠମଲ୍ଲିକ ଅଞ୍ଚଳରେ ଥିବା କଲେଜ, ତହସିଲ, ଓ ଅନୁଗୋଳ ଜିଲ୍ଲା କାର୍ଯ୍ୟାଳୟକୁ ଯିବା ଆସିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରୁଥିବା ବେଳେ ବହୁ ଅସୁବିଧା ହୋଇ ଆସୁଛନ୍ତି । ଏହି ରାସ୍ତା ନିର୍ମାଣ ହେଲେ କିଶୋରନଗର ବ୍ଲକକୁ ସହଜ ରାସ୍ତା ହେବା ସହ ଏହି ଅଞ୍ଚଳ ର ବିକାଶ ହୋଇ ପାରିବ । ଏ ପରିକି ପିଚୁ ରାସ୍ତା ନଥିବା ଯୋଗୁଁ କୌଣସି ସରକାରୀ ଅଧିକାରୀ ମାନେ ସଠିକ ଭାବରେ ଗ୍ରାମ ଗୁଡିକ କୁ ଯାଇ ପାରୁନଥିବା ବେଳେ ସରକାରୀ ଯୋଜନା ମଧ୍ୟ ସଠିକ ଭାବରେ ପହଞ୍ଚି ପାରୁ ନାହିଁ । ଏ ପରିକି କଚା ରାସ୍ତାରେ ବୃଦ୍ଧା ବୃଦ୍ଧ ମାନେ ପଞ୍ଚାୟତକୁ ରାସନ ସାମଗ୍ରୀ ସହ ଭଡା ନେବା ପାଇଁ ଅସୁବିଧା ସମ୍ମୁଖୀନ ହୋଇ ଆସୁଛନ୍ତି । ରାସ୍ତାକୁ ପିଚୁ ରାସ୍ତାରେ ପରିଣତ କରିବା ପାଇଁ ଗ୍ରାମର ସାମାଜିକ କର୍ମୀ ଦିଲେଶ୍ୱର ନାୟକ ୧୫ ଜୁଲାଇରେ ମୁଖ୍ୟମନ୍ତ୍ରୀ ଙ୍କୁ ଭେଟି ଏକ ଦାବିପତ୍ର ଦେଇଥିଲେ । ହେଲେ ତାଙ୍କ ଦାବିପତ୍ର କୌଣସି ପଦକ୍ଷେପ ନିଆଁଯାଇ ନଥିବା ଯୋଗୁଁ ପୁଣି ଦିଲେଶ୍ୱର ୩୦ ଡିସେମ୍ବରରେ ମୁଖ୍ୟମନ୍ତ୍ରୀ ଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି । ତୁରନ୍ତ ଉକ୍ତ ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରି ପିଚୁ ରାସ୍ତାରେ ପରିଣତ କରିବା ପାଇଁ ଦାବି କରିଥିଲେ ।

## ଗେଙ୍ଗୁଟିଆ ଗ୍ରାମରେ ଅଘଟଣ
# ବିବାହ ପ୍ରସେସନରେ ବାଣ ଫୁଟାଳିର ମୃତ୍ୟୁ



କଣିହାଁ/ରେଙ୍ଗାଳି, (ସବ୍ୟୁ): ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଳି ଥାନା ଅନ୍ତର୍ଗତ ଗେଙ୍ଗୁଟିଆ ଗ୍ରାମର ବିବାହ ପ୍ରସେସନରେ ଅଘଟଣ ଘଟିଛି । ଏଥିରେ ବାଣ ଫୁଟାଇବାକୁ ଆସିଥିବା ଯୁବକ ଜଣକ ବାଣ ବିସ୍ଫୋରଣରେ ମୃତ୍ୟୁ ହୋଇଛି । ମୃତ୍ୟୁ ଯୁବକ ଜଣକ ହେଲେ ତାଳଚେର ଥାନା ଅନ୍ତର୍ଗତ ସଛପଡା ଗ୍ରାମର ଉଗ୍ରସେନ ବେହେରା (୪୫) ବୋଲି ଜଣାପଡିଛି। ରେଙ୍ଗାଳି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟଯେ, ବୁଧବାର ଦିନ ୧୨ଘଟିକା ସମୟରେ ଗେଙ୍ଗୁଟିଆ ଗ୍ରାମର ଯାତ୍ରାକର ସାହୁଙ୍କ ପୁଅ ସଚିନ ଚନ୍ଦ୍ର ସାହୁ ଙ୍କର ବାହାଘର ପ୍ରସେସନ ନିଜ ଗାଁରୁ ବାହାରିଥିଲା ଦେବଗଡ ଜିଲ୍ଲା ବସାଲୟୀ ଗ୍ରାମପଞ୍ଚାୟତ କୁଣ୍ଡାପଶି ଗ୍ରାମକୁ । ଏଥିପାଇଁ ପ୍ରସେସନ ବହୁତ ଯାକଜକମ ଥିଲା। ଏଥିପାଇଁ ବାଣଫୁଟାଳି ସହିତ ବାଣ ତାଳଚେର ରୁ ଅଣାଯାଇଥିଲା। ବାଣ ଫୁଟାଉଥିବା ବ୍ୟକ୍ତି ବାଣ ଭର୍ତ୍ତିଥିବା ବ୍ୟାଗ ଟିକୁ ନିଜ କାନ୍ଧରେ ଧରିଥିଲେ । ତୋପ ବାଣ ଫୁଟାଇବା ସମୟରେ ଉକ୍ତ ଦିନ ପ୍ରାୟ ସାଢ଼େ ୧୨ ଘଟିକା ସମୟରେ ଭାରସାମ୍ୟ ହରାଇବାରୁ ବାଣର ନିଆଁ ହଠାତ ଆସି ପଡିଥିଲା ବାଣ ବ୍ୟାଗରେ । ବାଣ ବ୍ୟାଗଟି ନିଆଁ ଲାଗିବାରୁ ଉଗ୍ରସେନକୁ ପାଖାପାଖି ୧୦ ରୁ ୧୫ ଫୁଟ୍ ଉପରକୁ ଉଠାଇ ତଳେ ପକାଇ ଦେଇଥିଲା। ପୋଡିଯାଇଥିବା ଅବସ୍ଥାରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା । ଘଟଣାସ୍ଥଳରେ ରେଙ୍ଗାଳି ପୋଲିସ ପହଞ୍ଚି ତଦନ୍ତ ଚଳାଇଛି ।

## ସବର୍ଣ୍ଣ-ଅସବର୍ଣ୍ଣ ଗଣ୍ଡଗୋଳ ଘଟଣା
# ସବର୍ଣ୍ଣ ମହିଳା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ରାସୋଳ ଥାନା ଅନ୍ତର୍ଗତ ବାବନ୍ଧ ପଞ୍ଚାୟତ ବେଡାପଡା ଗ୍ରାମରେ ଗତ ୧୨ତାରିଖ ଦିନ କ୍ରିକେଟ ଖେଳକୁ ନେଇ ଗ୍ରାମରେ ସବର୍ଣ୍ଣ ଅସବର୍ଣ୍ଣମାନଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିବା ସହିତ ଘରନଷ୍ଟ ଏବଂ ମାଡପିଡ ହୋଇଥିଲା। ସେହିଦିନ ଠାରୁ ପୋଲିସ ସବର୍ଣ୍ଣମାନଙ୍କ ଉପରେ ଆକ୍ରୋଶ ମୂଳକ ଭେଦଭାବ ରଖି ଦମନ ମୂଳକ ପଦକ୍ଷେପ ନେଉଥିବାରୁ ଏହାର ନ୍ୟାୟ ପାଇଁ ଗ୍ରାମର ସବର୍ଣ୍ଣ ମହିଳାମାନେ ଜିଲ୍ଲାପାଳଙ୍କୁ ଭେଟି ଲିଖିତ ଭାବରେ ଜଣାଇଛନ୍ତି। ସବର୍ଣ୍ଣ ମହିଳାମାନଙ୍କ ଅଭିଯୋଗ ଅନୁସାରେ ଗତ ୧୨ ତାରିଖ ଦିନ କ୍ରିକେଟ ଖେଳ ସରିବା ପରେ ପୁରସ୍କାର ବିତରଣ ଉତ୍ସବ ଚାଲିଥିଲା। ଏହି ସମୟରେ ଗ୍ରାମର କେତେକ ଅସବର୍ଣ୍ଣ ଯୁବକ ପଡିଆରେ ମୋଟରସାଇକେଲ ବୁଲାଇବା ସହିତ ସବର୍ଣ୍ଣ ପିଲାମାନଙ୍କୁ ମାଡ ପିଟ କରିଥିଲେ। ଖେଳ ଶେଷ ହେବା ପରେ ସନ୍ଧ୍ୟା ସମୟରେ ଘରକୁ ଫେରୁଥିବା ବେଳେ ଗ୍ରାମର ରାକେଶ ପରିଡା,ବିକାଶ ସାମଲଙ୍କୁ ମରଣାନ୍ତ ଆକ୍ରମଣ କରିବା ଯୋଗୁ ରାକେଶ ଗୁରୁତର ଆହତ ହୋଇ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିବାର ଜଣାପଡିଛି। ହରିଜନ ଲୋକମାନେ ନିଜ ଘର ନିଜେ ଭାଙ୍ଗି ସରକାରଙ୍କ ଠାରୁ କ୍ଷତି ପୂରଣ ପାଇବା ପାଇଁ ଏଭଳି କରିଥିବାର ଜଣାପଡିଛି। ଏହାକୁ ନେଇ ପୋଲିସ ଦମନମୂଳକ ପଦକ୍ଷେପ ନେବା ସହିତ ପାଠ ପଢୁଥିବା ୧୫ଜଣ ଛାତ୍ରଙ୍କୁ ଗରିଫ କରିଥିବାର ଜଣାପଡିଛି। ରାସୋଳ ଥାନାଧିକାରୀ ଅସବର୍ଣ୍ଣମାନଙ୍କ ପ୍ରତି କୋହଳ ମନୋଭାବ ରଖିବା ସହିତ ଗିରଫ ଦାରୀ ଚଳାଇଛନ୍ତି। ଗ୍ରାମର ହିମାଂଶୁ ନାଏକ ଏବଂ ନରୋତ୍ତମ ନାଏକଙ୍କ ସହିତ ଅନ୍ୟ ଅସବର୍ଣ୍ଣମାନେ ସବର୍ଣ୍ଣମାନଙ୍କୁ ଧମକ ଚମକ ଦେଉଛନ୍ତି। ଫଳରେ ଗ୍ରାମଟି ପୁରୁଷ ଶୂନ୍ୟ ହୋଇପଡିଛି। ଏ ଦିଗରେ ଉଚିତ୍ ପଦକ୍ଷେପ ନେବା ସହିତ ପ୍ରକୃତ ଘଟଣାର ତଦନ୍ତ କରି ପ୍ରକୃତ ଦୋଷୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରମାର ମହିଳାମାନେ ଦାବୀ କରିଛନ୍ତି।

## ଫେବ୍ରୁଆରି ୧୫ ଓ ୧୬ରେ ୟୁଥ ହଷ୍ଟେଲ ପକ୍ଷରୁ
# ରାଜ୍ୟସ୍ତରୀୟ ପର୍ବତାରୋହଣ କାର୍ଯ୍ୟକ୍ରମ



ଅନୁଗୁଳ, (ସବ୍ୟୁ): ଅନୁଗୁଳ ଜିଲ୍ଲା ନାଲକୋ ଶାଖା ୟୁଥ ହଷ୍ଟେଲ ଅଫ ଇଣ୍ଡିଆ ପକ୍ଷରୁ ରାଜ୍ୟସ୍ତରୀୟ ଜୈବ ବିବିଧତା ଓ ପର୍ବତାରୋହଣ କାର୍ଯ୍ୟକ୍ରମ ଆସନ୍ତା ଫେବ୍ରୁଆରି ୧୫ ଓ ୧୬ ଦୁଇ ଦିନ ଧରି ଅନୁଷ୍ଠିତ ହେବ । ଏନେଇ ଅନୁଗୁଳ ସହରର ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ନାଲକୋଶାଖା ସଭାପତି ଭବାନୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି। ଚଳିତ ବର୍ଷ ଟିକରପଡାର ଉଚ୍ଚ ବିଦ୍ୟାଳୟ ପରିସରରେ କ୍ୟାମ୍ପ ହେବା ପାଇଁ ସ୍ଥିର କରାଯାଇଛି। ୧୫ ତାରିଖରେ ଅନୁଗୁଳ ସହରରୁ ଟିମ୍ ଟିକରପଡା ଅଭିମୁଖେ ଯାତ୍ରା କରିବ। ଟିକରପଡା ଉଚ୍ଚ ବିଦ୍ୟାଳୟ ପରିସରରେ କ୍ୟାମ୍ପରେ ସମସ୍ତେ ରାତ୍ର ରହଣି କରିବେ। ଏହାପରେ ୧୬ ତାରିଖ ସକାଳେ ସେମାନେ ପର୍ବତାରୋହଣ କରିବା ସହ ସାତକୋଶିଆ ବିଷୟରେ ଜାଣିବେ। ଏହା ପୂର୍ବରୁ ରେକୀ ପାଇଁ ଏକ ଟିମ୍ ଟିକରପଡା ଗସ୍ତ କରି ପାହାଡ଼ ଚଢିବେ ବୋଲି ବୈଠକରେ ଜଣାଯାଇଛି। ଏହି ବୈଠକରେ ରାଜ୍ୟ ସମ୍ପାଦକ ପ୍ରହ୍ଲାଦ ପଟ୍ଟନାୟକ, ନାଲକୋ ଶାଖା ସମ୍ପାଦକ ଦିଲ୍ଲୀପ କୁମାର ଦାସ, ଉଦୟ ଶଙ୍କର ମିଶ୍ର, ଶତ୍ରୁଘ୍ନ ସାହୁ, ସରୋଜ ପଟ୍ଟନାୟକ, ଶିବରାମ ଦେହୁରୀ, ପଦ୍ମଚରଣ ପ୍ରଧାନ, ଧ୍ରୁବ ଦ୍ୱିବେଦୀ, ରାଜା ମହେନ୍ଦ୍ର ମିଶ୍ର, ବ୍ରହ୍ମଜ୍ୟୋତି ମିଶ୍ରଙ୍କ ସମେତ ଅନ୍ୟ ସଦସ୍ୟମାନେ ଯୋଗ ଦେଇଥିଲେ ।

# ଧରମପୁର ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡା

ତାଳଚେର, (ସବ୍ୟୁ): ତାଳଚେର ବ୍ଲକ୍ ଧରମପୁର ଉଚ୍ଚ ବିଦ୍ୟାଳୟରେ ୧୬ ତାରିଖ ଠାରୁ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଥିଲା। ସର୍ବମୋଟ ୨୦ଟି ପ୍ରକାର ଖେଳ ହେଇଥିବା ବେଳେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଏଥିରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ଦଶମ ଶ୍ରେଣୀର ଛାତ୍ର ଦିବ୍ୟଶକ୍ତି ଏବଂ ନବମ ଶ୍ରେଣୀର ଛାତ୍ରୀ ଗାୟତ୍ରୀ ବିଶ୍ୱାଳ ପ୍ରଥମ ଅଧିକାର କରି କୃତକାର୍ଯ୍ୟ ହେଇଥିଲେ। ତେବେ ଗତକାଲି ବିଦ୍ୟାଳୟରେ ବର୍ଷିକ କ୍ରୀଡ଼ାର ପୁରସ୍କାର ବିତରଣ ହୋଇଥଲା। ମୁଖ୍ୟ ଅତିଥି ଭାବେ ଧରମପୁର ଗ୍ରାମର ଅକ୍ଷୟ ମହାପାତ୍ର ଓ ସର୍ବେଶ୍ୱର ସାହୁ ଯୋଗ ଦେଇଥିବାବେଳେ ଏହି ବର୍ଷିକ କିପରି ଭଲରେ ଶେଷ ହେବ ସେ ଦିଗରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସହିତ ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ।

# ବୃଦ୍ଧଙ୍କୁ ଠେଙ୍ଗାରେ ଆକ୍ରମଣ ଅଭିଯୋଗ

ଠାକୁରଗଡ଼, (ସବ୍ୟୁ୦: ହଣ୍ଡପା ଥାନା ବାଲିଆମ୍ବ ଗ୍ରାମର ଦେବାନନ୍ଦ ମାହାର (୬୨)ଙ୍କୁ ସେହି ଗ୍ରାମର ଟୁକୁନା ମାହାର ଏକ ଠେଙ୍ଗା ରେ ଆକ୍ରମଣ କରିଥିବା ମଙ୍ଗଳବାର ଦିନ ଦେବାନନ୍ଦଙ୍କ ବହୁ ଲବଙ୍ଗ ମାହାର ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ କୁ ଭିତି କରି ପୋଲିସ ନମ୍ବର ୩୨/୨୫ ରେ ଏକ ମାମଲା ରୁଜୁ କରିଛି । ପୋଲିସ କହିଛି ଯେ ଦେବାନନ୍ଦ ଓ ଲବଙ୍ଗ ଘରେ ଥିବା ବେଳେ ପୂର୍ବ ଶତ୍ରୁତାକୁ ନେଇ ଟୁକୁନା ଦେବାନନ୍ଦଙ୍କ ଘରକୁ ଆସି ଲବଙ୍ଗଙ୍କୁ ଗାଳି ଗୁଜଳ କରିଥିଲେ । ଏଥିରେ ଦେବାନନ୍ଦ ପ୍ରତିବାଦ କରିବାରୁ ଟୁକୁନା ଉତକ୍ଷିପ୍ତ ହୋଇ ଏକ ଠେଙ୍ଗାରେ ଆକ୍ରମଣ କରିଥିଲେ । ଦେବା ନନ୍ଦ ଠେଙ୍ଗା ମାଡ଼ ରେ ଗୁରୁତର ହୋଇଥିବା ପୋଲିସ କହିଛି ।

# ଗ୍ୟାରେଜ ମାଲିକ ସଂଘର ବାର୍ଷିକୋତ୍ସବ ଓ ବନ୍ଧୁମିଳନ



ଗୋଡିବନ୍ଧ,(ସବ୍ୟୁ) : ଅନୁଗୁଳ ଜିଲ୍ଲାର ସମଲ ଥାନା ଗହମ ଆମ୍ବତୋଟାରେ ଗ୍ୟାରେଜ ମାଲିକ ସଂଘର ବାର୍ଷିକୋତ୍ସବ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ଏହି କାର୍ଯ୍ୟକ୍ରମ ଶ୍ରୀ ଦୁଃଖବନ୍ଧୁ ଭୁତିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଇଥିଲା। ଆସୋସିଏସନର ସାଧାରଣ ସମ୍ପାଦକ ଅରୁଣ କୁମାର ସାହୁ ଅତିଥି ପରିଚୟ ଓ ପ୍ରାରମ୍ଭିକ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ, କୋଷାଧ୍ୟକ୍ଷ କୁଞ୍ଜ ବିହାରୀ ସାହୁ ବାର୍ଷିକ ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଏହି ଉତ୍ସବରେ ସାମ୍ବାଦିକ ହିମାଂଶୁ ଶେଖର ଗଡ଼ନାୟକ ଅତିଥିଭାବେ ଯୋଗଦେଇ ଗ୍ୟାରେଜ ମାଲିକ ସଂଘକୁ ସରକାରୀ ପଞ୍ଜୀକୃତ କରିବାକୁ ଉପସ୍ଥିତ ସଦସ୍ୟଙ୍କୁ କହିଥିଲେ। ଆସନ୍ତା ୬ମାସ ମଧ୍ୟରେ ୧୮୬୦ମସିହା ସୋସାଇଟି ଅଧିନିୟମ ଅନୁଯାୟୀ ପଞ୍ଜିକୃତ କରିବାକୁ ସର୍ବସମ୍ମତି କ୍ରମେ ଗୃହୀତ ହେଇଥିଲା। ଉତ୍ସବରେ ସୁମନ୍ତ କୁମାର ସାହୁ, ରଞ୍ଜନ ସାହୁ, ମିଟୁ ପ୍ରଧାନ,ପ୍ରଫୁଲ୍ଲ ପ୍ରଧାନ ପ୍ରମୁଖ ବହୁ ଗ୍ୟାରେଜ ମାଲିକ ଓ ମିସ୍ତ୍ରୀ ଉପସ୍ଥିତ ଥିଲେ ।

# ପୋଖରୀରେ ବୁଡି ଯୁବକ ମୃତ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ତୁମୁସିଙ୍ଗା ଥାନା କଣ୍ଟାପାଳ ଗ୍ରାମ ଶବରସାହି ରେ ଏକ ଅଭାବନୀୟ ଘଟଣା ଘଟି ଯାଇଛି । ପ୍ରକାଶଯେ, ଗ୍ରାମର ରାମ ଦେହୁରୀ (୨୯) ବୁଧବାର ସକାଳୁ ଗ୍ରାମ ନିକଟରେ ଥିବା ପୋଖରୀ କୁ ଗାଧୋଇବାକୁ ଯାଇଥିଲେ । ସେଠାରେ ଗାଧୋଇବାବେଳେ ଅସାବଧାନତା ଯୋଗୁ ଗୋଡ଼ ପୋଖରୀ ରେ ଖସି ଯାଇଥିଲା । ଫଳରେ ସେ ପୋଖରୀର ଗଭୀର ଜଳରେ ବୁଡି ଯାଇଥିଲେ । କିଛି ସ୍ଥାନୀୟ ଲୋକ ଏହା ଦେଖି ରାମଙ୍କୁ ତୁରନ୍ତ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଇଥିଲେ ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ତୁମୁସିଙ୍ଗା ପୋଲିସ ଘଟଣା ସ୍ଥଳ ରେ ପହଞ୍ଚିଶବ ବ୍ୟବଚ୍ଛେଦ କରାଇ ଅଧିକ ତଦନ୍ତ ଆରମ୍ଭ କରିଛି ।

# କଟନି ଛଟନି ନେଇ ୨ ମିଲରଙ୍କ ଉପରେ ଚଢାଉ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଅନ୍ତର୍ଗତ ୨ ରାଇସ୍ ମିଲ୍‌ରେ ବୁଧବାର ଜିଲ୍ଲା ଯୋଗାଣ ବିଭାଗ ତରଫରୁ ଚଢାଉ କରାଯାଇଛି । ଉକ୍ତ ଅଞ୍ଚଳରେ ଖୋଲିଥିବା ସୋସାଇଟ୍ ମଣ୍ଡିରେ ଅଧିକ କଟନି ଛଟନିକୁ ନେଇ ଢେଙ୍କାନାଳ ଜିଲ୍ଲା ଯୋଗାଣ ବିଭାଗର ଅତିରିକ୍ତ ଯୋଗାଣ ଅଧିକାରୀ ଏବଂ ଇନ୍ସପେକ୍ଟରଙ୍କ ସମେତ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଅରୁଣୀ ରାଇସ୍ ମିଲ୍ ଓ ମା ତାରିଣୀ ରାଇସ୍ ମିଲ ଉପରେ ଚଢାଇ କରିଛନ୍ତି । ଯେଉଁଥିରେ କି ତାଙ୍କ ପାଖରୁ କୌଣସି ପ୍ରକାର ପଦକ୍ଷେପ ନେବାପରି ତଥ୍ୟ ମିଳି ନଥିଲା ।

# ଭୁବନ ନଗରମଣ୍ଡଳ ସଭାପତି ଭାବେ ଅଜିତ ବିହାରୀ ନିର୍ବାଚିତ

ଭୁବନ, (ସବ୍ୟୁ): ଭୁବନ ଅଞ୍ଚଳର ଜଣାଶୁଣା ଯୁବ ଶିଳ୍ପପତି ଅଜିତ କୁମାର ବିହାରୀ ନଗରମଣ୍ଡଳ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ଉଦୀୟମାନ ଯୁବନେତା ଶ୍ରୀଯୁକ୍ତ ବିହାରୀ ବିଜେପି ଯୁବମୋର୍ଚ୍ଚାର ବରିଷ୍ଠ କାର୍ଯ୍ୟକର୍ତ୍ତା ତଥା ଦୃଢ଼ ସଙ୍ଗଠକ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ନଗର ମଣ୍ଡଳ ସଭାପତି ଭାବେ ନିର୍ବାଚିତ ହୋଇଥିବାରୁ କାମାକ୍ଷାନଗରର ମାନ୍ୟବର ବିଧାୟକ ଶତୃଘ୍ନ ଜେନା ଓ ସ୍ଥାନୀୟ ନେତୃମଣ୍ଡଳୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ତାଙ୍କ ନେତୃତ୍ୱରେ ଭୁବନରେ ବିଜେପି ସୁଦୃଢ଼ ହେବ ଓ ଆଗକୁ ବଢିବ ବୋଲି ଆଶା କରାଯାଉଛି ।

# ପଞ୍ଚାୟତ କାର୍ଯ୍ୟାଳୟରୁ ଚିତି ସାପ ଉଦ୍ଧାର

ଠାକୁରଗଡ଼, (ସବ୍ୟୁ୦: କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ କାର୍ଯାଳୟ ସଭାଗୃହ ପରିସରରୁ ବୁଧବାର ଦିନ ଏକ ବିଷାକ୍ତ ଚିତି ସାପ ଉଦ୍ଧାର କରାଯାଇଛି। କାର୍ଯ୍ୟାଳୟ ପରିସରରେ ହିତାଧିକାରୀ ମାନେ ନିଜର ସମସ୍ୟା ଅବଗତ କରାଇବା ସହ ବୈଠକ ଚାଲିଥିବା ବେଳେ ଗୋଟିଏ ବିଷାକ୍ତ ଚିତି ସାପ କାର୍ଯାଳୟ ଭିତରକୁ ପଳାଇ ଯାଇଥିଲା। ସାପକୁ ଦେଖି ହିତାଧିକାରୀ ଓ ଅଧିକାରୀ ମାନେ ବାହାରକୁ ପଳାଇ ଆସିଥିବା ବେଳେ ସାପକୁ ଉଦ୍ଧାର କରିବା ପାଇଁ ସାପ ଉଦ୍ଧାରକାରୀ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ମିଶ୍ରଙ୍କୁ ସୂଚନା ଦେଇଥିଲେ ।ଖବର ପାଇଁ ସିଦ୍ଧେଶ୍ୱର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପହଞ୍ଚି ସୁରକ୍ଷିତ ଅବସ୍ଥାରେ ଚିତି ସାପକୁ ଉଦ୍ଧାର କରିଥିଲେ । ପରେ ହଣ୍ଡପା ବନବିଭାଗ ଜରିଆରେ ସୁରକ୍ଷିତ ଅବସ୍ଥାରେ ନିକଟସ୍ଥ ଜଙ୍ଗଲରେ ଛଡାଯାଇଥିଲା।

# ପଞ୍ଚୁପଟି ମୂଳସିଂହ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ସିମିନଇ ପଞ୍ଚାୟତ ପଞ୍ଚୁପଟି ମୂଳସିଂହ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ତଥା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସରପଞ୍ଚ ଅଜିତ କୁମାର ସିଂହ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଦିଗଦର୍ଶନ ଦେବା ସହିତ ପୁରସ୍କାର ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତା ଭାବରେ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ମଲ୍ଲିକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ହେବାକୁ କହିଥିଲେ। ସମ୍ମାନୀତ ଅତିଥି ଭାବରେ ନାଏବ ସରପଞ୍ଚ ସସ୍ମିତା ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋକୁଳାନନ୍ଦ ପ୍ରଧାନ, ସନ୍ତୋଷ କୁମାର ମିଶ୍ର,ପ୍ରଦୀପ କୁମାର ଦାଶ, ପବିତ୍ରମୋହନ ସାମଲ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ପରିଚାଳନା କମିଟି ସଭାପତି ମନମୋହନ ସାହୁ ଅଧକ୍ଷତା କରିଥିବା ବେଳେ ପ୍ରଧାନ ଶିକ୍ଷକ ଦିବ୍ୟସ୍ମିତି ଭଞ୍ଜ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସହକାରୀ ଶିକ୍ଷୟତ୍ରୀ ସଞ୍ଜୁଛା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ ପାଲଲହଡା କପ୍ ଉଦ୍‌ଯାପିତ
# ରାଉରକେଲା ଏକାଦଶ ଚାମ୍ପିଅନ

ପାଲଲହଡା, (ସବ୍ୟୁ): କବସ କ୍ଲବ ଆନୁକୂଲ୍ୟରେ ଗତ ୧୫ତାରିଖ ଠାରୁ ପାଲଲହଡା ଷ୍ଟାଡିଅମ ପରିସରରେ ଚାଲିଥିବା ରାଜ୍ୟସ୍ତରୀୟ ପାଲଲହଡା କପ୨୦୨୫ କ୍ରିକେଟ ଟୁର୍ନାମେଣ୍ଟ ଗତ ୨୧ତାରିଖି ଦିନ ଉଦଯାପିତ ହୋଇଯାଇଛି । କ୍ଲବର ସଭାପତି ଅଜିତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ସ୍ଥାନୀୟ ବିଧାୟକ ଅଶୋକ ମହାନ୍ତି, ସ୍ୱତନ୍ତ୍ର ଅତିଥିରୂପେ ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ଚଳିତ ବର୍ଷର ଚମ୍ପିୟାନ ରାଉରକେଲା ଏକାଦଶକୁ ଟ୍ରଫି ସହିତ ନଗଦ ୩୫ହଜାର ଟଙ୍କା ଅର୍ଥ ରାଶି ଏବଂ ରନର୍ସ ଅପ ଦଳକୁ ରନର୍ସ ଅପ ଟ୍ରଫି ଓ ନଗଦ ୨୫ହଜାର ଟଙ୍କାର ଅର୍ଥ ରାଶି ପ୍ରଦାନ କରିଥିଲେ। ଏହି ଫାଇନାଲ ଖେଳରେ ଆରଏସଏ ରାଉରକେଲା ଏକାଦଶ ଅନୁଗୁଳ ଏସିସି ଏକାଦଶକୁ ଏକ ଚିତାକର୍ଷକ ଓ ରୋମାଞ୍ଚକର ମ୍ୟାଚରେ ୨୬ରନରେ ପରାସ୍ତ କରି ଚଳିତ ବର୍ଷର ପାଲଲହଡା କପ ୨୦୨୫ଟ୍ରଫି ସମେତ ୩୫ହଜାର ଟଙ୍କା ଅର୍ଥରାଶି ଗ୍ରହଣ କରିଥିଲା। ଏହି ଫାଇନାଲ ମ୍ୟାଚ ରେ ରାଉରକେଲା ଏକାଦଶ ଟସ ଜିତି ବ୍ୟାଟିଂ କରିବାର ନିଷ୍ପତି ନେଇ ୨୫ଓଭର ଖେଳ ଖେଳି ରାଉରକେଲା ଏକାଦଶର ସୋଇବ ଖାଁ ଙ୍କ ଲଢୁଆ ବ୍ୟାଟିଂ ବଳରେ ୮ଉଇକେଟ ହରାଇ ୨୧୨ରନ କରିବାକୁ ସମର୍ଥ ହୋଇଥିଲା। ଏହାର ଜବାବରେ ଅନୁଗୁଳ ଏସିସି ଏକାଦଶ ପ୍ରଥମରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୫ଓଭରରୁ ୯ଉଇକେଟ ହରାଇ ମାତ୍ର ୧୮୬ରନ କରି ରାଉରକେଲା ଏକାଦଶକୁ ପାଲଲହଡା କପ ୨୦୨୫ଟ୍ରଫି ଟିକୁ ଟେକିଦେଇଥିଲା। ଏହି ଫାଇନାଲ ମ୍ୟାଚରେ ରାଉରକେଲାର ଉମେଶ ଯାଦବ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲା ବେଳେ ଚଳିତ ସିରିଜର ଶ୍ରେଷ୍ଠ ବ୍ୟାଟ୍ସମେନ ଓ ମେନ ଅଫ ଦି ସିରିଜ ଭାବେ ରାଉରକେଲା ଆରଏସଏ ଏକାଦଶର ସୋଇବ ଖାଁ, ଶ୍ରେଷ୍ଠ ବୋଲର ଭାବେ ଅନୁଗୁଳ ଏସିସି ଏକାଦଶର ଆୟୁଷ ବାରିକ ମୁଖ୍ୟ ଅତିଥି ସ୍ଥାନୀୟ ବିଧାୟକ ଅଶୋକ ମହାନ୍ତି ଏବଂ ସମ୍ମାନିତ ଅତିଥି ଓ ସ୍ୱତନ୍ତ୍ର ଅତିଥିଙ୍କ ଠାରୁ ପୁରସ୍କୃତ ହୋଇଛି। ଏହି ଉଦଯାପନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କବସ କ୍ଲବର ବରିଷ୍ଠ ଓ ପ୍ରାକ୍ତନ ପ୍ରତିଷ୍ଠାତା ସଦସ୍ୟ ମନୋରଞ୍ଜନ ପ୍ରଧାନ, ପ୍ରଶାନ୍ତ କୁମାର ଦାଶ, ଆଡ଼ଭୋକେଟ ବିଷ୍ଣୁ ପ୍ରସଦ ଦାସ, ସୁମନ ନାଏକ, ସନ୍ତୋଷ କୁମାର ଗଡ଼ନାୟକ, ହରିହର ପାଣି, ପ୍ରମୁଖ ଯୋଗଦେଇଥିଲେ ।

# ଘଣ୍ଟପଡା ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡାତ୍ସୋବ



ସାଉଥବଲଣ୍ଡା, (ସବ୍ୟୁ): ତାଳଚେର ବ୍ଲକ ଘଣ୍ଟପଡା ନୋଡାଲ ଉଚ୍ଚବିଦ୍ୟାଳୟରେ ଦୁଇ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ପ୍ରଧାନଙ୍କ ତତ୍ତ୍ୱାବଧାନରେ ମଶାଲ ଯାତ୍ରା କରାଯାଇ କ୍ରୀଡା ପତାକା ଉତୋଳନ କରାଯାଇଥିଲା। ଏହାପରେ ବିଭିନ୍ନ ବିଭାଗର କ୍ରୀଡା ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗ୍ରାମ୍ୟ କମିଟିର ବରିଷ୍ଠ ସଦସ୍ୟ କ୍ଷୀରୋଦ ଚନ୍ଦ୍ର ପ୍ରଧାନ, ସମ୍ମାନୀୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉମେଶ ପ୍ରସାଦ ମିଶ୍ର, ସମାଜସେବୀ କ୍ଷୀରୋଦ ସାହୁ, ଏସଏମସି ସଭାପତି ନିତ୍ୟାନନ୍ଦ ସାହୁ, ୱାର୍ଡମେମ୍ବର ରୁନୀ ସାହୁ ଉପସ୍ଥିତ ରହି କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ସୁନିତା ସାହୁ ଓ ନବମ ଶ୍ରେଣୀର ଛାତ୍ର ପ୍ରୀତମ ବେହେରା ଚମ୍ପିୟାନ ହୋଇଥିଲେ। ଖେଳ ଶିକ୍ଷକ ମନୋରଞ୍ଜନ ପଟ୍ଟନାୟକ ଓ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଅଶୋକ କୁମାର ଧରଙ୍କ ସହଯୋଗରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଖେଳରେ ବିଦ୍ୟାଳୟର ୧୨୫ଜଣ ଛାତ୍ରଛାତ୍ରୀ କୃତିତ୍ୱ ହାସଲ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ରହି ଖେଳକୁ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ଅଞ୍ଜଳି ବେହେରା ଧନ୍ୟବାଦ ଦେଇଥିଲେ।

# ଅବ୍ୟବସ୍ଥାରେ ହିନ୍ଦୋଳ ଏନ୍‌ଏସି, ନିୟମିତ ବସୁନି ସାଧାରଣ ପରିଷଦ ବୈଠକ

ହିନ୍ଦୋଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଏନଏସି ପୁଣି ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ପୂର୍ବରୁ ଦୁଇବର୍ଷ ଭିତରେ ବହୁ ଦୁର୍ନୀତି ହୋଇଥିବା ଭିଜିଲାନ୍ସ ତଦନ୍ତ ଅଭିଯୋଗ କରିଥିଲେ ୧୨ଅସନ୍ତୁଷ୍ଟ ବିଜେପି ବିଜେଡି କାଉନସିଲର। ବିନା ଟେଣ୍ଡରରେ କାର୍ଯ୍ୟ, ସ୍ମାର୍ଟପାର୍କରେ ଅଧାକୋଟିରୁ ଉର୍ଦ୍ଧ ଦୁର୍ନୀତି, କାଉନସିଲରଙ୍କ ଅଜ୍ଞାତରେ ମାଟିମୋରମ ରାସ୍ତା, କାମନକରି ଲକ୍ଷାଧିକ ଟଙ୍କା ବିଲ କରିନେବା ସହ ମୁକ୍ତା ଯୋଜନାରେ ବ୍ୟାପକ ଦୁର୍ନୀତି ପାଇଁ କାଉନସିଲର ମାନେ ବାରମ୍ବାର ରାଜ୍ୟସରକାର, ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ଗୃହ ନଗର ଉର୍ଣ୍ଣୟନ ବିଭାଗଙ୍କ ନିକଟରେ ଅଭିଯୋଗ କରିଆସୁଥିଲେ ମଧ୍ୟ ରାଜନୈତିକ ଚାପରେ ଅଭିଯୋଗକୁ ଚାବିଦେବା ଇତ୍ୟାଦି ପାଇଁ ହିନ୍ଦୋଳ ଏନଏସି ଦେଖା ଦେଇଛି ଚରମ ବିଶୃଙ୍ଖଳା। ସେହିପରି କୋଟିକୋଟି ଟଙ୍କାର କେଳେଙ୍କାରୀ ଦୁର୍ନୀତି ଧରା ପଡିଯିବା ଭୟରେ ଦୀର୍ଘ ୫ମାସ ହେଲା ପରିଷଦ ନିୟମିତ ମାସିକ ବୈଠକ ଜାଣିଶୁଣି ଡକାଯାଉନଥିବାରୁ ଅସନ୍ତୁଷ୍ଟ ଉଭୟ ବିଜେଡି ଓ ବିଜେପିର ୧୧ଜଣ କାଉନସିଲର ଉପାଧ୍ୟକ୍ଷା ପ୍ରତିମା ରାଉତଙ୍କ ନେତୃତ୍ୱରେ କହିଛନ୍ତି ଅଧ୍ୟକ୍ଷଙ୍କ ଏକଛତ୍ର ବାଦ ଶାସନକୁ କରିବୁ ନାହିଁ ସମର୍ଥନ । ତେବେ ଏଠାରେ ପ୍ରଶ୍ନ ସୃଷ୍ଟି ହୁଏ କାହା ଚାପରେ କିମ୍ବା ଇଙ୍ଗିତରେ ନିୟମ ଥିଲେ ମଧ୍ୟ ନିୟମ ଉଲଂଘନ କରି ମାସିକ ବୈଠକ ଡକାଯାଉନାହିଁ? କାହାର ସ୍ୱାର୍ଥ ହାନି ଏଥିରେ ଘଟିବ ନା ହୋଇଥିବା କୋଟିକୋଟି ଟଙ୍କାର ମେଗା ଦୁର୍ନୀତି ପର୍ଦାଫାଶ ହୋଇଯିବା ଭୟ? ତେବେ ରୋଚକ କଥା ହେଲା ବୈଠକ ହେଉନଥିବାରୁ କାଉନସିଲର ମାନେ ର୍ନିବାହୀ ଅଧିକାରୀଙ୍କୁ ଚିଠି ଲେଖି କହିଥିଲେ କାଉନସିଲର ମାନେ ବାଧ ହେବେ ବୈଠକ ଡାକିବାକୁ। ତେଣୁ ଗତ ୧୩/୧/୨୫ରେ ଚିଠି ସଂଖ୍ୟା–୬୧ ଅନୁଯାଇ ୨୦/୧/୨୫ରେ ଅଧକ୍ଷ କେଶବ ପ୍ରଧାନ ଡ଼ାକିଥିବା ପରିଷଦ ବୈଠକକୁ ଉପାଧ୍ୟକ୍ଷାଙ୍କ ସମେତ ୧୧ଜଣ(ବିଜେପି ୫, ବିଜେଡି ୬) କାଉନସିଲର ବର୍ଜନ କରିଥିଲେ ମାତ୍ର ଅଧକ୍ଷଙ୍କ ମତଥିଲା ନିର୍ବାହୀ ଅଧିକାରୀ ନଥିବାରୁ ବୈଠକ ବାତିଲ କରାଯାଇଛି। ତେବେ ଅସନ୍ତୁଷ୍ଟ ଗୋଷ୍ଠୀ କହିଛନ୍ତି କାଳେ କାଉନସିଲର ମାନେ ବୈଠକ ଡାକିଦେଲେ ଏନଏସିର ଗୁମର ଖୋଲିଯିବ ସେଥିପାଇଁ ଆମକୁ ଭୁଆଁ ବୁଲାଇବାକୁ ଏହା ଏକ ଚାଲ ଥିଲା ଏବଂ ଯଦି ଅଧିକାରୀ ନଥିଲେ କାହିଁକି ବୈଠକ ଡକାଗଲା? ଅସନ୍ତୁଷ୍ଟ କାଉନସିଲର ମାନଙ୍କ ମତ ଅନୁଯାଇ ଜନସାଧାରଣଙ୍କ ମୌଳିକ ସୁବିଧା ଓ ଉର୍ନ୍ନତିମୂଳକ କାର୍ଯ୍ୟ ଛାଡି ନିଜକୁ ସୁହାଇବା ଭଳି ଓ ଲାଭ ହେଲାଭଳି କାର୍ଯ୍ୟ କରୁଛନ୍ତି କର୍ତୃପକ୍ଷ ଏବଂ ସର୍ବୋପରି କାଉନସିଲର ମାନଙ୍କୁ ଅଣଦେଖା କରୁଛନ୍ତି । ତେବେ ହିନ୍ଦୋଳ ଏନଏସି ର ଏହି ଅଚଳାବସ୍ଥା ଓ ଟଣାଓଟରା ପାଇଁ, ନିର୍ଦ୍ଦିଷ୍ଟ କିଛି ବ୍ୟକ୍ତିଙ୍କ ଠିକାଦାରୀ ଉଧେଶ୍ୟ ମନମାନିପାଇଁ ଏନଏସି କାର୍ଯ୍ୟରେ ବ୍ୟାଘାତ ହେବା ସହ ଜନସାଧାରଣ ହନ୍ତସନ୍ତ ହେଉଥିବାବେଳେ ସେହି ନିର୍ଦ୍ଦିଷ୍ଟ ବ୍ୟକ୍ତି କେତେଜଣ ହୋଇଛନ୍ତି ମାଲାମାଲ ଯାହାକୁ ନେଇ ଜନସାଧାରଣ କ୍ଷୋଭ ପ୍ରକାଶ କରି ହିନ୍ଦୋଳ ଏନଏ ସିର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି ।

# ଟାଟା ଷ୍ଟିଲର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




କେନ୍ଦୁଝର , (ସ୍ୱପ୍ର) : ଖଣି ପରିବେଷ୍ଟିତ ଅଞ୍ଚଳ ଗୁଡିକରେ ଦିନକୁ ଦିନ ବୃଦ୍ଧି ପାଉଥିବା ସଡ଼କ ଦୁର୍ଘଟଣାକୁ ରୋକିବା ତଥା ଏହି ସମ୍ବନ୍ଧୀୟ ଜନ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ, ଟାଟା ଷ୍ଟିଲ ପକ୍ଷରୁ ଯୋଡା ବ୍ଲକ ଅନ୍ତର୍ଗତ ଗନ୍ଧଲପଦା ଠାରେ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମ ରେ ଯୋଡା ଏବଂ ରୁଗୁଡ଼ି ଅଞ୍ଚଳର ଡ୍ରାଇଭର ମହାସଂଘର କର୍ମକର୍ତ୍ତା, ଏଲ୍ ଏମ୍ ଭି ପ୍ରଶିକ୍ଷଣ ନେଉଥିବା ବାଳିକାମାନଙ୍କ ସହିତ ଆଖପାଖ ଅଞ୍ଚଳର ପ୍ରାୟ ୫୦ ଜଣ ଯୋଗ ଦେଇଥିଲେ ।ଟାଟା ଷ୍ଟିଲ ସୁରକ୍ଷା ବିଭାଗ ପଦାଧିକାରୀମାନେ ଏହି କାର୍ଯ୍ୟକ୍ରମରେ ସଡ଼କ ସୁରକ୍ଷା ନିୟମାବଳୀ ସହ ଏଗୁଡ଼ିକର ଅଭ୍ୟାସ ଏବଂ ବିଶେଷକରି ଶୀତ ଏବଂ ବର୍ଷା ଋତୁରେ ଏଥିପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ।ଗାଡ଼ିଚାଳକ ମାନଙ୍କ ବ୍ୟତୀତ, ପାଦଚାଳକମାନେ କିପରି ଏଥିପ୍ରତି ସତର୍କତା ଅବଲମ୍ବନ କରିବେ ସେ ଉପରେ ମଧ ଟିପ୍ପଣୀ ପ୍ରଦାନ କରିଥିଲେ। ଗାଡ଼ି ଚଳାଇବା ସମୟରେ ହେଲମେଟ ବ୍ୟବହାର, ନିୟନ୍ତ୍ରିତ ବେଗ, ମୋବାଇଲ ଫୋନ ବ୍ୟବହାର ନ କରିବା, ଆବଶ୍ୟକତା ହିସାବରେ ହର୍ଣ୍ଣ ବଜାଇବା, ସାମନାରେ ଥିବା ଗାଡି ଠାରୁ ସୁରକ୍ଷିତ ଦୂରତା ରଖିବା ଭଳି ଗୁରୁତ୍ୱ ପୂର୍ଣ୍ଣ ନିୟମ ଉପରେ ସେ ସମସ୍ତଙ୍କୁ ବୁଝାଇ ଥିଲେ।ସଡ଼କ ସୁରକ୍ଷା ନିୟମ ମାନିବା ଦ୍ୱାରା ସମସ୍ତେ କିପରି ଦୁର୍ଘଟଣା କୁ ଏଡେଇ ଦେଇ ପାରିବେ, ଏହା ସମସ୍ତେ ହୃଦୟଙ୍ଗମ କରିଥିଲେ।ଟାଟା ଷ୍ଟିଲ୍ କଳମଙ୍ଗ ଏବଂ ଗନ୍ଧଲପଦା ପ୍ରକଳ୍ପ ପଦାଧିକାରୀ ମାନଙ୍କ ସହ ଗୁଆଲି ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଡବର ମୁଣ୍ଡା, ସମାଜ ସେବୀ ଜୁରିଆ ମୁଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ବାଗୁଡ଼ି ଖାଦାନର ସ୍ଥିତି ପରଖିଲେ ରାଜ୍ୟ ପବ୍ଲିକ୍ ଅଣ୍ଡରଟେକିଂ କମିଟି

ସୋର,(ସବ୍ୟୁ): ସୋର ତହସିଲ ଅଧିନ ବାଗୁଡ଼ି ଖଞ୍ଜାମହାଲ ପଥର ଖାଦାନର ସ୍ଥିତି ପରଖିଛନ୍ତି ରାଜ୍ୟ ପବ୍ଲିକ୍ ଅଣ୍ଡରଟେକିଂ କମିଟିଛ କମିଟିର ଅଧକ୍ଷ ତଥା ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ନେତୃତ୍ୱରେ କମିଟିର ୯ ଜଣ ବିଧାୟକଙ୍କ ସମେତ ଅଧିକାରୀ ମାନେ ସେଠାରେ ଉପସ୍ଥିତ ଥିଲେ।ଖଞ୍ଜାମହାଲ ଖାଦାନକୁ ରାଜ୍ୟ ସରକାର ନିଜ ଅଧୀନରେ ରଖି ପରିଚାଳନା କଲେ, ରାଜକୋଷକୁ କୋଟି କୋଟି ଟଙ୍କା ରାଜସ୍ୱ ଆସି ପାରନ୍ତା । ମାତ୍ର ବେଆଇନ ଭାବେ ଖାଦାନରୁ କୋଟିକୋଟି ଟଙ୍କାର ପଥର ଲୁଟ କରି ମାଫିଆ ମାନେ ଲକ୍ଷପତି ହେଉଥିବା ବେଳେ ରାଜସ୍ୱ ହାନୀ ହେଉଥିବା ନେଇ କମିଟି ସଦସ୍ୟମାନେ ବିଭାଗୀୟ ଅଧିକାରୀଙ୍କ ଉପରେ ବର୍ଷିଥିଲେ ।ଏହି ସମୟରେ ଖାଦାନ ପାଦଦେଶରେ ଗି ଉଠିଥିବା କ୍ରସର ଗୁଡ଼ିକରେ ଥିବା ସାମଗ୍ରୀର କାଗଜପତ୍ର ଯାଞ୍ଚ କରାଯାଇ ସେମାନଙ୍କ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଅଲୋଚନା କରାଯିବା ସହିତ ଏ ବାବଦରେ ସମସ୍ତ ତଥ୍ୟ ସଂଗ୍ରହ କରି ବେଆଇନ ଖାଦାନ, ଚୋରା ଚାଲାଣ ବନ୍ଦ କରିବାକୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦଙ୍କ ସହ ଆଲୋଚନା କରିବା ସହିତ ଏହାକୁ ବନ୍ଦ କରିବାକୁ କମିଟି ସଦସ୍ୟମାନେ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଅନ୍ୟ ମାନଙ୍କ ମଧରେ ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲାର, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଓ ପାଟଣା ବିଧାୟକ ଅଖିଳ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । କମିଟି ଯୁଗ୍ମ ସଚିବ ବିଦ୍ୟାଧର ମାଝି, ସେକ୍ସନ ଅଫିସର ରାଜେନ୍ଦ୍ର ପିଟାର ବରଲା, ଦିଲ୍ଲୀପ ମହାନ୍ତି, ସୋର ତହସିଲଦାର ସେକ ସାଗିର ପ୍ରମୁଖ ସମିଲ ଥିଲେ । କମିଟି ଖାଦାନ ଅଞ୍ଚଳ ବୁଲି ଦେଖିବା ପରେ ପଥର ଚୋରି ହେଉଥିବା ଜାଣି ପାରି କ୍ଷୋଭ ପ୍ରକାଶ କରିଥିଲେ। ଅପରାହ୍ନ ସୁଦ୍ଧା ଖଣି ବିଭାଗର ଡେପୁଟି ଡାଇରେକ୍ଟର ସନ୍ତୋଷ ଦଳେଇ ତଦନ୍ତ କରି ରିପୋର୍ଟ ଦେବାକ କମିଟି ନିର୍ଦ୍ଦେଶ ଦେଇଛି।ବିଭିନ୍ନ ସ୍ଥାନରେ ଖଣି ବିଭାଗର ଡେପୁଟି ଡ଼ାଇରେକ୍ଟରଙ୍କ ନାମରେ ଅଭିଯୋଗ ଥିବାରୁ ତୁରନ୍ତ ତଦନ୍ତ କରି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଟି ଅଧକ୍ଷ ଗଣମାଧମକୁ ସୂଚନା ଦେଇଛନ୍ତି।ଏହା ପରେ ଖଣି ବିଭାଗ ତରଫରୁ ବେଆଇନ ଭାବେ ଗଛିତ ଥିବା ପଥର କୁ ୮୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାରେ ନିଲାମ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।ଅନ୍ୟପଟେ ବେଆଇନ ପଥର ଚାଲାଣ ହେଉଥିବା ଦୁଇଟି ରାସ୍ତାକୁ ବନ୍ଦ କରିବା ପାଇଁ କମିଟି ଅଧକ୍ଷ ଜିଲ୍ଲାପାଳ ଏବଂ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ଆଜି ଏହା କରାଯାଇନଥିବା ଜଣାପଡିଛି।

# ବେତନଟୀ ବ୍ଲକରୁ ମାଟ୍ରିକ୍ ପରୀକ୍ଷା ଦେବେ ୧୮୧୮ ପରୀକ୍ଷାର୍ଥୀ

ବେତନଟୀ ,(ସବ୍ୟୁ) :ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୁଲ୍ୟରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଆସନ୍ତା ଫେବୃୟାରୀ ୨୧ରୁ ଆରମ୍ଭ ହୋଇ ମାର୍ଚ୍ଚ ୬ ରେ ସମାପ୍ତ ହେବ ବୋଲି ବୋର୍ଡ ପକ୍ଷରୁ ସ୍ଥିରୀକୃତ ହୋଇଛି।ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲାରେ ସମୁଦାୟ ୨୯,୧୫୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବା ବେଳେ ରେଗୁଲାର ଭାବେ ୨୯,୦୫୯ ଜଣ ଓ ଏକ୍ସ ରେଗୁଲାର ଭାବେ ୯୬ ଜଣ ଛାତ୍ରଛାତ୍ରୀ ରହିଛନ୍ତି। ବେତନଟୀ ବ୍ଲକ ରେ ମୋଟ ୧୧ ଟି ପରୀକ୍ଷା କେନ୍ଦ୍ରରେ ରେଗୁଲାର ଭାବେ ୧୮୧୬ ଜଣ ଓ ଏକ୍ସ ରେଗୁଲାର ଭାବେ ୨ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବେ ବୋଲି ଜଣାପଡିଛି। ସେଥିମଧ୍ୟରୁ ଏମ୍ ପି ସି ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୬୨ ଜଣ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବେତନଟୀରେ ୧୯୦ ଜଣ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଶାଳବଣିରେ ୧୮୯ ଜଣ, ସତ୍ୟସାଇ ବିଦ୍ୟାପିଠ ଖୁଣ୍ଟାପୁରରେ ୧୪୪ ଜଣ, ଅଁଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୧୮ ଜଣ, ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ ସନ୍ତରାରେ ୧୪୨ ଜଣ, ବ୍ରହ୍ମପୁରା ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୩୬ ଜଣ, ସିଦ୍ଧେଶ୍ୱର ଉଚ୍ଚ ବିଦ୍ୟାଳୟ ।ଚିନାପଦା ରେ ୧୫୫ ଜଣ, କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନ ପାଟଳିପୁରା ରେ ୧୨୯ ଜଣ, ମୁନିଲାଲ ସରକାରୀ ଉଚ୍ଚ ବିଦ୍ୟାଳୟ ବୈଶିଙ୍ଗା ରେ ୧୪୮ ଜଣ ଓ ଗ୍ରାମ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ଗଡଦେଉଳିଆରେ ୧୬୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବାର ଜଣାପଡ଼ିଛି। ପ୍ରଶ୍ନପତ୍ର ଯୋଗାଣ ତଥା ପରିଚାଳନା ପାଇଁ ଏମ୍ ପି ସି ଉଚ୍ଚ ବିଦ୍ୟାଳୟ ବେତନଟୀ କୁ ନୋଡାଲ ସେଣ୍ଟର କରାଯାଇଛି । କେବଳ ଗଣିତ ପରୀକ୍ଷା ବ୍ୟତୀତ ଅନ୍ୟ ସମସ୍ତ ପରୀକ୍ଷା ସକାଳ ୯ ଟା ରୁ ଆରମ୍ଭ ହୋଇ ଦିନ ୧୧ ଟା ୩୦ ରେ ସରିବ। ଗଣିତ ପରୀକ୍ଷା ସକାଳ ୯ ଟା ରୁ ଆରମ୍ଭ ହୋଇ ଦିନ ୧୧ ଟା ୪୫ ରେ ସରିବଛ ପରୀକ୍ଷାରେ ସ୍ୱଚ୍ଛତା ରକ୍ଷା କରିବାପାଇଁ ପ୍ରତି ପରୀକ୍ଷା କେନ୍ଦ୍ରରେ ପରିଦର୍ଶକ, ତ୍ରିସ୍ତରୀୟ ସ୍କ୍ୱାର୍ଡ ସହିତ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯାଇଥିବା ନେଇ ସୁଚନା ମିଳିଛି। ମୟୁରଭଞ୍ଜ ଜିଲ୍ଲା ଓଷ୍ଟା ସଂପାଦକ କିଶୋର କୁମାର ଆଚାର୍ଯ୍ୟ, ବ୍ଲକ୍ ସଭାପତି ଶିଶିର କୁମାର ନାୟକ, ବ୍ଲକ୍ ସଂପାଦକ ସୁର୍ଯ୍ୟାନନ୍ଦ ନାୟକ ବ୍ଲକ୍ ର ସମସ୍ତ ପରୀକ୍ଷାର୍ଥୀଙ୍କର ସଫଳତା କାମନା କରିଛନ୍ତି।

# ଓଡିଶା ଆଦର୍ଶ ବାଳିକା ବିଦ୍ୟାଳୟ ବାର୍ଷିକ ଉତ୍ସବ




ଠାକୁରମୁଣ୍ଡା ,(ସବ୍ୟୁ) : ଓଡିଶା ଆଦର୍ଶ ବିଦ୍ୟାଳୟରେ ଚତୁର୍ଥ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି ।ଅଧକ୍ଷ ହିମାଂଶୁ ସନ୍ଧିବିଗ୍ରହଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ ଯୋଗଦେଇ ସ୍କୁଲର ବିକାଶ ଧାରା ଏବଂ ଛାତ୍ର ଛାତ୍ରୀଙ୍କ କୃତିତ୍ୱ ବେଶ ସନ୍ତୋଷଜନକ ବୋଲି କହିଥିଲେ । ଇଂରାଜୀ ଶିକ୍ଷା ସହିତ ଓଡ଼ିଆ ପରମ୍ପରା ଅସ୍ମିତାକୁ ସମାନ ଭାବେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧାପକ ଡ଼ଃ. ହରିଶ ଚନ୍ଦ୍ର ବାରିକ ଯୋଗଦେଇ ବର୍ତ୍ତମାନ ସମୟ ହିଁ ଶ୍ରେଷ୍ଠ ସମୟ ବୋଲି କହିବା ସହିତ ଛାତ୍ରଛାତ୍ରୀମାନେ ସମୟର ସଦୁପଯୋଗ କରିବାକୁ ପରାମର୍ଶ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା, ଉପାଧକ୍ଷ ସନ୍ତୋଷ ମହାନ୍ତ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ରଞ୍ଜନ ଦାସ, ବ୍ୟାଙ୍କ ଶାଖା ପରିଚାଳକ ସ୍ମୃତିରଂଜନ ସାହୁ, ଠାକୁରମୁଣ୍ଡା ପ୍ରେସ କ୍ଲବ ସଭାପତି ଶରତ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ । ଶ୍ରୀମତୀ ଦାସ ଓ ବିନୀତ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଆଶିଷ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।ଅତିଥିଙ୍କ ଦ୍ୱାରା କୃତୀ ଛାତ୍ର ଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଏନଏସଏସ ଯୋଜନାରେ ବାହାନଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପୁରସ୍କୃତ

ବାହାନଗା,(ସବ୍ୟୁ) :ଓଡ଼ିଶା ଉଚ୍ଚ ଶିକ୍ଷା ବିଭାଗ ଜାତୀୟ ସେବା (ଏନଏସଏସ)ଯୋଜନା ବିଭାଗ ତରଫରୁ ୨୦୨୩-୨୪ ବର୍ଷ ପାଇଁ ବିଭିନ୍ନ କ୍ଷେତ୍ରରେ ଉତ୍ତମ ସେବା ପ୍ରଦାନ କରିଥିବା ଅନୁଷ୍ଠାନ, ସ୍ୱେଚ୍ଛାସେବୀ , କାର୍ଯ୍ୟକ୍ରମ ଅଧିକାରୀ, ଜିଲ୍ଲାସ୍ତରୀୟ ପ୍ରକଳ୍ପ ଅଧିକାରୀଙ୍କୁ ଉଚ୍ଚ ଶିକ୍ଷା ବିଭାଗ, ଜାତୀୟ ସେବା ଯୋଜନା ତରଫରୁ ପୁରସ୍କୃତ କରାଯାଇଛି । ଇନ୍‌ଷ୍ଟିଚ୍ୟୁଟଅଫ୍ ଇଞ୍ଜିନିୟର ସଭାଗୃହ, ଭୁବନେଶ୍ୱରରେ ଆୟୋଜିତ ଭବ୍ୟସମାରୋହରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଭାରତ ସରକାରଙ୍କ ଏନ୍‌ଏସ୍‌ଏସ୍‌ର ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ, ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ଡେପୁଟି ସେକ୍ରେଟେରୀ ଏସ୍‌ଏମ୍‌ଓ ଡକ୍ଟର ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶଂସା ପତ୍ର, ମେଡ଼ାଲ, ଟ୍ରଫି ଓ ଆର୍ଥୀକ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ । ଏହି ସମାରୋହରେ ବାଲେଶ୍ୱର ଜିଲ୍ଲା ବାହାନଗା ଉଚ୍ଚ ମାଧମିକ ବିଦ୍ୟାଳୟକୁ ଏବଂ ଏନ୍‌ଏସ୍‌ଏସ୍‌ର ପୂର୍ବତନ କାର୍ଯ୍ୟକ୍ରମ ଅଧିକାରିଣୀ ଇତିଶ୍ରୀ ସମିତା ବେହେରା ଓ ଅଧକ୍ଷ ବିନୋଦ କୁମାର ମହାରଣାକୁ ୨୦୨୩-୨୪ ମସିହାର ରକ୍ତଦାନ ଶିବିର ଆଦି ବିବିଧ ସେବାକାର୍ଯ୍ୟ ପାଇଁ ପ୍ରଶଂସା ପତ୍ର, ମେଡ଼ାଲ, ଟ୍ରଫି ସହ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିବା ଜଣାପଡ଼ିଛି ।

# ହନୁମାନ ମନ୍ଦିରବାର୍ଷିକ ଉତ୍ସବ

ଦୋବଲ,(ସବ୍ୟୁ):ଧାମନଗର ବ୍ଲକ ସୋହଡ଼ା ଛକ ଠାରେ ଥିବା ହନୁମାନ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ବ୍ରାହ୍ମଣ ଅନାମ ପତିଙ୍କ ନେତୃତ୍ୱରେ ପ୍ରମୋଦ ମିଶ୍ର,ରାମ ଚନ୍ଦ୍ର ମିଶ୍ର,ସୁଧାଂଶୁ କର,ଅନନ୍ତ କରଶର୍ମା ପ୍ରମୁଖ ସୁଚାରୁ ରୂପେ ପୂଜା କାର୍ଯ୍ୟ ତୁଲାଇଥିଲେ। ପ୍ରଥମେ ସୂର୍ଯ୍ୟ ପୂଜା,କଳସ ପୂଜା ସରିବା ପରେ ଗଣପତି ପୂଜା,ପାର୍ଶ୍ୱଦେବୀ ପୂଜା,ଅଗ୍ନି ସଂଯୋଗ,ଯଜ୍ଞ,୧୦୮ ହନୁମାନ ଚାଳିଶା ଯପ ଓ ଶେଷରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ଏଥିରେ ଦୀପକ ବେହେରା ସ୍ତ୍ରୀ ରଶ୍ମିତା ବେହେରା କର୍ତ୍ତା ଭାବେ ଯଜ୍ଞରେ କାର୍ଯ୍ୟ ସମ୍ପାଦନା କରିଥିଲେ। ସଂଧାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

# ମହିଳା ମହାବିଦ୍ୟାଳୟରେ କର୍ମଶାଳା

ଭଦ୍ରକ,(ସବ୍ୟୁ):ପ୍ରତିଯୋଗିତାମୂଳକ ସମାଜରେ ମଣିଷ ନିଜର ଆଶା ଆକାଂକ୍ଷା ପୂରଣ ନିମି ଧାଉଁଥିବା ବେଳେ ବହୁ ସମୟରେ ମାନସିକ ଚାପରେ ବଶର୍ବୀ ହୁଏ। ଏହି ଚାପ କ୍ରମଶ ଅବସାଦରେ ପରିଣତ ହୁଏ। ଏହାର କାରଣ, ଫଳାଫଳ ଓ ପ୍ରତିକାର ସମ୍ବନ୍ଧରେ ଏକ କର୍ମଶାଳା ଭଦ୍ରକ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇ ଯାଇଛି। ଭଦ୍ରକ ମୁଖ୍ୟ ଚିକିତ୍ସାଳୟର ଲୋନି ଲିଓନା ବେହେରା, ଡା. ଭାରତି ସାହୁ, ଦେବେନ୍ଦ୍ର କୁମାର ନାୟକ ଆଲୋଚକ ଭାବେ ଯୋଗ ଦେଇଥିଲେ। ଅଧକ୍ଷ ନୀଳଗିରି ରବି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅଧ୍ୟାପକ, ଅଧ୍ୟାପିକା, ଶତାଧିକ ଛାତ୍ରୀ ଯୋଗ ଦେବାସହ ବିଭିନ୍ନ ପ୍ରଶ୍ନ ଉତ୍ଥାପନ କରିଥିଲେ। ଅବସରପ୍ରାପ୍ତ ପ୍ରାଧାପକ ସଂଗ୍ରାମ କିଶୋର ମହାନ୍ତିଙ୍କ ପ୍ରୟାସରେ ଆୟୋଜିତ ଏହି କର୍ମଶାଳାକୁ ମନୋବିଜ୍ଞାନ ବିଭାଗ ମୁଖ୍ୟ ଏବଂ ଡ. ଆଭାମୟି ମହାପାତ୍ର ସଞ୍ଚାଳନ କରିଥିଲେ।

# ଦୁର୍ଘଟଣାରେ ଏଏସଆଇ ବୁଦ୍ଧିରାମ ପୁର୍ତ୍ତି ଆହତ

ଭଣ୍ଡାରିପୋଖରୀ,(ସବ୍ୟୁ): ଭଣ୍ଡାରିପୋଖରୀ ଥାନା ସହକାରୀ ସବ ଇନିସପେକ୍ଟର ବୁଦ୍ଧିରାମ ପୁର୍ତ୍ତି ଗତ ସୋମବାର ସନ୍ଧ୍ୟାରେ ସଡକ ଦୁର୍ଘଟଣାରେ ଆହତ ହୋଇଥିବା ଜଣାଯାଇଛି। ଶ୍ରୀ ପୁର୍ତ୍ତି ଯାଜପୁରରୋଡ ବାସବଭନରୁ ଭଣ୍ଡାରିପୋଖରୀ ଥାନାକୁ ଆସୁଥିବା ବେଳେ ସନ୍ଧ୍ୟା ୬ଟା ସମୟରେ ୧୬ ନଂ ଜାତୀୟ ରାଜପଥ ଛତାବର ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ତାଙ୍କ ବାଇକକୁ ପଛପଟି ଅଜଣା ଗାଡି ଧକ୍କା ଦେବାରୁ ସେ ତଳକୁ ଛିଟିକି ପଡିଥିଲେ। ଫଳରେ ତାଙ୍କ ବାମ ହାତ ଭାଙ୍ଗିଯାଇଥିଲା। ଓ ସେ କ୍ଷତାକ୍ତ ହୋଇଥିଲେ। ତାଙ୍କୁ ଭଣ୍ଡାରିପୋଖରୀ ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ କଟକ ରେଫର କରିଦିଆଯାଇଥିଲା। ସେଠାରେ ସେ ଚିକିତ୍ସାଧିନ ଥିବା ଜଣାଯାଇଛି।

# ଜବରଦଖଲ ଉଚ୍ଛେଦ ପାଇଁ ହାଇକୋର୍ଟ ଆଦେଶ

ଭଣ୍ଡାରିପୋଖରୀ,(ସବ୍ୟୁ) : ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ନଗୁଆଁ ପଞ୍ଚାୟତ ହେଲପୁର ଗ୍ରାମର ଜବରଦଖଲ କରାଯାଇଥିବା ସର୍ବସାଧାରଣ ଜମିରୁ ଉଚ୍ଛେଦ କରିବାକୁ ତହସିଲ ପ୍ରଶାସନକୁ ହାଇକୋର୍ଟ ଆଦେଶ ହୋଇଛି। ଗ୍ରାମବାସୀ କେଶବ ଚନ୍ଦ୍ର ନାୟକ, ସୁଧାକର ମହାନ୍ତି ଓ ଅନ୍ୟମାନେ ଗ୍ରାମର ସର୍ବସାଧାରଣ ଜମି ଖାତା ନଂ ୧୬୦ ଅନ୍ତର୍ଗତ ପ୍ଲଟ ନଂ ୩୪ର ରକବା ୧୪ ଡେସିମିଲ ଜମିରୁ ଜବରଦଖଲକାରୀ ଅନନ୍ତ ସାହୁଙ୍କୁ ଉଚ୍ଛେଦ କରିବାକୁ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ଏଥିପୂର୍ବରୁ ଗତ ଫେବୃୟାରୀ ମାସରେ ଗ୍ରାମବାସୀମାନେ ତହସିଲଦାରଙ୍କୁ ଉଚ୍ଛେଦ ପାଇଁ ଦରଖାସ୍ତ କରିଥିଲେ। ତହସିଲ ପକ୍ଷରୁ ଗତ ଜୁଲାଇ ମାସରେ ମାପଚୁପ କରାଯାଇଥିଲା। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ଗ୍ରାମବାସୀମାନେ ଗତ ସେପ୍ଟେମ୍ବର ମାସରେ ଜିଲ୍ଲାପାଳଙ୍କୁ ଏଥିନେଇ ଅଭିଯୋଗ କରିଥିଲେ। ପ୍ରଶାସନିକ ସ୍ତରରେ ଉଚ୍ଛେଦ ଫଳପ୍ରଦ ନହେବାରୁ ଗ୍ରାମବାସୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ବିଚାର କରିବା ହାଇକୋର୍ଟ ଆଗାମୀ ୩ ମାସ ମଧରେ ପଦକ୍ଷେପ ନେବାକୁ ଆଦେଶ ହୋଇଛି। ଆଇନଜିବୀ ତୁଷାରକାନ୍ତ ନାୟକ ମାମଲାର ପରିଚାଳନା କରୁଥିବା ଜଣାଯାଇଛି।

# ଆଗରପଡ଼ାରେ ଫ୍ରାନ୍ସ ଦମ୍ପତି

ଆଗରପଡ଼ା,(ସବ୍ୟୁ):ଭାରତ ପରିଭ୍ରମଣରେ ସାଇକେଲ ଯୋଗେଁ ଆସି ଫ୍ରାନ୍ସ ଦମ୍ପତି ଜିଓ୍ୱାମାର୍ଗ ଲେଟିଚାଇଟ(୬୨) ଓ ସୁଜାନୀ ନିକ୍ସୁ (୬୦) ମଙ୍ଗଳବାର ଦିନ ଆଗରପଡ଼ାରେ ପହଂଚିଥିଲେ। ଏହି ଦମ୍ପତି ଭାରତ ପରିଭ୍ରମଣ କରି ଭାରତୀୟ ସଂସ୍କୃତି,ପରମ୍ପରା,ଐତିହ୍ୟ ଆଦି ସଂପର୍କରେ ତଥ୍ୟ ସଂଗ୍ରହ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ବୋଲି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଥିଲେ। ସାଇକେଲ ଯୋଗେଁ ଭାରତ ପରିଭ୍ରମଣ କରିବାକୁ ଇଚ୍ଛା ପ୍ରକାଶ କରିଥିବା ଦମ୍ପତିଙ୍କ ସାହସକୁ ସମସ୍ତେ ତାରିଫ୍ କରିଥିଲେ। ମହତ୍ତ୍ୱ ଉଦ୍ଦେଶ୍ୟ ନେଇ ବିଦେଶୀ ଦମ୍ପତି ଆସିବାର କାରଣ ଜଣାପଡ଼ିବା ପରେ ସ୍ଥାନୀୟ ଅଂଚଳର ବିଭିନ୍ନ ବ୍ୟକ୍ତିବିଶେଷ ଓ ସଂଗଠନ ପକ୍ଷରୁ ଦମ୍ପତିଙ୍କୁ ପୁଷ୍ପମାଳ ଦେଇ ସ୍ୱାଗତ କରାଯାଇଥିଲା। ଏହି ବିଦେଶୀଦ୍ୱୟଙ୍କୁ ଦେଖିବା ପାଇଁ ମଧ ଲୋକଙ୍କ ଭିଡ଼ ଲାଗିଥିଲା।

# ରାଜବରହମପୁର ଆଦର୍ଶ ଶିକ୍ଷାକେନ୍ଦ୍ର ବାର୍ଷିକ ଉତ୍ସବ

ବାଲେଶ୍ୱର/ନୀଳଗିରି ,(ସବ୍ୟୁ) : ନୀଳଗିରି ବ୍ଲକ ଅନ୍ତର୍ଗତ ରାଜବରହମପୁରଠାରେ ଥିବା ଆଦର୍ଶ ଶିକ୍ଷାକେନ୍ଦ୍ରର ୩୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନ ସଭାପତି ରବିନାରାୟଣ ଚୌଧୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତାଭାବେ ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରବିନ୍ଦୁ ଦାଶ ଯୋଗଦେଇ ପିଲାମାନଙ୍କୁ ନୈତିକ ଓ ମୂଲ୍ୟବୋଧ ଶିକ୍ଷାପ୍ରଦାନ ଦିଗରେ ଅନୁଷ୍ଠାନର ଅବଦାନକୁ ଭୂୟସୀ ପ୍ରଶଂସା କରିଥିଲେ । ବରେଣ୍ୟ ଅତିଥିଭାବେ ଉତ୍କଳ ଶିକ୍ଷାପରିଷଦ ଓଡ଼ିଶାର ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ଦାସ, ଅନୁଷ୍ଠାନର ସମ୍ପାଦିକା ସୁବାସିନୀ ବେହେରା, ବରିଷ୍ଠ ସଦସ୍ୟ ସମୀର ମହାପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ଆଚାର୍ଯ୍ୟା କୁଞ୍ଜଲତା ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଗୁରୁମା ଜୟଶ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍କଳ ଶିକ୍ଷା ପରିଷଦ ତରଫରୁ ଚଳିତବର୍ଷ ଶ୍ରେଷ୍ଠ ସଭାପତି ହିସାବରେ ରବି ନାରାୟଣ ଚୌଧୁରୀଙ୍କୁ ସ୍ୱତନ୍ତ୍ର ମାନପତ୍ର ସହ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ବିଭାଗ ବିଶେଷ କରି ସରକାରୀ ମେଧାବୃତ୍ତି ପରୀକ୍ଷା ଓ ଅନ୍ୟାନ୍ୟ କୃତୀ ପିଲାମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଶେଷର ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଗୀତିନାଟ୍ୟ ପରିବେଷଣ ହୋଇଥିଲା । ଶିକ୍ଷାକେନ୍ଦ୍ରର ଗୁରୁଜୀ, ଗୁରୁମା ସୁଭଦ୍ରା ରାଉତ, ସୁମତୀମଣୀ ଦାସ, ରାନୁବାଳା ସାହୁ, ଜୟଶ୍ରୀ ପଲେଇ, ଦେବାହୁତି କର, ରାଇମଣି ମାରାଣ୍ଡି, ରଞ୍ଜିତା ବେହେରା ଓ ସହାୟକ ସୁଶାନ୍ତ ମହୁରିଆ ପ୍ରମୁଖଙ୍କ ସହଯୋଗରେ ଉତ୍ସବଟି ସାଫଲ୍ୟମଣ୍ଡିତ ହୋଇଥିଲା ।

# ଜଳଗଲା ଦୁଇ ବଖରା : ୬ଛେଳି ଜୀବନ୍ତଦଗ୍ଧ

ନୀଳଗିରି,(ସବ୍ୟୁ) :ନୀଳଗିରି ବ୍ଲକ କାଠପାଳ ଗ୍ରାମର ବାସିନ୍ଦା ମିଥୁନ ବେହେରୁଣିଆଙ୍କ ବାସଗୃହରେ ଅଗ୍ନିକାଣ୍ଡ ଘଟିବା ଫଳରେ ୨ବଖରା ଘର ପୋଡ଼ିଯିବା ସହିତ ଘରେଥିବା ଆସବାବପତ୍ର ପୋଡ଼ି ଛାରଖାର ହୋଇଯାଇଛି । ଘରେଥିବା ୬ଟି ଛେଳି ଜୀବନ୍ତ ଦଗ୍ଧ ହୋଇଛନ୍ତି । ଖବରପାଇ ନୀଳଗିରି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ବେଳେକୁ ସବୁକିଛି ପୋଡ଼ି ଛାରଖାର ହୋଇଯାଇଥିଲା । ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବା ନିମନ୍ତେ ସାଧାରଣରେ ଦାବି ହେଉଛି ।

# ହାଇଓ୍ୱା ଧକ୍କାରେ ବାଇକ୍ ଚାଳକ ମୃତ

ଖଇରା,(ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ସିମୁଳିଆ ଥାନା ଅଧୀନ ସାଲୋ ଗ୍ରାମର କରୁଣାକର ଦାଶ(୬୨)ଙ୍କ ଉପରେ ପିଚୁ ବୋଝେଇ ଟ୍ରକ ମାଡିଯିବାରୁ ସେ ଘଟଣାସ୍ଥଳରେ ମୃତ୍ୟୁ ବରଣ କରିଛନ୍ତି । ସିମୁଳିଆ ପୋଲିସ ଏକ ମାମଲା ରୁଜୁ କରି ଶବକୁ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି । କରୁଣାକର ରେସନ ପାଇଁ ଅଡା-ଢୁଢୁଙ୍ଗା ପୂର୍ତ୍ତ ବିଭାଗ ରାସ୍ତାରେ ବେଗୁନିଆ ଡିଲର ପଏଣ୍ଟକୁ ଯାଉଥିବା ବେଳେ ବୁଧବାର ଅପରାହ୍ନରେ ରାସ୍ତା ପାଇଁ ପିଚୁ ବୋଝେଇ ହାଓ୍ୱା ତାଙ୍କ ବାଇକ ଉପରେ ମାଡି ଯାଇଥିଲା । ସ୍ଥାନୀୟ ଗ୍ରାମବାସୀ ମାନେ ପହଞ୍ଚିବା ପୂର୍ବରୁ ଡ୍ରାଇଭର ଫେରାର ହୋଇ ଯାଇଛି ।

# ଦୁଇ ଛାତ୍ର ଗୋଷ୍ଠୀ ଗଣ୍ଡଗୋଳ

ସୋର,(ସବ୍ୟୁ) :ସୋର ଉପେନ୍ଦ୍ରନାଥ କଲେଜରେ ଦୁଇ ଗୋଷ୍ଠୀର ଛାତ୍ରଙ୍କ ମଧରେ ଗଣ୍ଡଗୋଳ ହେବା ଫଳରେ ଦୁଇ ଜଣ ଛାତ୍ର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ ସୋର ଉପେନ୍ଦ୍ରନାଥ କଲେଜରେ ବାର୍ଷିକ ଉତ୍ସବ ଚାଲିଥିଲା। ଏହି ସମୟରେ କୌଣସି କଥାକୁ ନେଇ ଦୁଇ ଗୋଷ୍ଠିର ଛାତ୍ରଙ୍କ ମଧରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଗୋଟିଏ ଗୋଷ୍ଠୀର ୨ ଜଣ ଛାତ୍ର ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଅନ୍ୟଜଣେ ସୋର ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାପଡ଼ିଛି।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ର ୫ମ ଶ୍ରେଣୀ ଛାତ୍ରୀଙ୍କ କୃତିତ୍ୱ

ଆରଡି,(ସବ୍ୟୁ):ଭଦ୍ରକ ଜିଲା ଆରଡିପୀଠ ପହଣାକ୍ଲଷ୍ଟର ଅଧିନରେ ଥିବା ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୫ଶ୍ରେଣୀ ଛାତ୍ରୀ ବିଷ୍ଣୁପ୍ରିୟା ଯେନା ଚଳିତ ସରକାରୀ ବୃତ୍ତି ପରୀକ୍ଷାରେ ଚାନ୍ଦବାଲି ବ୍ଲକର ତୃତୀୟ ସ୍ଥାନରେ ରହି କୃତିତ୍ୱ ହାସଲ କରିଛନ୍ତି। ଏହି ସଫଳତାକୁ ନେଇ ବିଷ୍ଣୁପ୍ରିୟା ଶିକ୍ଷାକେନ୍ଦ୍ରର ପ୍ରଧାନଆର୍ଚ୍ଚାଯ୍ୟା,ଗୁରୁଜୀଗୁରୁମାଙ୍କୁ ଶ୍ରେୟ ଦେଇଛି। ଅନ୍ୟପଟେ ଝିଅର କୃତିତ୍ୱକୁ ନେଇ ବାପା କହ୍ନେଇ ଯେନା,ମା ତପସ୍ୱିନୀ ଯେନା ପହଣାକ୍ଲଷ୍ଟରର ସିଆରସିସି ଦିଲିପ ଶେଖର ନାୟକ ଓ ଶିକ୍ଷାକେନ୍ଦ୍ରର କର୍ମକର୍ତ୍ତା ପ୍ରଧାନଆର୍ଚ୍ଚାଯ୍ୟାଙ୍କ ସହ ସମସ୍ତ ଗୁରୁଜୀଗୁରୁମାଙ୍କୁ ସାଧୁବାଦ ଜଣାଇଛନ୍ତି। ଆରଡିପୀଠ ଓ ଆଖପାଖ ଅଂଚଳର ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ଯୋଗାଇ ଦେବା ପାଇଁ ସରକାରୀ ସିକୃତପ୍ରାପ୍ତ କ୍ରମେ ୨୦୧୭ ମସିହାରେ ଗଢି ଉଠିଥିବା ଘରୋଇ ଶିକ୍ଷାନୁଷ୍ଠାନ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ସଫଳତା ପଥରେ ଆଗେଇ ଚାଲିଥିବା କହିଛନ୍ତି ଶିକ୍ଷାକେନ୍ଦ୍ରର ନିର୍ଦ୍ଦେଶକ ଚିତ୍ତରଞ୍ଜନ ମହାନ୍ତି।

# ମହାବିଦ୍ୟାଳୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତା

ଭଦ୍ରକ,।(ସବ୍ୟୁ):ଭଦ୍ରକ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅନୁଭାଗ ଜରିଆରେ ମହାବିଦ୍ୟାଳୟ ସ୍ତରୀୟ ଓଡ଼ିଆ ଭାଷାରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ପ୍ରତିଯୋଗିତାରେ ଅବସରପ୍ରାପ୍ତ ଅଧକ୍ଷ ପ୍ରଫୁଲ୍ଲ କୁମାର ସାହୁ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ତଥା ସାହିତ୍ୟିକା ଶକୁନ୍ତଳା ନାୟକ, ସାହିତ୍ୟିକ ରଜନୀ କାନ୍ତ ମହାନ୍ତି ପ୍ରମୁଖ ବିଚାରକ ଭାବେ ମୂଲ୍ୟାଙ୍କନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାକୁ ସଫଳ କରାଇବାରେ ଭଦ୍ରକ ମହିଳା ମହାବିଦ୍ୟାଳୟର ଅଧାପିକ ଅଭାମୟୀ ମହାପାତ୍ର, ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଶୁଭେନ୍ଦୁ କୁମାର ବରାଳ, ଅବସରପ୍ରାପ୍ତ ଅଧାପକ ସଂଗ୍ରାମକିଶୋର ମହାନ୍ତି ପ୍ରମୁଖ ଆନୁସଙ୍ଗିକ ସହଯୋଗ କରିଥିଲେ। ଭଦ୍ରକ ମହାବିଦ୍ୟାଳୟର ସୁଭାଶିଷ ପଣ୍ଡା ୧ମ, ଆକାଂକ୍ଷା ଦେବରଞ୍ଜିତା ଦାସ ୩ୟ ଓ ମତୋ କଲେଜ, ଚାନ୍ଦବାଲି ଜ୍ୟୋତିର୍ମୟୀ ବେହେରା୨ୟ ସ୍ଥାନ ଅଧିକାର କରିଥିଲେ।

# ବିଦ୍ୟାଳୟ ସ୍ତରୀୟ ଓଡ଼ିଆ ଓ ଇଂରାଜୀ ପ୍ରବନ୍ଧ ପ୍ରତିଯୋଗିତା

ଭଦ୍ରକ,(ସବ୍ୟୁ):ଭଦ୍ରକ ଜିଲ୍ଲା ସ୍ତରରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ହାଇସ୍କୁଲ ଏବଂ ମଧ ଇଂରାଜୀ ସ୍ତରରେ ଓଡ଼ିଆ ଓ ଇଂରାଜୀ ଭାଷାରେ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସୂର୍ଯ୍ୟମଣି ନାୟକ ସ୍ମୃତି କମିଟିର ପୃଷ୍ଠପୋଷକତାରେ ଓଡ଼ିଆ ପ୍ରବନ୍ଧ ପ୍ରତିଯୋଗିତା ଜିଲ୍ଲା ସଂସ୍କୃତି ଭବନରେ ଆୟୋଜନ କରାଯାଇଥିଲା। ଏଥିରେ କନିଷ୍ଠ ବର୍ଗରେ ଏସ୍.ବି.ଡ଼ି. ଇଣ୍ଟନ୍ୟାସନାଲ ସ୍କୁଲର କରଭି କାବ୍ୟା କ୍ରୀଷ୍ଟା ୩ୟ, ଗେଲଟୁଆ ଉ.ପ୍ରା. ବିଦ୍ୟାଳୟର ଶୁଭଲକ୍ଷ୍ମୀ ଜେନା ୨ୟ ଓ ଜିଲ୍ଲା ସ୍କୁଲର ଶୀତଲ ମଲ୍ଲିକ୍ ୧ମ ସ୍ଥାନ ଅଧିକାର କରିଥିଲେ। ବରିଷ୍ଠ ବର୍ଗରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଭଦ୍ରକର ସୌମ୍ୟରଞ୍ଜନ ଗାହାଣ ୧ମ, ବାଗୁରାଇ ହାଇସ୍କୁଲର ଅଂଶୁମାନ ସାମଲ ୨ୟ, ସରକାରୀ ହାଇସ୍କୁଲର ସୁପ୍ରିୟା ଗିରି ୩ୟ ସ୍ଥାନ ଅଧିକାର କରିଥିଲେ। ଅମର କୁମାର ପାଣିଗ୍ରାହୀ, ଅବସରପ୍ରାପ୍ତ ଶିକ୍ଷକ ଶଶଧର ମହାନି ଏବଂ ଶୈଳେନ୍ଦ୍ର ନାରାୟଣ ପାଢ଼ୀ ଏହି ପ୍ରତିଯୋଗିତାର ବିଚାରକ ଭାବେ ମୂଲ୍ୟାଙ୍କନ କରିଥିଲେ। ସ୍ମୃତି କମିଟି ସମ୍ପାଦକ ଗୌରହରି ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଏହି ପ୍ରତିଯୋଗିତା ଆୟୋଜନ ଓ ପରିଚାଳନା କରିଥିଲେ। ସେହିପରି ଇନର ହୁଇଲ୍ କ୍ଲବ୍ ର ପୃଷ୍ଠପୋଷକତାରେ ଇଂରାଜୀ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଥିରେ କ୍ଲବର ସମ୍ପାଦିକା ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଏହି ପ୍ରତିଯୋଗିତା ଆୟୋଜନ ଓ ପରିଚାଳନା କରିଥିଲେ। ଏଥିରେ କନିଷ୍ଠ ବର୍ଗରେ ଏସ୍.ବି.ଡ଼ି.ଇଣ୍ଟରନେସ୍‌ନାଲ ସ୍କୁଲର ନିଷ୍ଠା ଗୁପ୍ତା, ପ୍ରଥମ, ଜ୍ୟୋତି କନ୍‌ଭେଣ୍ଟ ସ୍କୁଲର ସ୍ୱାତିଶ୍ରୀ ନାୟକ ଦ୍ୱିତୀୟ, ଏସ୍.ବି.ଡ଼ି.ର ସ୍ମୃତିଲିପ୍ସା ଦାସ ତୃତୀୟ, ବରଷ୍ଠ ବର୍ଗର କାର୍ମେଲ ସକୁଲର ପ୍ରତୀକ୍ଷା ପାଣିଗ୍ରାହୀ ପ୍ରଥମ, ଏସ୍.ବି.ଡି.ର ଆଂଲେ ଦାସ ଦ୍ୱିତୀୟ, ଜ୍ୟୋତି କନ୍‌ଭେଣ୍ଟ ସ୍କୁଲର ଦ୍ୱୀପାନ୍ୱିତା ମହାପାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ।

# ସମାଜସେବୀ ଲକ୍ଷ୍ମୀଧର ରାଉତଙ୍କ ଶ୍ରଦ୍ଧାଞ୍ଜଳୀ ସଭା

ବନ୍ତ,(ସବ୍ୟୁ) : ବନ୍ତ ବ୍ଲକ ଟିଲୋ ମଧୁପୁର ଗ୍ରାମର ସମାଜସେବୀ ସ୍ୱର୍ଗତ ଲକ୍ଷ୍ମୀଧର ରାଉତ(୭୮)ଙ୍କ ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ରାଜ୍ୟ ବିଜେପି ପ୍ରବକ୍ତା ପତଞ୍ଜଳୀ କରଶର୍ମା, ବାରିକପୁର ମହାବିଦ୍ୟାଳୟର ଅଧାପକ ଅନନ୍ତ ଚରଣ ସାହୁ, ରମେଶ ଚନ୍ଦ୍ର ପ୍ରଧାନ, ବ୍ଲକ ଛାତ୍ର ବିଜେଡି ସଭାପତି ପ୍ରଣବ କିଶୋର ଲେଙ୍କା, ପୂର୍ବତନ ସରପଞ୍ଚ ବିଜୟ କୁମାର ନାୟକ, ବିପିନ ରାଉତଙ୍କ ସମେତ ବହୁମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ସ୍ୱର୍ଗତ ରାଉତଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବଡପୁଅ ଷ୍ଟାଲିନ୍ ରାଉତ, ମଧମ ପୁତ୍ର ଲଲାଟେନ୍ଦୁ ରାଉତ, ସାନପୁଅ ସମ୍ବିତ ରାଉତ, ଝିଅ ଶୁଭଶ୍ରୀ ସାହୁ, ଲୋପାମୁଦ୍ରା ଜେନା, ଜ୍ୱାଇଁ ପ୍ରଦୀପ ସାହୁ, ଶଙ୍କର୍ଷଣ ଜେନାଙ୍କ ସମେତ ପରିବାରବର୍ଗ, ଆତ୍ମୀୟ ସ୍ୱଜନ ଓ ଗ୍ରାମବାସୀ ମାନେ ସହଯୋଗ କରିଥିଲେ ।

# ୩୧ରୁ ମହୋତ୍ସବ ଉତ୍ତର ଓଡ଼ିଶା : ଆସିବେ ନାମୀଦାମୀ କଳାକାର



ବାଲେଶ୍ୱର,(ସବ୍ୟୁ) :ଉତ୍ତର ଓଡ଼ିଶା ପରିଷଦ ପକ୍ଷରୁ ଆଗାମୀ ଜାନୁଆରୀ ମାସ ୩୧ ତାରିଖ ଶୁକ୍ରବାର ଠାରୁ ଫେବୃୟାରୀ ୪ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଆଇଟିଆଇ ପଡ଼ିଆରେ ଉତ୍ତର ଓଡ଼ିଶାର ୪ଟି ଜିଲ୍ଲାକୁ ନେଇ ପ୍ରଥମଥର ପାଇଁ ଏକ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି । ଉତ୍ତର ଓଡ଼ିଶାର ୪ଟି ଜିଲ୍ଲା ଯଥା ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ ଭଦ୍ରକ ଜିଲ୍ଲାର ଐତିହ୍ୟ, ପରମ୍ପରା, କଳା, ସଂସ୍କୃତି, ଭାଷା-ସାହିତ୍ୟ ଓ ଖଦ୍ୟାଭ୍ୟାସକୁ ନେଇ ଏହି ମହୋତ୍ସବ ଅନୁଷ୍ଠିତ ହେଉଥିବା ଜଣାଯାଏ । ୫ଦିନ ବ୍ୟାପୀ ହେଉଥିବା କାର୍ଯ୍ୟକ୍ରମରେ ୪ଟି ଜିଲ୍ଲାରୁ ବିଭିନ୍ନ କ୍ଷେତ୍ରରେ ରାଜ୍ୟ, ରାଷ୍ଟ୍ରୀୟ ତଥା ଆନ୍ତର୍ଜାତୀୟସ୍ତରରେ ଉତ୍ତର ଓଡ଼ିଶାକୁ ଗର୍ବିତ କରିଥିବା ବିଭିନ୍ନ ପ୍ରତିଭାଙ୍କୁ ସମ୍ମାନୀତ ତଥା ସମ୍ବର୍ଦ୍ଧିତ କରାଯିବାର ବ୍ୟବସ୍ଥା ହୋଇଛି । ଏହି ୫ଦିନର ମହୋତ୍ସବ ମଞ୍ଚକୁ ପ୍ରତ୍ୟେକଦିନ ଉତ୍ତର ଓଡ଼ିଶାର ମହାମନିଷୀ ଯଥା ବ୍ୟାସକବି ଫକୀରମୋହନ ସେନାପତି, ପଣ୍ଡିତ ରଘୁନାଥ ମୁର୍ମୁ, ବିପ୍ଳବୀ ଧରଣୀଧର ନାୟକ, ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ ଏବଂ ସହୀଦ ବାଘାଯତୀନଙ୍କ ନାମରେ ଉତ୍ସର୍ଗ କରାଯିବ । ୪ଟି ଜିଲ୍ଲାର ଛାତ୍ରଛାତ୍ରୀମାନଙ୍କ ମଧରେ ବିଭିନ୍ନ ପ୍ରତିଯୋଗୀତା କରାଯାଇ ସେମାନଙ୍କୁ ପୁରସ୍କୃତ କରାଯିବ । ପ୍ରତ୍ୟେକ ଦିନ ଆୟୋଜିତ କାର୍ଯ୍ୟକ୍ରମରେ ଉତ୍ତର ଓଡ଼ିଶାରୁ ନିର୍ବାଚିତ ଜନପ୍ରତିନିଧି, ମନ୍ତ୍ରୀଗଣ, ସାଂସଦ ଓ ବିଧାୟକଙ୍କ ସମେତ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ଅତିଥିଭାବେ ଆମନ୍ତ୍ରିତ କରାଯାଇଛି । ପ୍ରତ୍ୟୋହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ମୟୁରଭଞ୍ଜର ପ୍ରସିଦ୍ଧ ଛଉନୃତ୍ୟ, କେନ୍ଦୁଝରର ପ୍ରସିଦ୍ଧ ସାନ୍ତାଳି ନୃତ୍ୟ, ଭଦ୍ରକର ପ୍ରସିଦ୍ଧ ମୋଗଲ ତାମସା ଓ ବାଲେଶ୍ୱରର ପ୍ରସିଦ୍ଧ ଚଢ଼ିଆ ନାଟ ପ୍ରଭୃତି ଲୋକନୃତ୍ୟ ପରିବେଷଣ ହେବା ସହ ସଂଗୀତ କାର୍ଯ୍ୟକ୍ରମକୁ ଆକର୍ଷଣ କରିବା ପାଇଁ ଓଡ଼ିଆ ସିନେ ଗାୟିକା ଇରା ମହାନ୍ତି, ଗାୟକ ସତ୍ୟଜିତ ପ୍ରଧାନ, ସମ୍ବଲପୁରର ରକ୍ସ ସୋନା ଓ ଗ୍ରୁପ, ମୁମ୍ବାଇରୁ ଅମନ ଭଞ୍ଜ ଓ ଗ୍ରୁପ, ବଲିଉଡ଼ର ପ୍ରଖ୍ୟାତ ଗାୟକ ବିନୋଦ ରାଥୋଡ଼ ଓ ଗ୍ରୁପ ସଂଗୀତ ପରିବେଷଣ କରି ଦର୍ଶକଙ୍କ ମନୋରଂଜନ କରିବାର କାର୍ଯ୍ୟକ୍ରମ ରହିଛି । ଏହି ପରିପ୍ରେକ୍ଷୀରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉତ୍ସବ କମିଟିର ସାଧାରଣ ସମ୍ପାଦକ ସତ୍ୟରଂଜନ ଦାସ, ଡକ୍ଟର ଅମିତାଭ ଗିରି, ସଂଗ୍ରାମ ଦାସଙ୍କ ସମତେ ରଂଜନ ବାଗ, ଯୋଗେଶ ଅଗ୍ରଓ୍ୱାଲ, କୈଳାଶ ମହାପାତ୍ର, ଡକ୍ଟର ସଂଜୀବ କୁମାର ହୋତା, ଧିରେନ ନାୟକ, ଶ୍ରୀନିବାସ ପ୍ରଧାନ,ବିକାଶ ଦାସ ପ୍ରମୁଖ ସାମ୍ବାଦିକ ମାନଙ୍କୁ ସୂଚନା ପ୍ରଦାନ କରିଥିଲେ ।

# ବର୍ଦ୍ଧିତ ଭତ୍ତା ନମିଳିବାରୁ ଫେରିଗଲେ ହିତାଧିକାରୀ



ଖଇରା,(ସବ୍ୟୁ) :ରାଜ୍ୟ ସରକାର ନିର୍ବାଚନ ପୂର୍ବର ଘୋଷଣା ଅନୁଯାୟୀ ସମସ୍ତ ବୁଢ଼ାବୁଢ଼ୀ,ବିଧବା ଓ ଦିବ୍ୟାଙ୍ଗ ଙ୍କୁ ୩ହଜାର ଭତ୍ତା ନମିଳିବା ପ୍ରତିବାଦରେ ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ବର୍ତ୍ତନା ପଞ୍ଚାୟତର କୌଣସି ହିତାଧିକାରୀ ସୋମବାର ଭତ୍ତା ନନେଇ ଘରକୁ ଫେରିଯାଇଛନ୍ତି । ସରକାର କେବଳ ୮୦ ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କ ପାଇଁ ୩ହଜାର୫ଶହ ଟଙ୍କା ଦେଇ ଭୁଆଁ ବୋଲାଉଥିବା ବେଳେ ପ୍ରତିଶ୍ରୁତି ଅନୁଯାୟୀ ସମସ୍ତ ହିତାଧିକାରୀଙ୍କୁ କାହିଁକି ୩ହଜାର ଦେଉନାହାଁନ୍ତି ବୋଲି ପ୍ରଶ୍ନ ଉଠାଇ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ । ତୁରନ୍ତ ସମସ୍ତଙ୍କ ପାଇଁ ୩ହଜାର ବ୍ୟବସ୍ଥା ନହେଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ବିକ୍ଷୋଭର ନେତୃତ୍ୱ ନେଉଥିବା ଦାଶରଥି ବେହେରା,ସଦାଶିବ ବେହେରା,ଭାଗିରଥି ସାହୁ,ମହେନ୍ଦ୍ର ଦାସ,ଗଜେନ୍ଦ୍ର ମହାନ୍ତି ପ୍ରମୁଖ ପ୍ରକାଶ କରିଛନ୍ତି । ଭତ୍ତା ଦେବାକୁ ଆସିଥିବା ନିର୍ବାହୀ ଅଧିକାରୀ ସରୋଜକାନ୍ତ ଦାସ ଓ ଅନ୍ୟମାନେ ବସିବସି ଫେରି ଯିବାକୁ ବାଧ୍ୟ ହୋଇଥିଲେ ।

(ଶ୍ରୀମଭଗବଦ୍ ଗୀତା ୧୨/୦୪)
–ଭକ୍ତିଯୋଗଃ–
(ଶ୍ରୀଭଗବାନୁବାଚ )

**ସଂନିୟମ୍ୟେନ୍ଦ୍ରିୟଗ୍ରାମଂ ସର୍ବତ୍ର ସମବୁଦ୍ଧୟଃ ।**
**ତେ ପ୍ରାପ୍ନୁବନ୍ତି ମାମେବ ସର୍ବଭୂତହିତେ ରତାଃ ॥୦୪॥**

(ତେବେ କଅଣ ନିର୍ଗୁଣ ଉପାସକମାନେ ଶ୍ରେଷ୍ଠ ନୁହନ୍ତି ? ଏଥିପାଇଁ ଦୁଇଟି ଶ୍ଳୋକରେ କହୁଛନ୍ତି)– ସବୁଠାରେ ସମଦର୍ଶୀ ଯେଉଁସବୁ ଲୋକ ଇନ୍ଦ୍ରିୟମାନଙ୍କୁ ସମ୍ୟକ୍ ରୂପରେ ସଂଯତ କରି ସର୍ବାତୀତ, ରୂପାଦିବିହୀନ, ସର୍ବବ୍ୟାପୀ, ଚିନ୍ତାତୀତ, କୂଟସ୍ଥ, ସ୍ପନ୍ଦନବିହୀନ (ଜଗତର ବିକାରରେ ନିଜେ ନିର୍ବିକାର), ଅତଏବ ନିତ୍ୟ, ଏହିପରି ପରଂବ୍ରହ୍ମର ଆରାଧନା କରନ୍ତି, ସର୍ବଭୂତ ହିତସାଧନରେ ଅବହିତଚିତ୍ତ, ସେହି ସାଧକମାନେ ମୋତେ ପ୍ରାପ୍ତ ହୁଅନ୍ତି ॥୦୪॥

# ବିଶ୍ୱ ରାଜନୀତିରେ ନୂଆ ସମୀକରଣ

ସମ୍ପାଦକୀୟ

ଆମେରିକାର ବୈଦେଶିକ ନୀତିରେ ଏକ ବଡ ଧରଣର ପରିବର୍ତ୍ତନ ହେବ । ଶପଥ ନେବା ପରେ ପରେ, ଆମେରିକାର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ବାଣିଜ୍ୟ ନୀତି ଠାରୁ ଆରମ୍ଭ କରି ଟିକଟକ୍ ପର୍ଯ୍ୟନ୍ତ ବିଷୟଗୁଡ଼ିକ ଉପରେ କି ପ୍ରକାର ନିଷ୍ପତ୍ତି ନେବେ, ତାହା ସ୍ପଷ୍ଟ କରିଛନ୍ତି । ହାମାସ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧବିରତି ଚୁକ୍ତି ସଫଳ ହେବ କି ନାହିଁ, ତାହା କହିବା ସମ୍ଭବ ନୁହେଁ ବୋଲି ସେ ମତବ୍ୟକ୍ତ କରିଛନ୍ତି । ଆମେରିକାର ଦୁଇ ପ୍ରମୁଖ ବାଣିଜ୍ୟିକ ଅଂଶୀଦାର–କାନାଡା ଏବଂ ମେକ୍ସିକୋ–ବିରୁଦ୍ଧରେ ସେ ଆଗରୁ ଦେଇଥିବା ମନ୍ତବ୍ୟକୁ ଦୋହରାଇଛନ୍ତି । ସେ କହିଛନ୍ତି ଯେ' ଫେବୃଆରୀ ୧ ତାରିଖ ସୁଦ୍ଧା ଉଭୟ ରାଷ୍ଟ୍ର ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିବେ । ଖାଲି କାନାଡା ଏବଂ ମେକ୍ସିକୋ ନୁହେଁ, ଅନ୍ୟ କେତେକ ଦେଶ ବିରୁଦ୍ଧରେ ମଧ୍ୟ ସମାନ ନୀତି ଆପଣେଇପାରନ୍ତି । ସେ 'ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ' ଏବଂ 'ପ୍ୟାରିସ ଜଳବାୟୁ ଚୁକ୍ତି'ରୁ ଆମେରିକାକୁ ପ୍ରତ୍ୟାହାର କରିବା ପାଇଁ ଏକାଧିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ମଧ୍ୟ ସ୍ୱାକ୍ଷର କରିଛନ୍ତି । ଆମେରିକାରେ ଅବୈଧ ପ୍ରବାସୀ ଏବଂ ନିଶାଦ୍ରବ୍ୟ ଚାଲାଣ ବନ୍ଦ କରିବାରେ ମେକ୍ସିକୋ ଏବଂ କାନାଡା ବିଫଳ ହେଇଛନ୍ତି ବୋଲି ଟ୍ରମ୍ପ କହିଛନ୍ତି । ଶପଥ ଗ୍ରହଣ ପରେ, ରାଷ୍ଟ୍ରପତି ଏକ ଆଦେଶରେ ସ୍ୱାକ୍ଷର କରିଛନ୍ତି ଯେଉଁଥିରେ ଏଜେନ୍ସିଗୁଡ଼ିକୁ ନିଅଣ୍ଟ, ଅନୁଚିତ ଅଭ୍ୟାସ ଏବଂ ମୁଦ୍ରା ହେରଫେର ସମେତ ବିଭିନ୍ନ ବାଣିଜ୍ୟ ସମସ୍ୟାର ଅଧ୍ୟୟନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଯାହା ଅଧିକ ଶୁଳ୍କ ପାଇଁ ପଥ ପ୍ରଶସ୍ତ କରିପାରିବ । ଏହା ପୂର୍ବରୁ, ଟ୍ରମ୍ପ୍ ଆମେରିକୀୟ ଶ୍ରମିକ ଏବଂ ପରିବାରକୁ ସୁରକ୍ଷା ଦେବା ପାଇଁ ଆମେରିକୀୟ ବାଣିଜ୍ୟ ବ୍ୟବସ୍ଥାର ତୁରନ୍ତ ପରିବର୍ତ୍ତନ ଆରମ୍ଭ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟ ଦେଶକୁ ସମୃଦ୍ଧ କରିବା ପାଇଁ ଆମେରିକାର ନାଗରିକମାନଙ୍କ ଉପରେ ଟିକସ ଲଗାଇବା ପରିବର୍ତ୍ତେ, ଏହାର ନାଗରିକମାନଙ୍କୁ ସମୃଦ୍ଧ କରିବା ପାଇଁ ବିଦେଶୀ ଦେଶମାନଙ୍କ ଉପରେ ଟିକସ ଲାଗୁ କରିବା ଉପରେ ଟ୍ରମ୍ପ ଜୋର୍ ଦେଇଛନ୍ତି । ଆମେରିକାର ବୈଦେଶିକ ବିଭାଗ ଅନୁଯାୟୀ, ୨୦୨୩ ମସିହାରେ ମେକ୍ସିକୋ ଆମେରିକାର ସର୍ବବୃହତ୍ ବାଣିଜ୍ୟିକ ଅଂଶୀଦାର ଥିଲା ଯାହାର ମୋଟ ଦୁଇ–ପାଖିଆ ସାମଗ୍ରୀ ବାଣିଜ୍ୟ ୮୦୭ ବିଲିୟନ ଥିଲା । ଅର୍ଥାତ୍, ଆମେରିକା ଚୀନ ଠାରୁ ଅଧିକ ବାଣିଜ୍ୟ ମେକ୍ସିକୋ ସହ କରୁଥିଲା । ଡୋନାଲ୍ଡ ଟ୍ରମ୍ପ ୟୁରୋପୀୟ ସଂଘକୁ ଆମେରିକୀୟ ତୈଳ ଏବଂ ଗ୍ୟାସର ଆମଦାନୀ ବୃଦ୍ଧି କରିବାକୁ ଚେତାବନୀ ଦେଇଛନ୍ତି । ନଚେତ୍ କାର୍ ଏବଂ ଯନ୍ତ୍ରପାତି ଭଳି ୟୁରୋପୀୟ ସଂଘ ରପ୍ତାନି ଉପରେ ଶୁଳ୍କ ଦେବାକୁ ପଡିବ । ଟ୍ରମ୍ପ ୨୦୨୩ ମସିହାରେ ଆମେରିକା ସହିତ ୟୁରୋପୀୟ ସଂଘର ୨୦୮.୭ ବିଲିୟନ ଡଲାରର ସାମଗ୍ରୀ ବାଣିଜ୍ୟ ନିଅଣ୍ଟକୁ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି, ବାଣିଜ୍ୟ ସନ୍ତୁଳନରେ ସାହାଯ୍ୟ କରିବା ପାଇଁ ଅଧିକ ଆମେରିକୀୟ ଶକ୍ତି କିଣିବାକୁ ବ୍ଲକକୁ ଅନୁରୋଧ କରିଛନ୍ତି । ରାଷ୍ଟ୍ରପତି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନରୁ ଯୁକ୍ତରାଷ୍ଟ୍ରକୁ ବାହାରିଯିବା ପାଇଁ ଏକ ଆଦେଶରେ ସ୍ୱାକ୍ଷର କରିଛନ୍ତି ଏବଂ କହିଛନ୍ତି ଯେ' ୱାଶିଂଟନ୍ ଅନ୍ୟାୟ ଭାବରେ ଜାତିସଂଘ ସଂସ୍ଥାକୁ ଚୀନ୍ ଅପେକ୍ଷା ଅଧିକ ଅର୍ଥ ଦେଉଛି । ନିର୍ଦ୍ଦେଶ ଅନୁଯାୟୀ, ଚୀନର ଉହାନ ଏବଂ ଅନ୍ୟାନ୍ୟ ବିଶ୍ୱ ସ୍ୱାସ୍ଥ୍ୟ ସଙ୍କଟରୁ ଉପୁଜିଥିବା କୋଭିଡ୍–୧୯ ମହାମାରୀକୁ ଭୁଲ ଭାବରେ ପରିଚାଳନା କରିବା, ଜରୁରୀକାଳୀନ ଆବଶ୍ୟକୀୟ ସଂସ୍କାର ଗ୍ରହଣ କରିବାରେ ବିଫଳତା ଏବଂ ଡବ୍ଲ୍ୟୁଏଚ୍ଓ ସଦସ୍ୟ ରାଷ୍ଟ୍ରଗୁଡ଼ିକର ଅନୁପଯୁକ୍ତ ରାଜନୈତିକ ପ୍ରଭାବରୁ ସ୍ୱାଧୀନତା ପ୍ରଦର୍ଶନ କରିବାରେ ଅସମର୍ଥତା କାରଣରୁ ଆମେରିକା ସଂଗଠନରୁ ଓହରି ଯାଉଛି । ଉଲ୍ଲେଖଯୋଗ୍ୟ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସବୁଠାରୁ ବଡ଼ ପାଣ୍ଠିଦାତା ହେଉଛି ଯୁକ୍ତରାଷ୍ଟ୍ର । ରାଷ୍ଟ୍ରପତି ପ୍ୟାରିସ ଜଳବାୟୁ ଚୁକ୍ତିରୁ ତୁରନ୍ତ ଆମେରିକାକୁ ପ୍ରତ୍ୟାହାର କରିବା ନେଇ ନିଷ୍ପତ୍ତି ନେଇଛନ୍ତି । ୧୯୯୯ ଶେଷରେ ଚୀନ୍‌କୁ ଆମେରିକା ହସ୍ତାନ୍ତର କରିଥିବା ଗୁରୁତ୍ୱପୂର୍ଣ୍ଣ ଜଳପଥ ଚାରିପାଖରେ ନିଜର ବର୍ଦ୍ଧିତ ଉପସ୍ଥିତି ମାଧ୍ୟମରେ ପାନାମା କେନାଲକୁ ପ୍ରଭାବଶାଳୀ ଭାବରେ ପରିଚାଳନା କରୁଛି ବୋଲି ଟ୍ରମ୍ପ ଅଭିଯୋଗ କରିଛନ୍ତି । ଆମେ ଏହାକୁ ଚୀନକୁ ଦେଇନାହୁଁ, ଆମେ ଏହାକୁ ପାନାମାକୁ ଦେଇଥିଲୁ ଏବଂ ଆମେ ଏହାକୁ ଫେରାଇ ନେଉଛୁ, ଶପଥ ଗ୍ରହଣ କରିବା ପରେ ପାନାମାକୁ ନେଇ ଟ୍ରମ୍ପ ଏହିଭଳି କହିଛନ୍ତି । ନୂତନ ହ୍ୱାଇଟ୍ ହାଉସ୍ ପ୍ରଶାସନ କହିଛି ଯେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇସ୍ରାଏଲୀ ବସତି ସ୍ଥାପନକାରୀ ଗୋଷ୍ଠୀ ଏବଂ ଅଧିକୃତ ୱେଷ୍ଟ ବ୍ୟାଙ୍କରେ ପାଲେଷ୍ଟାଇନ ଲୋକଙ୍କ ବିରୁଦ୍ଧରେ ହିଂସାରେ ସମ୍ପୃକ୍ତ ଥିବା ଅଭିଯୋଗ ନେଇ ଆମେରିକା ପକ୍ଷରୁ ଯେଉଁ ପ୍ରତିବନ୍ଧକ ଲଗାଯାଇଥିଲା, ତାହା ପ୍ରତ୍ୟାହାର କରିନେଇଛନ୍ତି । ଟ୍ରମ୍ପଙ୍କ ଶପଥ ଗ୍ରହଣ ପରେ ଅପଡେଟ୍ ହୋଇଥିବା ନୂତନ ହ୍ୱାଇଟ୍ ହାଉସ୍ ୱେବସାଇଟ୍ କହିଛି ଯେ ଟ୍ରମ୍ପ ଗତ ଫେବୃଆରୀରେ ଜାରି ହୋଇଥିବା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ୧୪୧୧୫କୁ ପ୍ରତ୍ୟାହାର କରିଛନ୍ତି, ଯାହା ପାଲେଷ୍ଟାଇନ କ୍ଷେତ୍ରରେ ଶାନ୍ତି, ସୁରକ୍ଷା ଏବଂ ସ୍ଥିରତାକୁ ନଷ୍ଟ କରୁଥିବା ଲୋକଙ୍କ ଉପରେ ପ୍ରତିବନ୍ଧକକୁ ଅନୁମୋଦନ କରିଥିଲା । ଇସ୍ରାଏଲ ଏବଂ ହାମାସ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଯୁଦ୍ଧବିରତି ଚୁକ୍ତି ମଧ୍ୟରେ ଇସ୍ରାଏଲ ପାଇଁ ଏହା ଗୋଟିଏ ଭଲ ଖବର ନିଶ୍ଚୟ । ସେହିପରି ଗାଜାର ପୁନଃନିର୍ମାଣ ଉପରେ ସେ ଗୁରୁତ୍ୱ ଦେଇ କହିଛନ୍ତି, 'ଯଦି ଯୋଜନା ଆଗକୁ ଠିକ୍‌ଠାକ୍ ଭାବରେ ଚାଲେ, ତାହେଲେ ଗାଜା ଏକ ଚମତ୍କାର ପୁନଃନିର୍ମାଣ ଦେଖିପାରିବ' । ୟୁକ୍ରେନରେ ତିନି ବର୍ଷ ଧରି ଚାଲିଥିବା ଯୁଦ୍ଧ ଉପରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ତାଙ୍କର ଆଲୋଚନା ଉପରେ ମଧ୍ୟ ସେ ବକ୍ତବ୍ୟ ରଖିଥିଲେ । ଟ୍ରମ୍ପ ନିଶ୍ଚିତ କରିଥିଲେ ଯେ ସେ ପୁଟିନଙ୍କୁ ଭେଟିବେ ଏବଂ କହିଥିଲେ ଯେ ମସ୍କୋରେ ତାଙ୍କ ପ୍ରତିପକ୍ଷ ଯୁଦ୍ଧ ସମାପ୍ତ କରିବା ପାଇଁ ଏକ ଚୁକ୍ତି ନକରି ରୁଷକୁ ଧ୍ୱଂସ କରୁଛନ୍ତି । ଟ୍ରମ୍ପ କହିଛନ୍ତି ଯେ ସେ ତାଙ୍କ ପୂର୍ବ ପ୍ରଶାସନର, ଆବ୍ରାହମ ଚୁକ୍ତିନାମା ଅନୁଯାୟୀ ଇସ୍ରାଏଲ ସହିତ ସମ୍ପର୍କ ସ୍ୱାଭାବିକ କରିବାକୁ ସାଉଦି ଆରବକୁ ରାଜି କରାଇପାରିବେ । ମୋଟାମୋଟି ଭାବରେ ସେ 'ଆମେରିକା ଫାଷ୍ଟ' ଉପରେ ଗୁରୁତ୍ୱ ଦେଇଥିଲେ ଏବଂ କହିଥିଲେ, 'ଆମର ଲକ୍ଷ୍ୟ, ଆମେରିକାର ଶତ୍ରୁମାନଙ୍କୁ ପରାସ୍ତ କରିବା । ଆମେ ପରାସ୍ତ ହେବୁ ନାହିଁ । ଆମେ ଅପମାନିତ ହେବୁ ନାହିଁ । ଆମେ କେବଳ ଜିତିବୁ, ଜିତିବୁ, ଜିତିବୁ...।

# ପରାକ୍ରମୀ ଦେଶଭକ୍ତଃ ବୀର ସୁରେନ୍ଦ୍ର ସାଏ

## ଡକ୍ଟର ତପନ କୁମାର ପାଳ

ଆଜି ହେଉଛି ବୀର ସୁରେନ୍ଦ୍ର ସାଏଙ୍କ ପୁଣ୍ୟ ଜନ୍ମ ତିଥି । ସେ ଏପରି ଜଣେ ବୀର ପରାକ୍ରମୀ ଓ ଜାତି ପ୍ରାଣ ଦେଶଭକ୍ତ ଥିଲେ ଯିଏ କି ୧୮୫୭ ସିପାହୀ ବିଦ୍ରୋହର ୩୦ ବର୍ଷ ପୂର୍ବରୁ ରାଜଗାଦିର ଉତ୍ତରାଧିକାରୀ ନେଇ ବ୍ରିଟିଶ ସରକାର ବିରୋଧରେ ବିଦ୍ରୋହର ବହ୍ନି ପ୍ରଜ୍ୱଳିତ କରିଥିଲେ । ଉତ୍କଳର ବରପୁତ୍ର ବୀର ସୁରେନ୍ଦ୍ର ସାଏ, ୧୮୦୯ ମସିହା ଜାନୁଆରୀ ୨୩ ତାରିଖରେ ସମ୍ବଲପୁର ଜିଲ୍ଲା ବରଗାଁରେ ଚୌହାନ ରାଜବଂଶର ଧରମ ସିଂହ ଓ ରେବତୀ ଦେବୀଙ୍କ କୋଳମଣ୍ଡନ କରିଥିଲେ । ପିତାଙ୍କ ମୃତ୍ୟୁ ପରେ କାକା ବଳରାମ ସିଂହଙ୍କ ତତ୍ତ୍ୱାବଧାନରେ ସେ ଘୋଡ଼ା ସବାରି, ଖଣ୍ଡା ଓ ତୀରଚାଳନା ସମେତ ବିଭିନ୍ନ ପ୍ରଶିକ୍ଷଣ ନେଇଥିଲେ । ତାଙ୍କ ଜୀବନ କାଳର ପ୍ରାୟ ୩୬ ବର୍ଷ ବିତିଥିଲା କାରାଗାରରେ ।

୧୮୨୭ରୁ ୧୮୪୯ ପର୍ଯ୍ୟନ୍ତ ଓ ୧୮୫୭ରୁ ୧୮୬୪ ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ଇଂରେଜ ବିରୁଦ୍ଧରେ ସେ ନିରବଚ୍ଛିନ୍ନ ଭାବେ ଲଢ଼େଇ କରିଥିଲେ । ତାଙ୍କର ଅଦ୍ଭୁତ ସଂଗଠନ ଶକ୍ତି, ଅସୀମ ପରାକ୍ରମ ଓ ଅସାଧାରଣ ରଣକୌଶଳ ବ୍ରିଟିଶ ସେନାବାହିନୀକୁ ଆଶ୍ଚର୍ଯ୍ୟଚକିତ କରିଥିଲା । ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସେ ବନ୍ଦୀ ଜୀବନ ବିତାଇଥିଲେ । ୧୮୮୪ ମସିହା ଫେବୃଆରୀ ୨୮ ତାରିଖରେ ଅସୁରଗଡ଼ ଦୁର୍ଗରେ ତାଙ୍କର ଜୀବନ ଦୀପ ଲିଭିଥିଲା । ତାଙ୍କ ସମ୍ମାନାର୍ଥେ ୨୦୦୯ରେ 'ୟୁନିଭରସିଟି କଲେଜ ଅଫ୍ ଇଞ୍ଜିନିୟରିଂ', ବୁର୍ଲାର ନାମ ବଦଳାଇ 'ବୀର ସୁରେନ୍ଦ୍ର ସାଏ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି' କରାଯାଇଥିଲା । ବୁର୍ଲାସ୍ଥିତ ଭେଷଜ ମହାବିଦ୍ୟାଳୟର ନାମ ମଧ୍ୟ 'ବୀର ସୁରେନ୍ଦ୍ର ସାଏ ଭେଷଜ ମହାବିଦ୍ୟାଳୟ' ଦିଆଯାଇଛି ।

**ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ,**
**ଦେଉଳ ସାହି, ତୁଳସୀପୁର, କଟକ**

# ନବଜାଗରଣର କର୍ଣ୍ଣଧାର 'ନେତାଜୀ'

## ଜୟଶ୍ରୀ ପଟ୍ଟନାୟକ



ଭାରତ ସ୍ୱାଧୀନତା ପାଇଁ ଯେଉଁ ଐତିହାସିକ ନବଜାଗରଣ ଆରମ୍ଭ ହେଲା, ସେହି ନବଜାଗରଣର ଦୁଇ କର୍ଣ୍ଣଧାର ଥିଲେ ଗାନ୍ଧିଜୀ ଓ ନେତାଜୀ । ଗାନ୍ଧିଜୀ ଥିଲେ ଅହିଂସା ସତ୍ୟାଗ୍ରହର କର୍ଣ୍ଣଧାର, ନେତାଜୀ ସୁଭାଷ ଥିଲେ ସଶସ୍ତ୍ର ମୁକ୍ତି ସଂଗ୍ରାମର କର୍ଣ୍ଣଧାର । ସେ ମୁକ୍ତି ସଂଗ୍ରାମର ଉଦ୍ଦେଶ୍ୟ ଥିଲା ସାମ୍ରାଜ୍ୟବାଦୀ ବ୍ରିଟିଶ ସରକାର ବିରୁଦ୍ଧରେ ସଶସ୍ତ୍ର ଯୁଦ୍ଧ ଘୋଷଣା ।

ବିଂଶ ଶତାବ୍ଦୀରେ ଯେଉଁ କେତେଜଣ ମହାନ୍ ଜାତୀୟ ବୀରଗଣ ପ୍ରାଣୋତ୍ସର୍ଗ କରିଥିଲେ, ସେମାନଙ୍କ ମଧ୍ୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଥିଲେ ଅନ୍ୟତମ । ସେ ଥିଲେ ଦୟାର ଅବତାର ପ୍ରଜ୍ଞାର ନଭଶ୍ଚୁମ୍ବୀ ଶୃଙ୍ଗ, ବିଦ୍ରୋହର ଏକ ଜ୍ୱାଳାମୁଖୀ ଏବଂ ଭାରତବର୍ଷ ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ବୀରପୁରୁଷ । ନୀତି, ନୈତିକତା ଆଦର୍ଶରୁ କେବେ ବି ବଚ୍ୟୁତ ହୋଇନାହାଁନ୍ତି, ତାଙ୍କର ସାଲିସ ବିହୀନ ଜୀବନରେ । ଆପଣାର ମହିମାରେ ସେ ତେଜୋଦୀପ୍ତ । ସେ ଏକ ପ୍ରଜ୍ୱଳିତ ଅନିର୍ବାଣ ଦୀପଶିଖା ।

ଏହି ବିପ୍ଳବୀ ସୁଭାଷ ବୋଷ ଓଡ଼ିଶାର ସାଂସ୍କୃତିକ ପରିବେଶରେ, ୧୮୯୭ ମସିହା ଜାନୁଆରୀ ୨୩ ତାରିଖ ମାତା ପ୍ରଭାବତୀ ଦେବୀ ଓ ପିତା ଜାନକୀନାଥଙ୍କ ସୁଯୋଗ୍ୟ ସନ୍ତାନ ରୂପେ ଜନ୍ମ ନେଇଥିଲେ । ଦୀର୍ଘ ୧୬ ବର୍ଷ କଟକରେ ତାଙ୍କ ବାପାଙ୍କ ରହି ପ୍ରଥମେ ୟୁରୋପିୟାନ୍ ମିଶନାରୀ ବିଦ୍ୟାଳୟ ଓ ତା ପରେ ରେଭେନ୍ସା କଲିଜିଏଟ ସ୍କୁଲରେ ପାଠ ପଢ଼ି କୃତିତ୍ୱର ସହ ମାଟ୍ରିକ ପାଶ୍ କରିଥିଲେ । ଏହି ସମୟରେ ରେଭେନ୍ସା କଲିଜିଏଟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବେଣୀମାଧବ ଦାସଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ହୃଦୟଙ୍ଗମ କରିଥିଲେ ଯେ ମଣିଷ ଜୀବନର ନୈତିକ ମୂଲ୍ୟବୋଧ ଅନ୍ୟ ସବୁଠାରୁ ମୂଲ୍ୟବାନ । ୧୯୧୩ ମସିହାରେ ସେ କଲିକତା ଗଲେ ଉଚ୍ଚଶିକ୍ଷା ପାଇଁ ୧୯୧୫ରେ ଇଣ୍ଟରମିଡିଏଟ୍ ପାଶ୍ କରି ୧୯୧୬ରେ ପ୍ରେସିଡେନ୍ସି କଲେଜରେ ଦର୍ଶନଶାସ୍ତ୍ର ପଢିବା ପାଇଁ ଭର୍ତ୍ତି ହେଲେ । ସେଠାରେ ମୁଖ୍ୟ ଅଧ୍ୟାପକ ଓଟନ ସାହେବଙ୍କ, ଭାରତୀୟ ଛାତ୍ରମାନଙ୍କ ପ୍ରତି ଦୁର୍ବ୍ୟବହାରର ପ୍ରତିବାଦ କରି ଧର୍ମଘଟର ନେତୃତ୍ୱ ନେଲେ ।

ଏହିଠାରେ ତାଙ୍କ ସଂଗ୍ରାମୀ ଜୀବନର ଅୟମାରମ୍ଭ ହୋଇଥିଲା । ସ୍କଟିସ୍ ଚର୍ଚ୍ଚ କଲେଜରୁ ଦର୍ଶନଶାସ୍ତ୍ରରେ ସମ୍ମାନ ସହ ପ୍ରଥମ ଶ୍ରେଣୀରେ ବି. ଏ ପାଶ୍ କଲେ । ପିତାଙ୍କ ନିର୍ଦ୍ଦେଶରେ ଇଂଲଣ୍ଡରେ ଇଣ୍ଡିୟାନ୍ ସିଭିଲ ସର୍ଭିସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ଇଂଲଣ୍ଡରୁ ପ୍ରତ୍ୟାବର୍ତ୍ତନ କରି ସେ ଗାନ୍ଧିଜୀଙ୍କ ନେତୃତ୍ୱରେ ପରିଚାଳିତ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଲେ । ଉଚ୍ଚ ଚାକିରି ମୋହ ତାଙ୍କୁ ଆବଦ୍ଧ କରିପାରିଲାନି । ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ଉତ୍ସାହ ଓ ପ୍ରେରଣାରେ ପ୍ରଭାବିତ ହୋଇ ଆନ୍ଦୋଳନରେ ଯୋଗଦେଲେ । ଇଂରେଜ ଅଧୀନରେ ଚାକିରି କରି ଗୋଲାମ ହେବା ଅପେକ୍ଷା ଭାରତର ସ୍ୱାଧୀନତା, ଅର୍ଥନୈତିକ ବିକାଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିବାକୁ ସେ ନିଜକୁ ବେଶୀ ଶ୍ରେୟସ୍କର ମଣୁଥିଲେ । ସୁଭାଷ ଥିଲେ ବାମପନ୍ଥୀ, ଗାନ୍ଧିଜୀ ଏବଂ ତାଙ୍କ ସମର୍ଥକମାନେ ଥିଲେ ଦକ୍ଷିଣପନ୍ଥୀ । ସେମାନେ ଅହିଂସା ଯୁଦ୍ଧରେ ବିଶ୍ୱାସୀ । ଉଭୟଙ୍କର ଭିନ୍ନ ଭିନ୍ନ ନୀତି ଆଦର୍ଶ । ସୁଭାଷଙ୍କର ଇଂରେଜ ବିରୁଦ୍ଧରେ ତାଙ୍କର ଥିଲା ହିଂସାତ୍ମକ ବିଦ୍ରୋହ । ବିପ୍ଳବୀ ରକ୍ତ ତାଙ୍କ ଦେହରେ ପ୍ରବାହିତ ହେଉଥିଲା । ୧୯୩୮ ମସିହାରେ ନେତାଜୀ ଜାତୀୟ କଂଗ୍ରେସର ସଭାପତି ଭାବେ ନିର୍ବାଚିତ ହେଇଥିଲେ । ଅଳ୍ପଦିନ ଭିତରେ ଗାନ୍ଧିଙ୍କ ସହ ତାଙ୍କ ମତାନ୍ତର ହେଲା । ସେ ଅହିଂସା, ଅସହଯୋଗ ପ୍ରତ୍ୟାଖ୍ୟାନ କରି ଜନ୍ମଭୂମିର ମୁକ୍ତି ପାଇଁ ରକ୍ତାକ୍ତ ସଂଗ୍ରାମ ଆବଶ୍ୟକ ବୋଲି ଘୋଷଣା କଲେ । ୧୯୩୯ରେ ଫରୱାର୍ଡ ବ୍ଲକ୍ ନାମରେ ଏକ ଉଗ୍ରଜାତୀୟବାଦୀ ଦଳ ଗଠନ କଲେ ।

ସେଥିପାଇଁ ଇଂରେଜ ସରକାର ତାଙ୍କୁ ଗୃହବନ୍ଦୀ କରି ରଖିଲେ । ସୁଭାଷଙ୍କ ହୃଦୟରେ ବିଦ୍ରୋହର ନିଆଁ ଜଳିଲା । ସେ ସ୍ଥିର କଲେ ଯେ, ବ୍ରିଟିଶମାନଙ୍କ ସାମ୍ରାଜ୍ୟବାଦୀ ଚିନ୍ତାକୁ ଧ୍ୱଂସ କରିବାକୁ ହେଲେ ସଶସ୍ତ୍ର ସଂଗ୍ରାମ ହିଁ ଏକମାତ୍ର ପନ୍ଥା । ଫରୱାର୍ଡ ବ୍ଲକର ସମ୍ବାଦପତ୍ରରେ ଏକ ଲେଖା ପାଇଁ ତାଙ୍କୁ ଜେରା କରାଗଲା ମାତ୍ର ସେ ସରକାରଙ୍କୁ ଚକମା ଦେଇ ୧୯୪୦ରେ ଏକ ଛଦ୍ମବେଶରେ ବାହାରି ଯାଇଥିଲେ । ବିଭିନ୍ନ ବେଶ ଧାରଣ କରି, ଅନ୍ୟ ଜଣେ ବ୍ୟକ୍ତିଙ୍କ ସହାୟତାରେ ପେଶୱାର, ଖାଇବର ଗିରିପଥ ଅତିକ୍ରମ କରି ଆଫଗାନିସ୍ଥାନର ରାଜଧାନୀ କାବୁଲରେ ପହଞ୍ଚିଲେ ।

ସେଠାରୁ ଜଣେ ବ୍ୟକ୍ତିଙ୍କ ସହାୟତାରେ ବିପଦ ସଙ୍କୁଳ ପାର୍ବତ୍ୟ ଅଞ୍ଚଳ ଅତିକ୍ରମ କରି ମସ୍କୋରେ ପହଞ୍ଚିଲେ । ପରେ ଇଟାଲିର ମୁସୋଲିନିଙ୍କ ସହାୟତାରେ ଓରଲାଣ୍ଡୋ ମସୋଟା ନାମରେ ପାସପୋର୍ଟ କରି ମସ୍କୋରୁ ଉଡାଜାହାଜରେ ବର୍ଲିନ ପହଞ୍ଚିଲେ । ସେଠାରେ ଗଠନ କଲେ ଭାରତୀୟ ମୁକ୍ତି ବାହିନୀ । ସେତେବେଳେ ସୁଭାଷ ବୋଷଙ୍କ ଆଜାଦ୍ ହିନ୍ଦ ରେଡିଓରୁ ଭାରତୀୟମାନଙ୍କ ପ୍ରତି ଉଦ୍‌ବୋଧନ ଭାରତର ସ୍ୱାଧୀନତା ସଂଗ୍ରାମୀମାନଙ୍କ ମନରେ ଭାରତ ଛାଡ ଆନ୍ଦୋଳନ ପାଇଁ ନୂତନ ଉନ୍ମାଦନା ସୃଷ୍ଟି କଲା । ସେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥାଏ, ଇଂଲଣ୍ଡ ହୋଇଥାଏ ଜର୍ମାନୀର ଶତ୍ରୁ । ଇଂରେଜମାନଙ୍କୁ ତଡିବା ପାଇଁ କିଛି ପ୍ରବାସୀ ବିପ୍ଳବୀ ଭାରତୀୟ ବର୍ଲିନ ଠାରେ 'ଇଣ୍ଡିଆ ଇଣ୍ଡିପେଣ୍ଡେଣ୍ଟ ଲିଗ୍' ନାମରେ ଏକ ସଂଗଠନ ଗଢିଥାନ୍ତି । ସେମାନେ ସୁଭାଷଙ୍କୁ ନେତା ଭାବରେ ଗ୍ରହଣ କଲେ ।

ହଠାତ୍ ବର୍ଲିନ୍ ରେଡିଓରୁ ସୁଭାଷଙ୍କ ଗମ୍ଭୀର କଣ୍ଠ ଶୁଭାଗଲା, 'ମୁଁ ସୁଭାଷ କହୁଛି... ଜୟ ହିନ୍ଦ୍' । ସାରା ପୃଥିବୀରେ ଏ ଖବର ବ୍ୟାପିଗଲା । ଜର୍ମାନ ସହାୟତାରେ ଭାରତକୁ ମୁକ୍ତ କରିବା ପାଇଁ ସୁଭାଷ ହିଟଲରକୁ ପ୍ରସ୍ତାବ ଦେଲେ । ମାତ୍ର ଯୁଦ୍ଧର ଗତି ବଦଳି ଯିବାରୁ ହିଟଲର ତାଙ୍କୁ ସାହାଯ୍ୟ କରି ପାରିଲେନି । ସୁଭାଷଙ୍କୁ ପ୍ରାଚ୍ୟ ଭୂଖଣ୍ଡରେ ଜର୍ମାନ ସାଥି ଜାପାନକୁ ପଠାଇଦେଲେ । ୮ ଫେବୃଆରୀ ୧୯୪୩ ଦିନ ଏକ ଜର୍ମାନରୁ ତାଙ୍କ ଯାତ୍ରା ଆରମ୍ଭ କଲେ । ବାଲଟିକ ସାଗର ଓ ଆଟଲାଣ୍ଟିକ ମହାସାଗରକୁ ଅତିକ୍ରମ କରି ସେ ଉତ୍ ମାସା ଅନ୍ତରୀପ ଠାରେ ଭାରତ ମହାସାଗରରେ ପହଞ୍ଚିଲେ । ୧୯୪୩ରେ ମାଡାଗାସ୍କର ଠାରେ ଜର୍ମାନ ୟୁ ବୋଟ ଛାଡି ଜାପାନୀ ବୁଡାଜାହାଜ–୨୯ରେ ବସିଲେ ଓ ଜାପାନ ଅଧିକୃତ ଇଣ୍ଡୋନେସିଆର ବାଟାଭିଆ ଠାରୁ ବିମାନରେ ଜାପାନ ଯାତ୍ରା କଲେ । ସେତେବେଳେ ଦକ୍ଷିଣ–ପୂର୍ବ ଏସିଆରେ ଦ୍ୱିତୀୟ ବିଶ୍ୱଯୁଦ୍ଧର ନିଆଁ ଜଳୁଥିଲା ।

ଜାପାନର ପ୍ରଚଣ୍ଡ ଆକ୍ରମଣରେ ଫିଲିପାଇନ୍ସ, କାମ୍ବୋଡିଆ, ଶ୍ୟାମ, ମାଳୟ ଓ ଇଣ୍ଡୋନେସିଆ ଆଦିରୁ ଜାପାନ ଦ୍ୱାରା ତଡାଖାଇ ପାଶ୍ଚାତ୍ୟ ଶକ୍ତିମାନେ ପଳାଇଥିଲେ ସେସବୁ ଅଞ୍ଚଳ ଜାପାନ ଅଧିକୃତ ହେଲା । ପ୍ରାଚ୍ୟରେ ଥିବା ସବୁଠାରୁ ବଡ ଇଂରେଜ ନୌଘାଟିର ସିଙ୍ଗାପୁରରେ ପତନ ଘଟିଲା । ପ୍ରାୟ ୪୫ ହଜାର ସୈନ୍ୟ ଜାପାନ ଦ୍ୱାରା ବନ୍ଦୀ ହେଲେ । ଏମାନଙ୍କ ଭିତରେ ଅନେକ ଭାରତୀୟ ଥିଲେ । ଜାପାନ ସହାୟତାରେ ଏ ବନ୍ଦୀମାନଙ୍କୁ ମୁକ୍ତ କରି କ୍ୟାପଟେନ ମୋହନ ସିଂ ନାମରେ ଜଣେ ଭାରତୀୟଙ୍କ ନେତୃତ୍ୱରେ ଆଇ. ଏନ୍. ଏ ବା ଆଜାଦ୍ ହିନ୍ଦ ଫୌଜ ସୈନ୍ୟବାହିନୀ ଗଠନ କରାଗଲା । ଜାପାନୀମାନଙ୍କ ସହ ମିଶି ଭାରତରୁ ଇଂରେଜମାନଙ୍କୁ ତଡିବା ଏହାର ପ୍ରଧାନ ଲକ୍ଷ୍ୟ ଥିଲା । ଜାପାନ ନାଗରିକତ୍ୱ ଗ୍ରହଣ କରିଥିବା ରାସ ବିହାରୀ ବୋଷଙ୍କୁ ଏହାର ଦାୟିତ୍ୱ ଦିଆଗଲା । କ୍ୟାପ୍ଟେନ ମୋହନ ସିଂ ଥିଲେ ସ୍ୱାଭିମାନୀ ।

ସୀମାନ୍ତକୁ ଯିବା ଆଗରୁ ସେ ଆଇ.ଏନ.ଏର ପରିଚାଳନା ଗତ ସ୍ୱାଧୀନତା ଦାବୀ କଲେ । ମାତ୍ର ଜାପାନ ସରକାର ତାଙ୍କ ଦାବୀ ପ୍ରତ୍ୟାଖ୍ୟାନ କଲେ ସେ ନିଜ ପଦରୁ ଇସ୍ତଫା ଦେଲେ ଓ ସୈନ୍ୟମାନଙ୍କୁ ବନ୍ଦୀ ଶିବିରକୁ ଫେରିଯିବାକୁ ନିର୍ଦ୍ଦେଶ ଦେଲେ । ଏହି ବିଶୃଙ୍ଖଳାରୁ ରକ୍ଷା ପାଇବା ପାଇଁ ରାସ ବିହାରୀ ବୋଷଙ୍କର ସବୁ ଉଦ୍ୟମ ପଣ୍ଡ ହେଲା । ତେଣୁ ଆଇ.ଏନ୍.ଏ ର ଦାୟିତ୍ୱ ସୁଭାଷ ନେଲେ । ୧୩ ଜୁନ୍ ୧୯୪୩ ଦିନ ସୁଭାଷ ଟୋକିଓରେ ପହଞ୍ଚିଲେ । ତା' ପରଦିନ ଜାପାନ ପ୍ରଧାନମନ୍ତ୍ରୀ ତେଜୋ ଓ ସାମରିକ ପରାମର୍ଶଦାତାଙ୍କୁ ସାକ୍ଷାତ କଲେ । ଆଇ. ଏନ୍.ଏ ପାଇଁ ସ୍ୱାଧୀନତା ପାଇଲେ । ଏସିଆ ଫର ଏସିଆନ୍ ଡାକ ସବୁଆଡୁ ଶୁଭିଲା । ଲକ୍ଷ ଲକ୍ଷ ପ୍ରବାସୀ ଭାରତୀୟ ଆଇ.ଏନ୍.ଏ ରେ ଯୋଗ ଦେଲେ । ନେତାଜୀ ନିଜ ଦପ୍ତର ସିଙ୍ଗାପୁରକୁ ଉଠାଇ ନେଲେ ଓ ଏକ ସ୍ୱାଧୀନ ପ୍ରବାସୀ ସରକାର ଗଠନ କରାଗଲା । ସାତୋଟି ଦେଶ ମଧ୍ୟରେ ଏହାକୁ ସ୍ୱୀକୃତ ଦେଲେ । ଇଂରେଜ ଅଧିକୃତ ଭାରତ ଉପରେ ଆକ୍ରମଣ ପାଇଁ ତିନି ଡିଭିଜନ୍ ସୈନ୍ୟ ପ୍ରସ୍ତୁତ ହୋଇଗଲେ । ସେ ସୈନ୍ୟମାନଙ୍କୁ କହିଲେ, 'ତୁମେ ମତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧୀନତା ଦେବି' ଓ ଏହି ଜୟଯାତ୍ରା ଦିଲ୍ଲୀ ଅଧିକାର ପର୍ଯ୍ୟନ୍ତ ଚାଲିବ ... ମାଇକରୁ ଭାସି ଆସିଲା 'ଦିଲ୍ଲୀ ଚଲୋ' । ନେତାଜୀ ସିଙ୍ଗାପୁରରେ ପହଞ୍ଚିଲେ ସେଠାରେ ଜାପାନ ସହାୟତାରେ ଆଜାଦ୍ ହିନ୍ଦ ଫୌଜ ନାମରେ ଏକ ଶକ୍ତିଶାଳୀ ସୈନ୍ୟବାହିନୀ ଗଠନ କଲେ ୨୧ ଅକ୍ଟୋବର ୧୯୪୩ରେ । ଏହାପରେ ଉକ୍ତ ସୈନ୍ୟବାହିନୀ ତାଙ୍କ ନେତୃତ୍ୱରେ ପୂର୍ବ ଦିଗରେ ଆଣ୍ଡାମାନ ନିକୋବର ଓ ପରେ ନାଗାଲାଣ୍ଡର କୋହିମା ଠାରେ ଜାତୀୟ ପତାକା ଉଡାଇଲେ । ବ୍ରିଟିଶ ସାମ୍ରାଜ୍ୟବାଦ ପ୍ରାସାଦର ମୂଳଦୂଆକୁ ଦୋହଲାଇ ଦେଇଥିଲା ଏହା ହିଁ ଐତିହାସିକ ସତ୍ୟ ।

ଶେଷରେ ୧୯୪୭ ଅଗଷ୍ଟ ୧୫ ତାରିଖରେ ବ୍ରିଟିଶ ପାର୍ଲାମେଣ୍ଟ ଭାରତକୁ ସ୍ୱାଧୀନତା ଦେବାକୁ ବାଧ୍ୟ ହେଲେ । ତେଣୁ ଭାରତୀୟ ସ୍ୱାଧୀନତା ଆନ୍ଦାଳନର ସଫଳତା ପଛରେ ଗାନ୍ଧିଜୀଙ୍କ ଅହିଂସା ସତ୍ୟାଗ୍ରହ ମୂଳ କାରଣ ହେଲେ ମଧ୍ୟ ନେତାଜୀଙ୍କ ଆଜାଦ୍ ହିନ୍ଦ୍ ଫୌଜର ଯୁଦ୍ଧ ଘୋଷଣା ଓ କୋହିମା ଠାରେ ସ୍ୱାଧୀନ ଭାରତର ତ୍ରିରଙ୍ଗା ପତାକା ଉତ୍ତୋଳନ ମାନସିକ ସ୍ତରରେ ବ୍ରିଟିଶ ସାମ୍ରାଜ୍ୟବାଦର ଅହଂକାରକୁ ଧ୍ୱଂସ କରି ଦେଇଥିଲା । ୧୯୪୫ ଅଗଷ୍ଟ ୬ ଓ ଅଗଷ୍ଟ ୯ରେ ହିରୋସୀମା ନାଗାସାକି ଉପରେ ଆମେରିକା ଆଣବିକ ବୋମା ପକାଇ ଜାପାନକୁ ଆତ୍ମସମର୍ପଣ କରିବାକୁ ବାଧ୍ୟ କଲା । ଫଳରେ ଆଜାଦ୍ ହିନ୍ଦ ଫୌଜ ଦୁର୍ବଳ ହୋଇଗଲା । ଆଜାଦ ହିନ୍ଦ ସୈନ୍ୟ ପରାଜିତ ହେଲେ ମଧ୍ୟ ସୁଭାଷ ବୋଷଙ୍କ ଦେଶପ୍ରେମ ଅମର ଓ ଚିର ସ୍ମରଣୀୟ ହୋଇ ରହିବ ।।

ସେମାନେ ମଣିପୁରର ଇମ୍ଫାଲ ପର୍ଯ୍ୟନ୍ତ ଅତିକ୍ରମ କରିଆସିଲେ । କିନ୍ତୁ ଜାପାନୀମାନେ ଇଂରେଜମାନଙ୍କ ସହ ଯୁଦ୍ଧରେ ପରାସ୍ତ ହେଲେ । ଫଳରେ ସୁଭାଷଙ୍କୁ ଆଉ ଜାପାନୀମାନଙ୍କ ସାହାଯ୍ୟ ମିଳିଲା ନାହିଁ । ୧୯୪୫ ମସିହାରେ ଇଂରେଜ ଆଖିରେ ଧୂଳି ଦେଇ ଛଦ୍ମବେଶରେ ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ ସହ ଏକ ଉଡାଜାହାଜରେ ଟୋକିଓ ଅଭିମୁଖେ ଯାତ୍ରା କଲେ । କିନ୍ତୁ ବାଟରେ ଫର୍ମୋଦା ଦ୍ୱୀପରେ ଉଡାଜାହାଜଟି ଦୁର୍ଘଟଣାର ସମ୍ମୁଖୀନ ହେଲା । ୧୯୪୫ରେ ଟୋକିଓ ରେଡିଓରୁ ଜାପାନ ଘୋଷଣା କଲା ଯେ, ନେତାଜୀ ଉଡାଜାହାଜ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଛନ୍ତି । ଭାରତୀୟମାନେ ବିଶ୍ୱାସ କଲେ ନାହିଁ । ନେତାଜୀଙ୍କ ଅନ୍ତିମ ଜୀବନ ଏବେ ବି ଭାରତୀୟଙ୍କ ନିକଟରେ ରହସ୍ୟାବୃତ ହୋଇ ରହିଛି । ହେଲେ ତାଙ୍କ ଦେଶପ୍ରେମର ଅଗ୍ନି ପ୍ରତ୍ୟେକ ଭାରତୀୟ ହୃଦୟରେ ପ୍ରଜ୍ୱଳିତ । ବାସ୍ତବିକ ସେ ଥିଲେ ନବଜାଗରଣର କର୍ଣ୍ଣଧାର ।

**ଭୁବନେଶ୍ୱର ,**
**ମୋ–୭୯୭୮୧୧୦୪୭୪**

# ଜ୍ୟୋତିର୍ମୟ ସାଇ ଅବତାର

## ଅଶୋକ କୁମାର ହୋତା

ମନୁଷ୍ୟ ହାତ ଓ ପାଦ, ମସ୍ତକ ଓ ହୃଦୟ, ମନ ଓ ପଦାର୍ଥର ସମାହାରରେ ଗଠିତ ଏକ ଯନ୍ତ୍ର ନୁହେଁ । ଏହି ସବୁ ଆତ୍ମା ରୂପକ ଏକ ଅନ୍ତର୍ନିହିତ ଓ ଭାବାତୀତ ସତ୍ତା ଦ୍ୱାରା ପରିଚାଳିତ, ଯାହା ଦୃଶ୍ୟ ଜଗତର ଉର୍ଦ୍ଧ୍ୱରେ । ଏହି ମହାନ୍ ଶିକ୍ଷା ଯୁଗ ଯୁଗ ଧରି ଭାରତବର୍ଷ ପ୍ରତି ପିଢ଼ିକୁ ଦେଇ ଆସୁଅଛି ।

**ଆଜିର ଆବଶ୍ୟକତା ହେଉଛି, ପ୍ରତ୍ୟେକଙ୍କ ଭିତରେ ଅନ୍ତର୍ନିହିତ ସହନଶୀଳତା, ଦୟାଭାବ, ଶାନ୍ତି ଓ ଆନନ୍ଦର ନିର୍ଝରକୁ ପ୍ରକାଶିତ କରିବା । ଭାରତକୁ ଆଧ୍ୟାତ୍ମିକ ଅଭିଯାନର ଅଗ୍ରଦୂତ ହେବାକୁ ହେବ । କଠିନତମ ହୃଦୟକୁ ଦ୍ରବୀଭୂତ କରିବା ପାଇଁ ଦ୍ରାବକ ହେଉଛି – ପ୍ରେମ । ପୂର୍ଣ୍ଣ ପ୍ରେମ, ନିଃସ୍ୱାର୍ଥ ପ୍ରେମ, ମୁକ୍ତ ପ୍ରେମ ବିନା କୌଣସି ଆଧ୍ୟାତ୍ମିକ ସାଧନା କୃତକାର୍ଯ୍ୟ ହୋଇପାରିନାହିଁ ।**

ଭାରତ ହେଉଛି ସନାତନ, ବୌଦ୍ଧ, ଜୋରାଷ୍ଟ୍ରର, ଖ୍ରୀଷ୍ଟ, ଇସଲାମ, ଶିଖ୍ ଆଦି ଧର୍ମ ଭାବରେ ପରିଚିତ ବହୁବର୍ଣ୍ଣୀ ପୁଷ୍ପମାନଙ୍କର ଏକ ଉଦ୍ୟାନ । ସେମାନେ ଅନୁଶୀଳନ କରୁଥିବା ସତ୍ୟ, ଗାଉଥିବା ସ୍ତବ, ଅନ୍ତରର ପ୍ରାର୍ଥନା ଏଠିକାର ବାତାବରଣକୁ ଦିବ୍ୟ ସୁଗନ୍ଧିରେ ଭରି ଦେଉଛି । ଯୁଗ, ଯୁଗ ଧରି ଅବତାର ଏହି ପବିତ୍ର ଭୂମିରେ ଅବତରିତ ହୋଇ ଶାନ୍ତି ଓ ପ୍ରେମର ବାର୍ତ୍ତା ପ୍ରଦାନ କରିଛନ୍ତି ।

ଭଗବାନ ଏକ, ଲୋକମାନେ ତାଙ୍କୁ ବିଭିନ୍ନ ଭାଷାରେ ଡ଼ାକନ୍ତି । ଭଗବାନଙ୍କର ବିଭିନ୍ନ ଗୁଣ – ତାଙ୍କର ଦୟା, ପ୍ରେମ, ଜ୍ଞାନ, ଧନ, ଶକ୍ତି ଆଦିକୁ ବିଭିନ୍ନ ନାମ ଓ ରୂପ ଦିଆଯାଇଛି । ମାତ୍ର ଉପାସକ ଜାଣେ ଯେ ଏଗୁଡ଼ିକ ଏକ ଅବିଭକ୍ତ ନିତ୍ୟ ନିର୍ବିକଳ୍ପଙ୍କର ବିଭିନ୍ନ ଦିଗ ମାତ୍ର । ଭାରତବାସୀ ପ୍ରତ୍ୟେକ ଜଡ଼, ଚେତନ ମଧ୍ୟରେ ଭଗବତ୍ ସତ୍ତା ବିଷୟରେ ସଚେତନ । 'ଈଶାବାସ୍ୟଂ ଇଦଂ ସର୍ବମ୍' ବୋଲି ଉପନିଷଦ ଘୋଷଣା କରେ । ପ୍ରାଚୀନ ବିଶ୍ୱବିଦ୍ୟାଳୟମାନେ ଭଗବାନଙ୍କର ଏହି ସର୍ବ ବିଦ୍ୟମତ୍ତା, ଅନ୍ତର୍ଯ୍ୟାମିତ୍ୱ ଓ ଭାବାତୀତତା ଉପରେ ଗୁରୁତ୍ୱ ଦେଉଥିଲେ ।

ଆଜିର ପୃଥିବୀ ଭାଗ ଭାଗ ହୋଇ ପରସ୍ପରକୁ ଘୃଣା ଓ ଆଘାତ କରିବାରେ ବ୍ୟସ୍ତ । ଶତ୍ରୁକୁ ଶେଷ କରିନେବା ପାଇଁ ଅତ୍ୟଧିକ ନିଷ୍ଠୁର ପଥ ଅବଲମ୍ବନ କରିବାକୁ ମଧ୍ୟ ଦେଶ ମାନେ ପଛାଉ ନାହାଁନ୍ତି । ଏହି ସମୟରେ ଭଗବାନ ଶ୍ରୀସତ୍ୟସାଇଙ୍କର ମନୁଷ୍ୟର ଭ୍ରାତୃତ୍ୱ ଓ ଈଶ୍ୱରଙ୍କ ପିତୃତ୍ୱର ଦିବ୍ୟ ବାର୍ତ୍ତା ଲୋକମାନଙ୍କର ହୃଦୟରେ ତରଙ୍ଗାୟିତ ହେବା ଦରକାର । ଶ୍ରୀସତ୍ୟସାଇ ସେବା ସଂଗଠନ ବିନମ୍ରତା, ଭକ୍ତି ଓ ପ୍ରେମର ସହ କରାଯାଉଥିବା ସେବା ମାଧ୍ୟମରେ ଦେଖାଇ ଦେବାକୁ ଚାହେଁ ଯେ ଆଜି ବି ଭାରତର ଐତିହ୍ୟ, ସଂସ୍କୃତି ଉଜ୍ଜୀବିତ ଅଛି । ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସାରେ ବିଶ୍ୱାସ କରୁଥିବା ଲୋକେ ଅଛନ୍ତି । ଆଜିର ଆବଶ୍ୟକତା ହେଉଛି, ପ୍ରତ୍ୟେକଙ୍କ ଭିତରେ ଅନ୍ତର୍ନିହିତ ସହନଶୀଳତା, ଦୟାଭାବ, ଶାନ୍ତି ଓ ଆନନ୍ଦର ନିର୍ଝରକୁ ପ୍ରକାଶିତ କରିବା । ଭାରତକୁ ଆଧ୍ୟାତ୍ମିକ ଅଭିଯାନର ଅଗ୍ରଦୂତ ହେବାକୁ ହେବ । କଠିନତମ ହୃଦୟକୁ ଦ୍ରବୀଭୂତ କରିବା ପାଇଁ ଦ୍ରାବକ ହେଉଛି – ପ୍ରେମ । ପୂର୍ଣ୍ଣ ପ୍ରେମ, ନିଃସ୍ୱାର୍ଥ ପ୍ରେମ, ମୁକ୍ତ ପ୍ରେମ ବିନା କୌଣସି ଆଧ୍ୟାତ୍ମିକ ସାଧନା କୃତକାର୍ଯ୍ୟ ହୋଇପାରିନାହିଁ । ଶ୍ରୀସତ୍ୟସାଇ କୁହନ୍ତି, ସେବା କରିବାକୁ ଯାଇ ତୁମେ ଯାହା କରୁଛ, ଯାହା ପ୍ରତି ସେବା କର୍ମ ପ୍ରଦାନ କରୁଛ, ବିଶ୍ୱାସ କର ତାହା ତାଙ୍କ ଭିତରେ ଥିବା ଭଗବାନଙ୍କ ପାଖରେ ପହଞ୍ଚେ । ଶୃଙ୍ଖଳା – ଭକ୍ତି – କର୍ତ୍ତବ୍ୟ ବୋଧର ତ୍ରିଗୁଣ ସାଧନାର ଉପାସକ ହୁଅ । ସାଇଙ୍କ ପ୍ରତି ଓ ସାଇଙ୍କ ବାର୍ତ୍ତା ପ୍ରତି ଭକ୍ତି ହିଁ ତୁମ କର୍ତ୍ତବ୍ୟବୋଧର ମୂଳଭିତ୍ତି, ଯାହା ତୁମକୁ ସର୍ବଦା ଶୃଙ୍ଖଳିତ କରି ରଖିବ । ପ୍ରେମ ତୁମର ପ୍ରାଣ ହେଉ, ପ୍ରେମର ସୂର୍ଯ୍ୟ ତୁମ ହୃଦୟ କମଳକୁ ବିକଶିତ କରୁ ।

ଶ୍ରୀସତ୍ୟସାଇ କୁହନ୍ତି, ତୁମର ଫୁଲମାଳ, ଫଳ, ଧୂପଦୀପ ମୋର ଦରକାର ନାହିଁ । ମୋତେ ଏପରି କିଛି ଦିଅ ଯାହା ତୁମର ନିଜସ୍ୱ, ଯାହା ସ୍ୱଚ୍ଛ, ନିର୍ମଳ, ସଦ୍‌ଗୁଣ ଓ ସରଳତାର ସୁଗନ୍ଧରେ ସୁରଭିତ ଏବଂ ଅନୁତାପର ଅଶ୍ରୁଧାରାରେ ଧୌତ । ଭଗବାନଙ୍କୁ ନିଜ ହୃଦୟରେ ପ୍ରତିଷ୍ଠିତ କର । ନିଜର କର୍ମରୂପୀ ଫଳ ଏବଂ ଆନ୍ତରିକ ଚିନ୍ତାଧାରା ଓ ଅନୁଭୂତି ରୂପକ ଫୁଲ, ଅନ୍ୟର ସୁଖ ଓ ଦୁଃଖରେ ଝରିପଡୁଥିବା ଲୋତକ ରୂପକ ଜଳ ମୋତେ ପ୍ରଦାନ କର । ଏହି ପ୍ରକାରର ପୂଜାହିଁ ମୋର ସର୍ବାଧିକ ପ୍ରିୟ ।

ଭଗବାନ ବାବା ୧୯୬୨ ମସିହା ଏପ୍ରିଲ୍ ୨୮ ତାରିଖ ଦିନ ଦିବ୍ୟ ସମ୍ଭାଷଣରେ କହିଲେ ଯେ ଭଗବାନଙ୍କ ଠାରୁ ଜ୍ୟୋତି ତିନୋଟି ସ୍ତରରେ ବିଚ୍ଛୁରିତ ହୋଇଥାଏ । ସ୍ଥୁଳ ସ୍ତରରେ ଜ୍ୟୋତିର ତରଙ୍ଗ ପ୍ରଶାନ୍ତି ନିଲୟମ୍‌ରେ ବ୍ୟାପୃତ ହୋଇଥାଏ । ସୂକ୍ଷ୍ମ ସ୍ତରରେ ଜ୍ୟୋତି ସମଗ୍ର ପୃଥିବୀକୁ ପୂର୍ଣ୍ଣ କରିଥିବା ବେଳେ କାରଣ ସ୍ତରରେ ଜ୍ୟୋତି ସମଗ୍ର ବିଶ୍ୱକୁ ଆବୃତ କରିଥାଏ ।

ଏହି ସତ୍ୟକୁ ବୁଝି ପ୍ରତ୍ୟେକ ବ୍ୟକ୍ତିଙ୍କୁ ମଧ୍ୟ ତାଙ୍କ ହୃଦୟର ପ୍ରେମ ଜ୍ୟୋତିକୁ ବ୍ୟକ୍ତିଗତ, ପାରିବାରିକ, ସାମାଜିକ ଓ ସର୍ବୋପରି ସାର୍ବଜନୀନ ଜୀବନକୁ ବ୍ୟାପକ କରିବାକୁ ହେବ । ଭଗବାନ ବୁଝାଇ କୁହନ୍ତି, ଯେତେବେଳେ ତୁମର ହୃଦୟରେ ଗଭୀରତା ଭରିଯିବ, ସେତେବେଳେ ତୁମର ଚରିତ୍ର ସୁନ୍ଦର ହେବ, ବ୍ୟକ୍ତି ଚରିତ୍ର ସୁନ୍ଦର ହେଲେ ପରିବାରରେ ସଂହତି ରହିବ, ପରିବାରର ସଂହତି ଦେଶରେ ଶୃଙ୍ଖଳା ସ୍ଥାପନ କରିବ, ଦେଶର ଶୃଙ୍ଖଳା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବ ।

ସ୍ୱାମୀ ଆଶୀର୍ବାଦ ଦେଇ କହିଛନ୍ତି, ଦିବ୍ୟାତ୍ମା ସ୍ୱରୂପ, ଭାରତ ପ୍ରେମ ଭୂମି, ଯୋଗ ଭୂମି, ତ୍ୟାଗ ଭୂମି ଓ ଆଧ୍ୟାତ୍ମିକ ଗବେଷଣାର କେନ୍ଦ୍ର । ବିଶ୍ୱାସ ରଖ ଖୁବ୍ ଶୀଘ୍ର ସୁବର୍ଣ୍ଣ ଯୁଗର ପ୍ରତିଷ୍ଠା ହେବ । ଏବଂ ଏହି ସୁବର୍ଣ୍ଣ ଯୁଗ ପ୍ରତିଷ୍ଠାରେ ପବିତ୍ର ଭାରତ ଭୂମି ହିଁ ମୁଖ୍ୟ ଭୂମିକା ଗ୍ରହଣ କରିବ । ତୁମେମାନେ ହିଁ ଏହି ଦାୟିତ୍ୱ ପୂରଣ କରିବ ଓ ଏହାର ଦାୟାଦ ହେବ । ତୁମ ପ୍ରତ୍ୟେକଙ୍କୁ ଏହାହିଁ ମୋର ଆଶୀର୍ବାଦ ।

**ଭୁବନେଶ୍ୱର**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର,
ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ
ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ବାଇଶି ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସଂକୀର୍ତ୍ତନ ସମୀକ୍ଷା

କଟକ, (ସ୍ୱପ୍ର): ସ୍ଥାନୀୟ ଶିଖରପୁର ଉପରସାହୀ ସ୍ଥିତ ଠାକୁର ଶ୍ରୀଶ୍ରୀ କୁଞ୍ଜବିହାରୀ ଜିଉଙ୍କ ଠାକୁର ଗୃହରେ ସଂକିର୍ତ୍ତନ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ୨୨ଦିଗଭାଗ ସଂକିର୍ତ୍ତନ ମଣ୍ଡଳୀର କାର୍ଯ୍ୟକାରୀ ସର୍ବାଧିକାରୀ ସୁବାଷ ଚନ୍ଦ୍ର ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ୨୨ଦିଗଭାଗ ସଭ୍ୟ ଅଭିରାମ ବେହେରା, ଜ୍ୟୋତିରଞ୍ଜନ ସାହୁ ଓ ବିଶ୍ୱଜିତ୍ ସ୍ୱାଇଁ ଭାଗ ନେଇ ସଂକୀର୍ତ୍ତନ ମଣ୍ଡଳୀର ବିଭିନ୍ନ କାର୍ଯ୍ୟକ୍ରମ ଓ ସମସ୍ୟା ସମ୍ପର୍କରେ ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ସଂକିର୍ତ୍ତନ ପ୍ରେମୀ ଯୁବକ ଓ ଗ୍ରାମର ମୁରବୀମାନଙ୍କୁ ଉପଢୌକନ ପ୍ରଦାନ କରି ଉତ୍ସାହିତ କରିଥିଲେ । ୨୨ ଦିଗଭାଗର କାର୍ଯ୍ୟକାରୀ ସର୍ବାଧିକାରୀ ଏବଂ କୁଞ୍ଜବିହାରୀ ଜୀଉର ସମସ୍ତ ସଭ୍ୟ ଓ ଯୁବକମାନଙ୍କୁ ପ୍ରଶଂସା କରି ଓଡିଶା ସଂକିର୍ତ୍ତନକୁ ଉଜ୍ଜୀବିତ ରଖିବା ଦିଗରେ ପରାମର୍ଶ ଦେଇଥିଲେ । ଏଥିରେ ମହନ୍ତ ଶ୍ରୀ ହରେକୃଷ୍ଣ ଦାସ ସମୀକ୍ଷକଙ୍କୁ ଚନ୍ଦନ ଓ ପୁଷ୍ପମାଲ୍ୟ ଦେଇ ସମ୍ମାନୀତ କରିଥିଲେ । ଏହି ସମୀକ୍ଷା ବୈଠକରେ ଗ୍ରାମର ବରିଷ୍ଠ ମୁରବୀ ପୂର୍ବତନ ଅଧିକାରୀ ତଥା ୨୨ ଦିଗଭାଗ ସଂକିର୍ତ୍ତନ ମଣ୍ଡଳୀର ସଭ୍ୟ ଫକିର ଚରଣ ସ୍ୱାଇଁ,



ସଂକିର୍ତ୍ତନ ଗୁରୁ ବଳରାମ ସ୍ୱାଇଁ, ଲକ୍ଷ୍ମୀଧର ରାଉତ, ଫକିର ଚରଣ ରାଉତ, ପୂର୍ବତନ କଟୁଆଳ ରବିନ୍ଦ୍ର ସ୍ୱାଇଁ ପ୍ରମୁଖ ଏହି ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ସଂକିର୍ତ୍ତନ ପରିବେଷଣରେ ଦୀପକ ବେହେରା, କଟୁଆଳ ସୁବାଷ ଚନ୍ଦ୍ର ସ୍ୱାଇଁ, ରାଜେଶ ଦାସ, ଗଗନ ସ୍ୱାଇଁ ପ୍ରମୁଖ ଭାଗ ନେଇଥିଲେ । ଶେଷରେ କୁଞ୍ଜବିହାରୀ ଜୀଉର ଅଧିକାରୀ ଗଣେଶ ଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଝିଅ ହେଲେ ସଶକ୍ତ.. ଚିତ୍ରକଳା ଶିବିର ଆୟୋଜିତ

ଭୁବନେଶ୍ୱର,(ସବ୍ୟୁ): ଶାନ୍ତିସ୍ତୁପ ନିକଟସ୍ଥ ଧଉଳି ଚାରୁକଳା ମହାବିଦ୍ୟାଳୟ ଓ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରାଝିଅ ହେଲେ ସଶକ୍ତ ,ଉଜ୍ଜ୍ୱଳ ହେବ ଭବିଷ୍ୟତ ବିଷୟ ଆଧାରିତ ଚିତ୍ରକଳା ଶିବିର ଆୟୋଜିତ ହୋଇଯାଇଛି । ଏହି ଚିତ୍ରକଳା ଶିବିରରେ ୨୫ ଜଣ ଯୁବ ଚିତ୍ରଶିଳ୍ପୀ ଯୋଗଦେଇ ଉପରୋକ୍ତ ବିଷୟରେ ନିଜ ନିଜ ସୁନ୍ଦର ସୃଜନଶୀଳ ଚିତ୍ର ଅଙ୍କନ କରିଛନ୍ତି । ଶିବିରକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶକ ଡ଼. ସଂଯୁକ୍ତା ସାହୁ, ଡ. ତାପସ ପତ୍ର, ମନୋରଞ୍ଜନ ପ୍ରଧାନ, ଡ. ଶ୍ରାବଣୀ ଦାସ, ନେପାଳର ବରିଷ୍ଠ ଚିତ୍ରଶିଳ୍ପୀ ସରିତା ଡଙ୍ଗର ପ୍ରମୁଖ ଉଦଘାଟନ କରିଥିଲେ । ପ୍ରାରମ୍ଭରେ ମହାବିଦ୍ୟାଳୟର ଅଧକ୍ଷ ତଥା ଓଡ଼ିଶା ଲଳିତ କଳା ଏକାଡେମୀର ପୂର୍ବତନ ସଚିବ ଡ. ପଞ୍ଚାନନ ସାମଲ ଅତିଥି ମାନଙ୍କ ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ କରିବା ସହିତ ଶିବିର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଶିବିରରେ ଯୁବ ଚିତ୍ରଶିଳ୍ପୀ ମାନେ ଭ୍ରୁଣ ହତ୍ୟାକୁ ବନ୍ଦ କରିବା,ନାରୀ ସ୍ୱାକ୍ଷରତା, ସମାଜରେ



ନାରୀଙ୍କ ସମାନତା ଓ ସେମାନଙ୍କ ଦୃଷ୍ଟିରେ ଆଗାମୀ ଭବିଷ୍ୟତରେ ସଶକ୍ତ ନାରୀର ଭୂମିକାକୁ କାନଭାସ ଉପରେ ନିଖୁଣ ଭାବେ ଚିତ୍ରଣ କରୁଥିଲେ । ଏହି ଅବସରରେ ଶିଳ୍ପୀମାନଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା । ରିତେଶ କୁମାର ଶିଶୁ, ପ୍ରଫୁଲ୍ଲ ମଲ୍ଲିକ, ପ୍ରିୟ ବଲ୍ଲଭ ସାହୁ, ମହାବିଦ୍ୟାଳୟର ଉପାଧକ୍ଷ ଚନ୍ଦନ କୁମାର ସାମଲ,ଅଧାପକ ବିଭୂତି ଭୂଷଣ ପଣ୍ଡା, ରାମଶଙ୍କର ସାହୁ, ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ ଶିବିର ପରିଚାଳନା କରିଥିଲେ । ଶିବିରରେ ପ୍ରସ୍ତୁତ ଚିତ୍ର ଗୁଡ଼ିକ ଜାନୁଆରୀ ୨୪ ତାରିଖରେ ଜାତୀୟ କନ୍ୟା ସନ୍ତାନ ଦିବସ ଅବସରରେ ପ୍ରଦର୍ଶିତ ହେବ ଓ କୃତି ଶିଳ୍ପୀମାନଙ୍କୁ ସମ୍ମାନିତ କରାଯିବ ।

# ନଗର ରାଜଭାଷା କାର୍ଯ୍ୟ ନ୍ୱୟନ ସମିତି (ବ୍ୟାଙ୍କ) ଭୁବନେଶ୍ୱରରେ ଅର୍ଦ୍ଧବାର୍ଷିକ ବୈଠକ

ଭୁବନେଶ୍ୱର,(ସବ୍ୟୁ): ଦିନେଶ ପରୁଥୀ,ଅଧକ୍ଷ, ନରାକାସ (ବ୍ୟାଙ୍କ) ଏବଂ ମୁଖ୍ୟ ମହାପ୍ରବନ୍ଧକ, ଭାରତୀୟ ଷ୍ଟେଟ ବ୍ୟାଙ୍କ, ଭୁବନେଶ୍ୱରଙ୍କ ଅଧକ୍ଷତାରେ, ଭାରତ ସରକାର, ଗୃହ ମନ୍ତ୍ରାଳୟ, ରାଜଭାଷା ବିଭାଗର ପ୍ରତିନିଧି ବିଚିତ୍ରସେନ ଗୁପ୍ତ, ଉପ ନିର୍ଦ୍ଦେଶକ (କାର୍ଯ୍ୟନ୍ୱୟନ)ଙ୍କ ଉପସ୍ଥିତିରେ ଭାରତୀୟ ଷ୍ଟେଟ ବ୍ୟାଙ୍କ, ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟରେ ନଗର ରାଜଭାଷା କାର୍ଯ୍ୟ । ନ୍ୱୟନ ସମିତି (ବ୍ୟାଙ୍କ), ଭୁବନେଶ୍ୱରର ୫୭ତମ ଅର୍ଦ୍ଧବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସାରଦା ପ୍ରସନ୍ନ ମହାନ୍ତି, କ୍ଷେତ୍ରୀୟ ନିଦେଶକ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଡାଃ ସୁଧାଂଶୁ କେ କେ ମିଶ୍ରା, ମୁଖ୍ୟ ମହାପ୍ରବନ୍ଧକ, ନାବାର୍ଡ, ମନୋଜ କୁମାର ସିଂହ, ଉପାଧକ୍ଷ ଏବଂ ମଣ୍ଡଳ ବିକାଶ ଅଧିକାରୀ, ଭାରତୀୟ ଷ୍ଟେଟ ବ୍ୟାଙ୍କ ତଥା ଭୁବନେଶ୍ୱର ସ୍ଥିତ ସମସ୍ତ ସରକାରୀ ବ୍ୟାଙ୍କ ଏବଂ ବୀମା କମ୍ପାନୀମାନଙ୍କର ଉପ ମହାପ୍ରବନ୍ଧକ, ବରିଷ୍ଠ କାର୍ଯ୍ୟପାଳକ ଏବଂ ରାଜଭାଷା



ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ଗୃହ ମନ୍ତ୍ରାଳୟର ବିଚିତ୍ରସେନ ଗୁପ୍ତ, ଉପ ନିଦେଶକ (କାର୍ଯ୍ୟାନ୍ୱୟନ) ତାଙ୍କ ସମୀକ୍ଷାରେ ନରାକାସ (ବ୍ୟାଙ୍କ), ଭୁବନେଶ୍ୱରର ପ୍ରଦର୍ଶନକୁ ପ୍ରଶଂସା କରିବା ସହ ସମସ୍ତ ସଦସ୍ୟମାନଙ୍କର ରିପୋର୍ଟକୁ ବିସ୍ତୃତ ଭାବରେ ସମୀକ୍ଷା କରି କହିଥିଲେ ଯେ ଭାରତ ସରକାର ଦ୍ୱାରା ନିର୍ଦ୍ଧାରିତ ଲକ୍ଷ୍ୟ ପ୍ରାପ୍ତ କରିବା ପାଇଁ ଚେଷ୍ଟା କରିବା ଉଚିତ । ନରାକାସ (ବ୍ୟାଙ୍କ), ଭୁବନେଶ୍ୱରର ଅଧକ୍ଷ ଦିନେଶ ପରୁଥୀ ତାଙ୍କ କହିଥିଲେ ଯେ ଆମେ ସମସ୍ତେ ସେବା କ୍ଷେତ୍ର ସହିତ ଜଡ଼ିତ, ଉନ୍ନତ ଏବଂ ସୁରକ୍ଷିତ ଗ୍ରାହକ ସେବା ପ୍ରଦାନ କରିବାରେ ହିନ୍ଦୀ ଏବଂ ଆଞ୍ଚଳିକ ଭାଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ତେଣୁ ଆମେ ସମସ୍ତେ ହିନ୍ଦୀ ଏବଂ ଆଞ୍ଚଳିକ ଭାଷାରେ ଅଧିକରୁ ଅଧିକ କାମ କରିବାକୁ ଚେଷ୍ଟା କରିବା ଉଚିତ ଏବଂ ଆସନ୍ତା ଦୁଇ ତିନି ମାସ ମଧ୍ୟରେ ହିନ୍ଦୀ ଏବଂ ଆଞ୍ଚଳିକ ଭାଷାର ପ୍ରଚାର ପ୍ରସାର ପାଇଁ ସକାରାତ୍ମକ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ । ଭାରତୀୟ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ସାରଦା ପ୍ରସନ୍ନ ମହାନ୍ତି କହିଥିଲେ ଯେ ରାଜଭାଷାର ପ୍ରଚାର ପ୍ରସାର କ୍ଷେତ୍ରରେ ଏହି କମିଟି ପ୍ରଶଂସନୀୟ କାର୍ଯ୍ୟ କରୁଛି । ହିନ୍ଦୀରେ କାମ କରିବା କେବଳ ରାଜଭାଷା ବିଭାଗ କିମ୍ବା ରାଜଭାଷା ଅଧିକାରୀଙ୍କ କାମ ନୁହେଁ ବରଂ ଏହା ଆମ ସମସ୍ତଙ୍କ ଦାୟିତ୍ୱ । ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ଡାଃ ସୁଧାଂଶୁ କେ କେ ମିଶ୍ରା କହିଥିଲେ ଯେ ଗ୍ରାହକଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଏବଂ ସଚେତନତା ବୃଦ୍ଧି ପାଇଁ ନାବାର୍ଡ ହିନ୍ଦୀ ଏବଂ ଆଞ୍ଚଳିକ ଭାଷା ବ୍ୟବହାର କରୁଛି ।

ସମୀକ୍ଷା ବୈଠକରେ ୨୦୨୪ ମସିହାରେ ରାଜଭାଷାର ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବ୍ୟାଙ୍କ ଓ ବୀମା କମ୍ପାନୀଗୁଡ଼ିକୁ 'ନରାକାସ କ୍ଷେତ୍ରୀୟ ରାଜଭାଷା ଶିଲ୍ଡ' ପ୍ରଦାନ କରାଯାଇଥିବା ନେଇ ସୂଚନା ପ୍ରଦାନ କରା ଯାଇଥିଲା । ଏହି ଅବସରରେ ୨୦୨୪ ବର୍ଷ ରେ ଶ୍ରେଷ୍ଠ ରାଜଭାଷା କାର୍ଯ୍ୟ କରିଥିବା ସଦସ୍ୟ କାର୍ଯ୍ୟାଳୟ ଗୁଡିକୁ ଶିଲ୍ଡ ପ୍ରଦାନ କରଯାଇଥିଲା ଏବଂ ସଦସ୍ୟ କାର୍ଯ୍ୟାଳୟମାନଙ୍କ ପକ୍ଷରୁ ଆୟୋଜିତ ହିନ୍ଦୀ ପ୍ରତିଯୋଗିତାର ବିଜେତାମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । ନରାକାସର ବାର୍ଷିକ ପତ୍ରିକା ମହାନଦୀଏବଂ ଭାରତୀୟ ଷ୍ଟେଟ ବ୍ୟାଙ୍କର ତ୍ରୈମାସିକ ପତ୍ରିକା ଉତ୍କଳ ବୈଭବ ଓ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ପତ୍ରିକା 'ୟୁନିୟନ ଉତ୍କଳ ଧାରା' ଉନ୍ମୋଚିତ ହୋଇଥିଲା । ସଦସ୍ୟ ସଚିବ ତଥା ଭାରତୀୟ ଷ୍ଟେଟ ବ୍ୟାଙ୍କର ସହାୟକ ମହାପ୍ରବନ୍ଧକ (ରାଜଭାଷା) ଶ୍ରୀ ବିବି ଗୋପାଳ ରେଡ୍ଡୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ କାନାରା ବ୍ୟାଙ୍କର ବରିଷ୍ଠ ପ୍ରବନ୍ଧକ (ରାଜଭାଷା) ବାଳକୃଷ୍ଣଙ୍କ ଧନ୍ୟବାଦ ଅର୍ପଣ ସହିତ ବୈଠକ ଶେଷ ହୋଇଥିଲା ।

# କଣାସରେ ଡାଇରିଆ ମୃତ୍ୟୁ ଘଟଣା

## ପାଞ୍ଚଟି ନଦୀର ଜଳ ପ୍ରଦୂଷିତ, ଚିଲିକା ମଧ୍ୟ ପ୍ରଭାବିତ: ବିଜେଡି

ଭୁବନେଶ୍ୱର,(ସବ୍ୟୁ): ପୁରୀଜିଲ୍ଲାର କଣାସ ବ୍ଲକରେ ଡାଇରିଆରେ ୪ ଜଣଙ୍କ ମୃତ୍ୟୁ ଓ ଶତାଧିକ ଆକ୍ରାନ୍ତ ଘଟଣାରେ ପ୍ରଦୂଷିତ ପାନୀୟ ଜଳମୁଖ୍ୟ କାରଣ ହୋଇଥିବା ବେଳେ ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସ ବର୍ମା ଏକ ସାମ୍ବାଦିକ ସମ୍ମିଳନୀରେ, ବର୍ଜ୍ୟ ଜଳ ମିଶି ୫ଟି ନଦୀର ଜଳ ପ୍ରଦୂଷିତ ହେବା ସହିତ ଚିଲିକା ହ୍ରଦର ଜଳ ମଧ୍ୟ ପ୍ରଦୂଷିତ ହେଉଛି ବୋଲି ଅଭିଯୋଗ କରିଛନ୍ତି । ପ୍ରଦୂଷିତ ଜଳ ମିଶିବା କାରଣରୁ ଚିଲିକାର ଜୈବ ବିବିଧତା ପ୍ରଭାବିତ ହେବା ସହିତ ଚିଲିକା ଉପରେ ନିର୍ଭର କରୁଥିବା ଲକ୍ଷ ଲକ୍ଷ ମତ୍ସ୍ୟ ଜୀବୀ, ଚିଲିକାର ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିବା ଡଲଫିନ ଓ ବିଦେଶାଗତ ପକ୍ଷୀମାନଙ୍କ ଉପରେ ବିପଦ ସୃଷ୍ଟି ହୋଇଛି । ଶଙ୍ଖଭବନରେ ଆୟୋଜିତସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସ ବର୍ମା କହିଥିଲେ, ଭୁବନେଶ୍ୱର ଉପକଣ୍ଠରେ ଥିବା ବର୍ଜ୍ୟବସ୍ତୁ ପରିଚାଳନା ସ୍ଥଳର ବର୍ଜ୍ୟ ଜଳଗଙ୍ଗୁଆ ନଦୀରେ ମିଶୁଛି । ଗଙ୍ଗୁଆର ପ୍ରଦୂଷିତଜଳ ପରେ ମକରା, ରାଜୁଆ, ଭାର୍ଗବୀ, ରତ୍ନଚିରା ଓ ଲୁଣା ନଦୀରେ ମିଶୁଛି । ଏହି ନଦୀର ଜଳଶେଷରେ ଚିଲିକାରେ ମିଶୁଥିବାରୁ, ଚିଲିକାର ଜଳ ପ୍ରଦୂଷିତ ହେଉଛି । ଶ୍ରୀ ଦାସ ବର୍ମା କହିଥିଲେ, ସମ୍ପ୍ରତି ଦୟା ନଦୀର ପ୍ରଦୂଷିତଜଳକୁ ପିଇବା ଦ୍ୱାରାକଣାସ ଅଞ୍ଚଳରେ ଡାଇରିଆ ବ୍ୟାପିଛି, ଯେଉଁଥିରେ ୪ ଜଣଙ୍କ ମୃତ୍ୟୁ ଘଟିଛି, ଦୁଇ ଜଣ ସଙ୍କଟାପନ୍ନ ସ୍ଥିତିରେ ଅଛନ୍ତି ଓ ୨୫୦ ଲୋକ ଆକ୍ରାନ୍ତ ହୋଇଛନ୍ତି । ଦୁଃଖ ଓ ପରିତାପର ବିଷୟ, ପ୍ରଶାସନ ଲୋକଙ୍କ ପାଖରେ ପହଞ୍ଚି ପାରିନାହିଁ। ଘଟଣାକୁ୧୦ ଦିନ ବିତିଯିବା ପରେ ମଙ୍ଗଳବାର ଜିଲ୍ଲାପାଳ ଘଟଣାସ୍ଥଳରେ ପହଞ୍ଚିଥିଲେ । ସେଠାକୁ ତୁରନ୍ତ ଏକ ବିଶେଷ ମେଡିକାଲଟିମ୍ ପଠାଇବା ସହିତ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ସରକାର ପଦକ୍ଷେପ ନିଅନ୍ତୁ । ସେହିପରି ଆକ୍ରାନ୍ତ ହୋଇଥିବା ଲୋକମାନଙ୍କୁ ଚିକିତ୍ସା ସୁବିଧା କରାଯାଉ ବୋଲି ସେ କହିଥିଲେ । ଚିଲିକାରଜଳ ପ୍ରଦୂଷିତ ହୋଇ ଜୈବବିବିଧତା ନଷ୍ଟ ହେବାର ଆଶଙ୍କାଉପୁଜି ଥିବାରୁ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟଶାସନ ସଚିବ ଏହାର ତୁରନ୍ତ ସମୀକ୍ଷାକରି ଉପଯୁକ୍ତ ପଦକ୍ଷେପ ନିଅନ୍ତୁ ବୋଲି ମୋର ନିବେଦନ ଓ ଦାବି ବୋଲି ଶ୍ରୀ ଦାସ ବର୍ମା କହିଥିଲେ ।

# ଭୁବନେଶ୍ୱରରେ ଏସ୍‌ଟିଏଫ୍‌ର ଚଢାଉ

## ୩ ଗିରଫ, କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ

ଭୁବନେଶ୍ୱର, (ସବ୍ୟୁ) : ଫୁଲବାଣୀରୁ କୋଲକାତା ଭାୟା ଭୁବନେଶ୍ୱର ଦେଇ ଚାଲାଣ ହେଉଥିବା ଗୁଇନ୍ଦା ସୂତ୍ରରୁ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଖବର ପାଇଥିଲା । ଏସ୍‌ଟିଏଫ୍ ଟିମ୍ ଚଢାଉ କରି ୩ଜଣ ଆନ୍ତଃରାଜ୍ୟ ନିଶା ମାଫିଆଙ୍କୁ ଗିରଫ କରିବା ସହ କ୍ୱିଣ୍ଟାଲ ଏକ କେଜି ଗଞ୍ଜେଇ ଜବତ ହୋଇଛି । ସୁଇଫ୍ଟ କାର୍‌କୁ ଏସ୍‌ଟିଏଫ୍ ଟିମ୍ କାବୁ କରିଥିବା ବେଳେ ପଛରେ ଆସୁଥିବା ଗଞ୍ଜେଇ ବୋଝେଇ ଏକ ସ୍କର୍ପିଓ ଖସିଯିବାରେ ସମର୍ଥ ହୋଇଛି ।

୨୧ ତାରିଖ ସନ୍ଧ୍ୟାବେଳେ ଖୋର୍ଦ୍ଧା-ଚନ୍ଦକା ରାସ୍ତାର ଇନ୍ଫୋଭ୍ୟାଲି ଥାନା ଅନ୍ତର୍ଗତ ଲଟାଭୂଆଶୁଣୀ ମନ୍ଦିର ପାଖରେ ଏସ୍‌ଟିଏଫ୍ ଟିମ୍ ଛକି ରହିଥିଲା । ସୂଚନା ଅନୁଯାୟୀ ସୁଇଫ୍ଟ କାର୍‌କୁ କାବୁ କରି ଯାଞ୍ଚ କରାଯାଉଥିବା ବେଳେ ପଛରେ ଆସୁଥିବା ଗଞ୍ଜେଇ ବୋଝେଇ ସ୍କର୍ପିଓ ଦ୍ରୁତଗତିରେ ଖସିଯିବାରେ ସମର୍ଥ ହେଲା । ସୁଇଫ୍ଟ କାର୍‌ରେ ଥିବା ଅକ୍ଷୟ କୁମାର ବିନ୍ଧାଣୀ (୩୯), କୁକୁନା ବେହେରା (୩୮) ଓ ବିକ୍ରମ କୁମାର ବେହେରାଙ୍କୁ ଗିରଫ କରାଯାଇଥିବା ବେଳେ ଗାଡିରେ ଥିବା ୧କ୍ୱିଣ୍ଟାଲ ଏକ କେଜି ଗଞ୍ଜେଇ ଜବତ ହେଲା । ଗିରଫ ୩ଜଣଙ୍କ ଘର ଫୁଲବାଣୀ ସଦର ଥାନା ଅଞ୍ଚଳରେ । ଅକ୍ଷୟ ଗାଡି ଚଲାଉଥିବା ବେଳେ କୁକୁନା ଓ ବିକ୍ରମ ପଛ ସିଟ୍‌ରେ ବସିଥିଲେ । ଗିରଫ ୩ଜଣ କେବଳ କୋଲ୍‌କାତା ନୁହେଁ ଭାରତର ବିଭିନ୍ନ ରାଜ୍ୟକୁ କନ୍ଧମାଳ ଗଞ୍ଜେଇ ଚାଲାଣ କରନ୍ତି ବୋଲି ଏସ୍‌ଟିଏଫ୍ ସୂଚନା ଦେଇଛି । ଏମାନଙ୍କ କାମ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ କରିବା । କାରଣ କନ୍ଧମାଳ ଗଞ୍ଜେଇର ମୂଲ୍ୟ ବାହାର ରାଜ୍ୟରେ ଅଧିକ । ତେଣୁ ସେମାନେ କ୍ରମାଗତ ଭାବେ ଗଞ୍ଜେଇ ଚାଲାଣ କରି ପ୍ରଚୁର ପରିମାଣର ଅର୍ଥ ଉପାର୍ଜନ କରୁଛନ୍ତି । ଗିରଫ ୩ଜଣଙ୍କୁ କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ସମସ୍ତଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ଓଡ଼ିଶା ସ୍ଥପତିଙ୍କୁ ଅନ୍ତର୍ଜାତୀୟ ପୁରସ୍କାର

ଭୁବନେଶ୍ୱର,(ସବ୍ୟୁ): ଭୁବନେଶ୍ୱରର ଡିଜାଇନ ଗ୍ରୁପ୍ ରାଜ୍ୟର ପ୍ରଥମ ସ୍ଥାପତ୍ୟସଂସ୍ଥାଭାବେ ସମ୍ମାନଜନକ ଗ୍ଲୋବାଲ ଆର୍କିଟେକ୍ଟ ବିଲ୍ଡର ଆୱାର୍ଡ ୨୦୨୫ରେ ଅନ୍ତର୍ଜାତୀୟ ପୁରସ୍କାର ହାସଲ କରିଛି । ପବ୍ଲିକ୍‌ବିଲ୍ଡିଂ ପାଇଁଶ୍ରେଷ୍ଠ ଆର୍କିଟେକ୍ଟ - ୨୦୨୫ (ଓଡ଼ିଶା) ବର୍ଗରେ ପ୍ରଦାନ କରାଯାଉଥିବା ଏହି ପୁରସ୍କାର ଭାରତର ପ୍ରଥମ ନେଟ୍ ପ୍ଲସ୍‌ବିଲ୍ଡିଂର ଶିଳାନ୍ୟାସ ଡିଜାଇନକୁ ସ୍ୱୀକୃତି ପ୍ରଦାନ କରିଛି । ସେହି କୋଠା ହେଉଛି ରାୟପୁର ସ୍ଥିତ ଛତିଶଗଡ଼ ରାଜ୍ୟ ବିଦ୍ୟୁତ ନିୟାମକ ଆୟୋଗ (ସିଏସ୍‌ଇଆରସି)ର କାର୍ଯ୍ୟାଳୟ । ପ୍ରସିଦ୍ଧ କ୍ରାଉନ୍ ପ୍ଲାଜା ଦୁବାଇରେ ଆୟୋଜିତ ଏହିସମାରୋହରେ ବିଶ୍ୱର ଅଗ୍ରଣୀ ସ୍ଥପତି, ବିଲଡରଏବଂଶିଳ୍ପର




ଅଗ୍ରଣୀମାନେ ଯୋଗ ଦେଇଥିଲେ । ପରିବେଶ ଦାୟିତ୍ୱ ସହିତ କାର୍ଯ୍ୟକାରିତାକୁ ସମନ୍ୱିତ କରି ସ୍ଥାୟୀ ସ୍ଥାପତ୍ୟ ପ୍ରତିଡିଜାଇନ୍ ଗ୍ରୁପ୍‌ର ଦୂରଦର୍ଶୀ ଆଭିମୁଖ୍ୟର ପ୍ରମାଣ ହେଉଛିଏହି ସମ୍ମାନ । ରାୟପୁରରେ ଥିବା ସିଏସଇଆରସି କାର୍ଯ୍ୟାଳୟ କୋଠା ସ୍ଥାୟୀ ଡିଜାଇନ୍ ଏବଂ ଶକ୍ତି ଦକ୍ଷତାର ଏକ ଅଗ୍ରଣୀ ଉଦାହରଣ ଯାହାକୁ ଖର୍ଚ୍ଚ ତୁଳନାରେ ଅଧିକଶକ୍ତି ଉତ୍ପାଦନ କରିବା ପାଇଁ ଡିଜାଇନ୍ କରାଯାଇଛି ।

# ଓଡ଼ିଶାରେ ମହିଳା ଉଦ୍ୟୋଗୀଙ୍କୁ ସଶକ୍ତ କରିବାରେ ଇଡିଆଇଆଇର ଭୂମିକା

ଭୁବନେଶ୍ୱର,(ସବ୍ୟୁ): ବେଦାନ୍ତ ଲିମିଟେଡର ଶୁଭଲକ୍ଷ୍ମୀ ଉଦ୍ୟୋଗିନୀ ପ୍ରକଳ୍ପ ହେଉଛି ବେଦାନ୍ତ ଲିମିଟେଡ ସହଭାଗିତାରେ ଅହମ୍ମଦାବାଦର ଏଣ୍ଟରପ୍ରେନିୟୋରସିପ ଡେଭଲପମେଣ୍ଟ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆ ଦ୍ୱାରା ମିଳିତ ସହଯୋଗରେ ହାତକୁ ନିଆଯାଇଥିବା ଏକ ପରିବର୍ତ୍ତନଶୀଳ ପଦକ୍ଷେପ । ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି । ଝାରସୁଗୁଡ଼ା ଜିଲ୍ଲାରେ ମହିଳା ଉଦ୍ୟୋଗୀ ତଥା ସ୍ୱୟଂ ସହାୟକ ଗୋଷ୍ଠୀକୁ ସଶକ୍ତ କରିବା । ଏହା ବେଦାନ୍ତ ଲିମିଟେଡର ସିଏସଆର ପଦକ୍ଷେପର ଏକ ଅଂଶ ଭାବରେ ଅଗଷ୍ଟ ୨୦୨୨ରେ ଆରମ୍ଭ ହୋଇଥିବା ଶୁଭଲକ୍ଷ୍ମୀ ଉଦ୍ୟୋଗିନୀ ପ୍ରକଳ୍ପ ଝାରସୁଗୁଡ଼ା କାରଖାନା ଆଖପାଖରେ




ଥିବା ତିନୋଟି ବ୍ଲକରେ ମହିଳାମାନଙ୍କ ଭିତରେ ଉଦ୍ୟୋଗିତା ଓ ଆର୍ଥିକ ସ୍ୱାଧୀନତାକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦେଇଥାଏ । ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ଏହାର କାର୍ଯ୍ୟକାଳ ଶେଷ ସୁଦ୍ଧା ସମବାୟ ଆଧାରକୁ ୧୦୦୦୦ ସଂଗୃହିତ ସଦସ୍ୟଙ୍କୁ ବିସ୍ତାରିତ କରିବା ସହିତ ମହିଳାଙ୍କ ଭିତରେ ୧୦୦% କାର୍ଯ୍ୟକ୍ଷମ ସ୍ଥିରତା ହାସଲ ଉପରେ ଏହା ଧ୍ୟାନ ଦେଇଥାଏ । ଉଦ୍ୟୋଗକୁ ପ୍ରୋତ୍ସାହିତ କରି ଏହାର ୭୦% ସଦସ୍ୟାଙ୍କ ଦକ୍ଷତା ବୃଦ୍ଧି କରିବା, ଯଦ୍ୱାରା ସେମାନେ ସ୍ୱନିଯୁକ୍ତି ସହ ସମବାୟ ସଦସ୍ୟାଙ୍କ ଆୟ ବୃଦ୍ଧି କରିପାରିବେ । ମହିଳା ସଶକ୍ତିକରଣ ଓ ସାମୁହିକ ବିକାଶ ଉପରେ ଧ୍ୟାନ ସହିତ ପ୍ରକଳ୍ପଟି ବିକାଶ ସଂଗଠନ ମଧ୍ୟରେ ସହଯୋଗର ଏକ ପ୍ରମାଣ ଭାବରେ କାର୍ଯ୍ୟ କରୁଛି । ଶୁଭଲକ୍ଷ୍ମୀ ଉଦ୍ୟୋଗିନୀ ପ୍ରକଳ୍ପ ମହିଳା ସଶକ୍ତିକରଣ ଓ ଆତ୍ମନିର୍ଭରଶୀଳତାର ଭାବନାକୁ ପ୍ରତିପାଦିତ କରିବା ସହିତ ମହିଳାଙ୍କୁ ସଫଳ ହେବା ଲାଗି ଉପଯୁକ୍ତ ଦକ୍ଷତା ଓ ପ୍ରଶିକ୍ଷଣ ବଳରେ ସମୃଦ୍ଧ ଓ ସ୍ଥାୟୀ ଜୀବିକା ମାର୍ଗ ପ୍ରଦର୍ଶନ କରୁଅଛି ।

# କୁଶଭଦ୍ରାରୁ ବାଲି ଚୋରାଚାଲାଣ

## ୫ ଗିରଫ, ଟ୍ରାକ୍ଟର ଓ ଜେସିବି ଜବତ

ଭୁବନେଶ୍ୱର, (ସବ୍ୟୁ) : କୁଶଭଦ୍ରାରୁ ଚୋରାରେ ବାଲି ଚାଲାଣ ହେଉଥିବା ବାଲିଅନ୍ତା ଥାନା ପୋଲିସ ଖବର ପାଇ ମଙ୍ଗଳବାର ରାତି ସାଢେ ୧୨ଟା ବେଳେ ଚଢାଉ କରିଥିଲା । ଚାଲାଣରେ ନିୟୋଜିତ ଥିବା ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଦୁଇଟି ବାଲି ବୋଝେଇ ଟ୍ରାକ୍ଟର ଓ ଗୋଟିଏ ଜେସିବି ଜବତ ହୋଇଛି ।

ଗିରଫ ୫ଜଣ ହେଲେ ଟୁଲୁ ବେହେରା, ହୃଦାନନ୍ଦ ସ୍ୱାଇଁ, ମହେଶ୍ୱର ମହାନ୍ତି, ବିଦ୍ୟାଧର ମହାରଣା ଓ ରମାକାନ୍ତ ସାହୁ । ଅଭିଯୁକ୍ତମାନେ ନିଜ ବାଇକ୍ ଯୋଗେ ଖସିଯାଉଥିବା ବେଳେ ପୋଲିସ ତାଙ୍କୁ ଗୋଡାଇ କାବୁ କରିଥିଲା । ସେମାନେ ସରକାରୀ ଅନୁମତି ନଥାଇ ବହୁତ ଦିନରୁ ଏହି ନଦୀ ବାଲି ଚୋରାଚାଲାଣ କରନ୍ତି ବୋଲି ଜଣାପଡିଛି । ଏହି ଛୋଟ ଖଣିଜ ପଦାର୍ଥ ଚୋରି ହେତୁ ରାଜ୍ୟ ସରକାର ରାଜକୋଷରୁ ରାଜସ୍ୱ ହରାଉଛନ୍ତି । ଏମାନଙ୍କୁ ବୁଧବାର କୋର୍ଟଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଗଭୀର ଶ୍ରଦ୍ଧାଞ୍ଜଳି



ସ୍ୱ ଦେବରାଜ ପ୍ରଧାନ
ପୂର୍ବତନ ମନ୍ତ୍ରୀ, ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧୀ ମଣିଷ
ସ୍ୱଦୋଳ ଗୋବିନ୍ଦ ପ୍ରଧାନଙ୍କ ଜ୍ୟେଷ୍ଠପୁତ୍ର
ଆବିର୍ଭାବ: ୧୩.୦୨.୧୯୫୭
ତିରୋଧାନ:୦୪.୦୨.୨୦୨୪
ଶ୍ରଦ୍ଧାଞ୍ଜଳି ସଭା -
୨୩.୦୧.୨୦୨୫ (ଗୁରୁବାର) ସଂନ୍ଧ୍ୟା ୬.୦୦ ଘଟିକା
ଝିଞ୍ଜିରିସାହି, ଗଡ଼ିଗାଡ଼ଙ୍ଗପାଟଣା, କଟକ
ଆପଣ ଯିବା ଦିନରୁ ଆମ ପରିବାରରେ ନିଦ ହଜିଯାଇଛି ।
ପତ୍ନୀ ଶ୍ରୀମତୀ ଅମ୍ବିକା ପ୍ରଧାନ
ଭାଇ-ବିଜୟ, ପୁଷ୍ପରାଜ,
ସଂଜୟ, ପୃଥୀରାଜ, ପ୍ରଜ୍ଞାରାଜ
ଭଉଣୀ- ସତ୍ୟଭାମା, ହୈମବତୀ
ସ୍ୱ ଦେବରାଜ ପ୍ରଧାନ, ଟ୍ରଷ୍ଟି,
ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି
ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ପ୍ରୋ. ପ୍ରଫେସର ବୁଦ୍ଧଦେବ ମିଶ୍ର

# ବେଟି ବଚାଓ, ବେଟି ପଢ଼ାଓକୁ ୧୦ ବର୍ଷ




ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ହରିୟାଣାର ପାନିପଥ ଠାରେ ଶୁଭାରମ୍ଭ କରାଯାଇଥିବା ବେଟି ବଚାଓ ବେଟି ପଢ଼ାଓ (ବିବିବିପି) ଯୋଜନା କାର୍ଯ୍ୟକାରୀ ହେବାର ଏକ ଦଶନ୍ଧି ପୂରଣ କରିଛ । ଭାରତ ସରକାରଙ୍କ ଏହି ପ୍ରମୁଖ ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ହ୍ରାସ ପାଉଥିବା ଶିଶୁ ଲିଙ୍ଗ ଅନୁପାତ (ସିଏସଆର)ର ସମାଧାନ କରିବା ଏବଂ ଲିଙ୍ଗ ଭିତ୍ତିକ ଲିଙ୍ଗ-ଚୟନମୂଳକ ଉଚ୍ଛେଦକୁ ରୋକିବା ଏବଂ କନ୍ୟା ସନ୍ତାନର ବଞ୍ଚିବା, ସୁରକ୍ଷା ଏବଂ ଶିକ୍ଷାକୁ ପ୍ରୋତ୍ସାହିତ କରିବା । ଏହି ୧୦ ବର୍ଷରେ ଏହି କାର୍ଯ୍ୟକ୍ରମ ଅନେକ ସଫଳତା ହାସଲ କରିଛି । କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଚଳିତ ବର୍ଷ ବେଟି ବଚାଓ ବେଟି ପଢାଓ (ବିବିବିପି)ର ୧୦ମ ବାର୍ଷିକୀ ପାଳନ କରୁଛି । ଏହା ସହ ଭାରତରେ କନ୍ୟାସନ୍ତାନର ସୁରକ୍ଷା, ଶିକ୍ଷା ଓ ସଶକ୍ତୀକରଣର ଏକ ଦଶନ୍ଧି ପୂରଣ ହୋଇଛି । ୨୦୪୭ ସୁଦ୍ଧା ବିକଶିତ ଭାରତ ହେବାର ଲକ୍ଷ୍ୟ ସହ ଏହି ମାଇଲଖୁଣ୍ଟ ମେଳ ଖାଉଛି । ୨୦୨୧-୨୦୨୨ରୁ ୨୦୨୫-୨୦୨୬ ପର୍ଯ୍ୟନ୍ତ ପଞ୍ଚଦଶ ଅର୍ଥ ଆୟୋଗର ଅବଧି ମଧ୍ୟରେ କାର୍ଯ୍ୟକାରୀ କରିବା ପାଇଁ ବିବିବିପି ଯୋଜନାକୁ ମହିଳାଙ୍କ ସୁରକ୍ଷା ଓ ସଶକ୍ତୀକରଣ ପାଇଁ ଏକ ବ୍ୟାପକ କାର୍ଯ୍ୟକ୍ରମ ମିଶନ ଶକ୍ତି ସହିତ ସଂଯୁକ୍ତ କରାଯାଇଛି । ମିଶନ ଶକ୍ତିରେ ଦୁଇଟି ବ୍ୟାପକ ଉପ-ଯୋଜନା ରହିଛି ।ଜନ ଶକ୍ତିର ସମ୍ବଳ ଉପ-ଯୋଜନା ଯାହାକି ୱାନ୍ ଷ୍ଟପ୍ ସେଣ୍ଟର (ଓଏସସି), ମହିଳା ହେଲ୍ପଲାଇନ (୧୮୧) ଏବଂ ବେଟି ବଚାଓ ବେଟି ପଢ଼ାଓ (ବିବିବିପି) ମାଧ୍ୟମରେ ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ କରିଥାଏ, ତାହାକୁ ଦେଶବ୍ୟାପୀ ସଂପ୍ରସାରଣ କରାଯାଇଛି । ଏଥିରେ ନାରୀ ଅଦାଲତ ମଧ୍ୟ ପ୍ରଚଳନ କରାଯାଇଛି, ଯାହା ନିର୍ଯାତନା ଏବଂ ଅଧିକାର ଉଲ୍ଲଂଘନ ଭଳି ଛୋଟ ଛୋଟ ସମସ୍ୟାର ସମାଧାନ ପାଇଁ ଏକ ବିକଳ୍ପ ଅଭିଯୋଗ ସମାଧାନ ବ୍ୟବସ୍ଥା ପ୍ରଦାନ କରୁଛି ।

ସାମର୍ଥ୍ୟ ଉପ-ଯୋଜନାରେ ଶକ୍ତି ସଦନ, ରିଲିଫ୍ ଓ ଥଇଥାନ ଗୃହ, ସଖୀ ନିବାସ ମାଧ୍ୟମରେ ମହିଳାମାନଙ୍କୁ ସଶକ୍ତ କରାଯାଇଛି, ଯାହା ସହରରେ କର୍ମଜୀବୀ ମହିଳାଙ୍କ ପାଇଁ ରହିବା ପାଇଁ ସୁରକ୍ଷିତ ସ୍ଥାନ ପ୍ରଦାନ କରେ । ଏହାବ୍ୟତୀତ ପାଳନା-କ୍ରେଚ୍ କର୍ମଜୀବୀ ମହିଳାଙ୍କ ପିଲାମାନଙ୍କ ପାଇଁ ଏକ ସୁରକ୍ଷିତ ସ୍ଥାନ ପ୍ରଦାନ କରିଥାଏ । ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା (ପିଏମଏମଭିୱାଇ) ଏବେ ଦ୍ୱିତୀୟ ସନ୍ତାନ ଝିଅ ହେଲେ ମଧ୍ୟ ସହାୟତା କରେ, ଯାହା ଦ୍ୱାରା ମାତୃ ସ୍ୱାସ୍ଥ୍ୟରେ ଉନ୍ନତି ହୋଇଥାଏ । ଏହା ଗର୍ଭାବସ୍ଥା ଏବଂ ପ୍ରସବ କାରଣରୁ କର୍ମଜୀବୀ ମହିଳାମାନଙ୍କର ଆର୍ଥିକ କ୍ଷତିକୁ ମଧ୍ୟ ଭରଣା କରିଥାଏ ।

## ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ହ୍ରାସ




ୱାଶିଂଟନ: ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ଭାବେ କ୍ଷମତା ଗ୍ରହଣ କରିବା ପରଠାରୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ମୂଲ୍ୟରେ ୨ପ୍ରତିଶତ ହ୍ରାସ ଦେଖିବାକୁ ମିଳିଛି । ଯାହା ପରେ ମୂଲ୍ୟ ବ୍ୟାରେଲ ପିଛା ୭୯ଡଲାରକୁ ଖସି ଆସିଛି । ବିଶେଷଜ୍ଞମାନଙ୍କ ଅନୁସାରେ ଅଶୋଧିତ ତେଲ ମୂଲ୍ୟ ହ୍ରାସ ପରେ ରିଫାଇନର୍ସର ମୂଲ୍ୟ ହ୍ରାସ ପାଇବ । ଏହାର ଅର୍ଥ ସ୍ପଷ୍ଟ ଯେ, ବର୍ତ୍ତମାନ ଆମେରିକୀୟ ତୈଳର ଯୋଗାଣ ବୃଦ୍ଧି ପାଇବ । ଏହା ବ୍ୟତୀତ ଗଲ୍ଫ ଦେଶର ତେଲ ଉତ୍ପାଦନକାରୀଙ୍କ ସଂଗଠନ ଓପିଟିସି ଏବଂ ଓପେକ ପ୍ଲସର ସମସ୍ତ ନୀତି ଏହି ପ୍ରସଙ୍ଗରେ ବିଫଳ ହେବାକୁ ଯାଉଛି ।

ଗଲ୍ଫ ଦେଶର ସମସ୍ତ ନୀତି ଟ୍ରମ୍ପଙ୍କ ସାମ୍ନାରେ ଫିକା ପଡ଼ିବାକୁ ଯାଉଛି ବୋଲି ଚର୍ଚ୍ଚା ହେଉଛ । ଦୁନିଆର ସେହି ଦେଶମାନେ ଏଥିରୁ ଉପକୃତ ହେବେ, ଯେଉଁମାନେ ସେମାନଙ୍କର ଅଶୋଧିତ ତୈଳ ଆବଶ୍ୟକତାର ୮୦ ପ୍ରତିଶତ ଆମଦାନି କରିଥାନ୍ତି । ଏଥିରେ ଭାରତର ନାମକୁ ଗୁରୁତ୍ୱ ଦିଆଯାଇପାରେ । ବର୍ତ୍ତମାନ ଅଶୋଧିତ ତେଲ ମୂଲ୍ୟ ଅଧିକ ରଖିବା ପାଇଁ ଓପିଟିସିସି ଉତ୍ପାଦନ ହ୍ରାସ କରିଛି । ଅନ୍ୟପକ୍ଷରେ, ଗଲ୍ଫ ଦେଶଗୁଡିକରେ ଭୌଗୋଳିକ ରାଜନେତିକ ଉତ୍ତେଜନା ଯୋଗୁ ଅଶୋଧିତ ତେଲ ଯୋଗାଣରେ ବାଧା ଉପୁଜିଛିଛ ଯେଉଁଥିପାଇଁ ଅଶୋଧିତ ତୈଳ ର ମୂଲ୍ୟ ପାଖାପାଖି ୮୦ ଡଲାର ରହିଛି ।

ଦୁଇ ଦିନରେ ତେଲ ଦର ବ୍ୟାରେଲ ପିଛା ପ୍ରାୟ ୨ ଡଲାରରୁ ୭୯ଡଲାରକୁ ଖସି ଆସିଛି । ଅଧିକାରୀ କହିଛନ୍ତି ଯେ, କମ୍ ଅଶୋଧିତ ତେଲ ମୂଲ୍ୟ ରିଫାଇନର୍ସ ପାଇଁ ଖର୍ଚ୍ଚ ହ୍ରାସ କରିବ ବୋଲି ଆଶା କରାଯାଉଛି, କିନ୍ତୁ ପେଟ୍ରୋଲରେ ପେଟ୍ରୋଲ ଏବଂ ଡିଜେଲ ଶୀଘ୍ର ଶସ୍ତା ହେବ ନାହିଁ ଏବଂ ଖୁଚୁରା ମୂଲ୍ୟ ହ୍ରାସ ପାଇବ ।

## ମଣିପୁର ସରକାରରୁ ଜେଡିୟୁ ଓହରିଲା

ନୂଆଦିଲ୍ଲୀ: ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ନେତୃତ୍ୱାଧୀନ ଜନତା ଦଳ (ୟୁନାଇଟେଡ୍) ମଣିପୁର ସରକାରଙ୍କୁ ସମର୍ଥନ ପ୍ରତ୍ୟାହାର କରିଛି । ମଣିପୁରରେ ମୁଖ୍ୟମନ୍ତ୍ରୀ ଏନ ବୀରେନ ସିଂହଙ୍କ ନେତୃତ୍ୱରେ ବିଜେପି ସରକାର ଅଛି । ଜେଡିୟୁ ୨୦୨୨ ମସିହାରୁ ବିଜେପି ସହିତ ମେଣ୍ଟ କରିଥିଲା । କିନ୍ତୁ ଏବେ ଏହା ଶାସକ ସରକାରଠାରୁ ନିଜକୁ ଦୂରେଇ ରଖିଛି । ୨୦୨୨ ମସିହାରେ, ୬ ଜଣ ଜେଡିୟୁ ବିଧାୟକଙ୍କ ମଧ୍ୟରୁ ୫ ଜଣ ବିଜେପିକୁ ସମର୍ଥନ କରିଥିଲେ, ଯାହା ବିଜେପିର ସ୍ଥିତିକୁ ଆହୁରି ମଜଭୁତ କରିଥିଲା । ଏବେ ଜେଡିୟୁ ବିଜେପି ସରକାରରୁ ସମର୍ଥନ ପ୍ରତ୍ୟାହାର କରିବା ପାଇଁ ରାଜ୍ୟପାଳଙ୍କୁ ଏକ ଆନୁଷ୍ଠାନିକ ଚିଠି ପ୍ରଦାନ କରିଛି । ଜେଡିୟୁ ସମର୍ଥନ ପ୍ରତ୍ୟାହାର କରିବା ସତ୍ତ୍ୱେ, ମୁଖ୍ୟମନ୍ତ୍ରୀ ବୀରେନ ସିଂହଙ୍କ ନେତୃତ୍ୱାଧୀନ ବିଜେପି ସରକାରଙ୍କ ସ୍ଥିରତା ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ । ରାଜ୍ୟ ବିଧାନସଭାରେ ବିଜେପିର ସଂଖ୍ୟାଗରିଷ୍ଠତା ଏତେ ଶକ୍ତିଶାଳୀ ଯେ ଏହା କୌଣସି ରାଜନୈତିକ ବାଧା ବିନା କ୍ଷମତାରେ ରହିପାରିବ ।

## ଟିପ୍ପରକୁ ଧକ୍କା ଦେଲା ଟ୍ରକ, ୧୧ ଜଣଙ୍କ ମୃତ୍ୟୁ



ୟାଲାପୁରା: କର୍ଣ୍ଣାଟକର ୟାଲାପୁରା ରାଜପଥରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି ।ୟାଲାପୁରାର ଗୁଲାପୁରାରେ, ପନିପରିବା ବୋଝେଇ ଏକ ଟ୍ରକ୍ ନିୟନ୍ତ୍ରଣ ହରାଇ ଏକ ଟ୍ରିପର ସହିତ ଧକ୍କା ହୋଇଥିଲା । ଏହି ଦୁର୍ଘଟଣାରେ ୧୧ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୧୦ ଜଣ ଆହତ ହୋଇଛନ୍ତି । ଜଣେ ପୁଲିସ ଅଧିକାରୀ କହିଛନ୍ତି ଯେ ଆଜି ସକାଳେ କିଛି ପନିପରିବା ବେପାରୀ ଏକ ଟ୍ରକରେ ସେମାନଙ୍କ ପନିପରିବା ନେଇ ଯାଉଥିଲେ । ଏହି ଟ୍ରକ ନିୟନ୍ତ୍ରଣ ହରାଇ ଏକ ଟିପ୍ପରକୁ ଧକ୍କା ଦେଇଥିଲା ଯାହାଫଳରେ ପନିପରିବା ବୋଝେଇ ଟ୍ରକଟି ୫୦ ମିଟର ଗଭୀର ଖାଇରେ ଖସି ପଡ଼ିଥିଲା । ଦୁର୍ଘଟଣାରେ ମୃତାହତମାନେ, ସମସ୍ତେ ପନିପରିବା ଓ ଫଳ ବିକ୍ରେତା ସେମାନେ ସାଭାନୁରରୁ ଫଳ ବିକ୍ରୟ କରିବା ପାଇଁ ୟାଲାପୁରା ମେଳା ଅଭିମୁଖେ ଯାଉଥିଲେ । ଉତ୍ତର କନ୍ନଡ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଏମ ନାରାୟଣ କହିଛନ୍ତି ଯେ ସେମାନେ ସାଭାନୁର-ହୁବଲି ରାସ୍ତାରେ ଯାତ୍ରା କରୁଥିଲେ ଏବଂ ଏହି ଦୁର୍ଘଟଣା ଘଟିଥିଲାଛ ।ରାୟଣ ଗଣମାଧ୍ୟମକୁ କହିଛନ୍ତି, 'ପ୍ରାୟ ସକାଳ ୪ଟାରେ, ଟ୍ରକ୍ ଡ୍ରାଇଭର ଅନ୍ୟ ଏକ ଗାଡ଼ିକୁ ରାସ୍ତା ଦେବା ସମୟରେ ଅତି ବାମ ପାର୍ଶ୍ୱକୁ ଚାଲିଯାଇଥିଲା ଏବଂ ପ୍ରାୟ ୫୦ ମିଟର ଗଭୀର ଘାଟିରେ ଖସିପଡ଼ିଥିଲା ।'

## ମା'ଙ୍କ ଚିକିତ୍ସା ପାଇଁ ଚୋରି ଉଦ୍ୟମ କରିଥିଲା ସୈଫଙ୍କ ଆକ୍ରମଣକାରୀ

ମୁମ୍ବାଇ: ବଲିଉଡ ଷ୍ଟାର ସୈଫ ଅଲୀ ଖାନ୍ଙ୍କୁ ଆକ୍ରମଣ ଘଟଣାକୁ ନେଇ ପୁଲିସ ତଦନ୍ତ କରୁଥିବା ବେଳେ ଏବେ ଅଭିଯୁକ୍ତର ଏଭଳି ଉଦ୍ୟମ ପଛର କାରଣ ସାମ୍ନାକୁ ଆସିଛ । କୁହାଯାଉଛି ଯେ, ନିଜ ମା'ଙ୍କ ଚିକିତ୍ସା ପାଇଁ ଅଭିଯୁକ୍ତ ବାଂଲାଦେଶୀ ନାଗରିକ ଶରିଫୁଲ ଇସଲାମ ଶେହଜାଦ ମହମ୍ମଦ ରୋହିଲା ଆମିନ ଫକିର ଓରଫ ବିଜୟ ଦାସ (୩୦) ଚୋରି କରିବାକୁ ନିଷ୍ପତ୍ତି ନେଇଥିଲା । ଚାକିରି ଚାଲିଯିବା ପରେ ଟଙ୍କା ରୋଜଗାରର ଅନ୍ୟ କିଛି ବାଟ ନପାଇ ବିଜୟ ଏଭଳି କରିଥିବା ସାମ୍ନାକୁ ଆସିଛି । ଜଣେ ଧନୀ ବ୍ୟକ୍ତିଙ୍କୁ ଲୁଟିବା ପରେ ବାଂଲାଦେଶ ଫେରିଯିବାକୁ ଯୋଜନା କରିଥିଲା ବିଜୟ । ସୂଚନା ମିଳିଛି ଯେ, ରେସ୍ତୋରାଁରେ କାମ କରି ୧୩,୦୦୦ପାଉଥିଲା ବିଜୟ । ମା'ଙ୍କ ଚିକିତ୍ସା ପାଇଁ ବଂଲାଦେଶକୁ ୧୨,୦୦୦ ପଠାଇବା ସହ ନିଜ ପାଖରେ ୧ହଜାର ରଖୁଥିଲେ । ଜଣେ ଗ୍ରାହକଙ୍କ ହୀରା ମୁଦି ଚୋରି କରିବାରୁ ତାଙ୍କୁ ରେସ୍ତୋରାଁରୁ ବାହାର କରିଦିଆଯାଇଥିଲା । ଏହା ପରେ ତାଙ୍କ ପାଖରେ ଘରକୁ ପଠାଇବାକୁ ଆଉ ଟଙ୍କା ନଥିଲା । ଏହା ପରେ ସେ କୌଣସି ଧନୀ ବ୍ୟକ୍ତିଙ୍କୁ ଲୁଟିବେ ବୋଲି ଯୋଜନା କରିଥିଲେ ।

## ଜାତୀୟ ସ୍ୱାସ୍ଥ୍ୟ ମିଶନ: ଜନସ୍ୱାସ୍ଥ୍ୟ ପରିଣାମରେ ସୁଧାର

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟକୁ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନଏଚଏମ୍) ଅଧୀନରେ ଗତ ୨୦୨୧-୨୨ ବର୍ଷ, ୨୦୨୨-୨୩ ବର୍ଷ ଏବଂ ୨୦୨୩-୨୪ ବର୍ଷ ମଧ୍ୟରେ ହୋଇଥିବା ଅଗ୍ରଗତି ସମ୍ପର୍କରେ ଅବଗତ କରାଯାଇଛି । ମାତୃ ମୃତ୍ୟୁ ହାରରେ ଦ୍ରୁତ ହ୍ରାସ, ଶିଶୁ ମୃତ୍ୟୁ ହାରରେ ୫ ପ୍ରତିଶତରୁ କମ୍ ମୃତ୍ୟୁ ହାର ଏବଂ ମୋଟ ପ୍ରଜନନ ହାରରେ ଦ୍ରୁତ ହ୍ରାସ ଏବଂ ଯକ୍ଷ୍ମା, ମ୍ୟାଲେରିଆ, କଳା ଜ୍ୱର, ଡେଙ୍ଗୁ, ଯକ୍ଷ୍ମା, କୁଷ୍ଠ ରୋଗ, ଭାଇରାଲ ହେପାଟାଇଟିସ୍ ଇତ୍ୟାଦି ବିଭିନ୍ନ ରୋଗ କାର୍ଯ୍ୟକ୍ରମ ତଥା ଜାତୀୟ ସିକଲ ସେଲ ରକ୍ତହୀନତା ବିଲୋପ ମିଶନ ଭଳି ନୂତନ ପଦକ୍ଷେପ ସମ୍ବନ୍ଧରେ ଅଗ୍ରଗତି ସମ୍ପର୍କରେ ମଧ୍ୟ କ୍ୟାବିନେଟକୁ ଅବଗତ କରାଯାଇଥିଲା । ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନଏଚଏମ) ମାନବ ସମ୍ବଳର ସମ୍ପ୍ରସାରଣ, ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ଏବଂ ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତିରେ ଏକ ସମନ୍ୱିତ ମୁକାବିଲାକୁ ପ୍ରୋତ୍ସାହିତ କରିବାରେ ଏହାର ନିରନ୍ତର ପ୍ରୟାସ ମାଧ୍ୟମରେ ଭାରତର ଜନସ୍ୱାସ୍ଥ୍ୟ ପରିଣାମକୁ ଉନ୍ନତ କରିବାରେ ଉଲ୍ଲେଖନୀୟ ଯୋଗଦାନ ଦେଇଛି । ଗତ ତିନି ବର୍ଷ ମଧ୍ୟରେ, ଏନଏଚଏମ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ରୋଗ ଦୂରୀକରଣ ଏବଂ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ସମେତ ଏକାଧିକ କ୍ଷେତ୍ରରେ ଯଥେଷ୍ଟ ଅଗ୍ରଗତି କରିଛି । ମିଶନର ପ୍ରୟାସ ଭାରତର ସ୍ୱାସ୍ଥ୍ୟ ଉନ୍ନତି ପାଇଁ ଗୁରୁତ୍ୱପୂର୍ଣ୍ଣ, ବିଶେଷ କରି କୋଭିଡ-୧୯ ମହାମାରୀ ସମୟରେ ଏବଂ ସାରା ଦେଶରେ ଅଧିକ ସୁଲଭ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

## କେନ୍ଦ୍ର ହାତକୁ ଯାଇପାରେ ପଟୌଦୀ ପରିବାରର ସମ୍ପତ୍ତି



ନୂଆଦିଲ୍ଲୀ: ବଲିଉଡ୍ ଅଭିନେତା ସୈଫ୍ ଅଲୀ ଖାନ୍ଙ୍କ ଉପରେ ଆକ୍ରମଣ ହେବା ପରେ ଏବେ ପଟୌଦୀ ପରିବାରର ସଂପତ୍ତିକୁ ନେଇ ଖୋଳତାଡ ଆରମ୍ଭ ହୋଇଛି ।

ମଧ୍ୟପ୍ରଦେଶରେ ବଲିଉଡ ଅଭିନେତା ସୈଫ୍ ଅଲ୍ଲୀ ଖାନଙ୍କ ପଟୌଦି ପରିବାରର ୧୫,୦୦୦ କୋଟି ଟଙ୍କାର ପୈତୃକ ସମ୍ପତ୍ତି ରହିଛ । ଏହା ମଧ୍ୟରୁ ଅଧିକାଂଶ ଭୋପାଳରେ ଅଛି । ତେବେ ଏବେ ଶୁଣିବାକୁ ମିଳୁଛି ଯେ ଏହି ସମ୍ପତ୍ତି ଉପରୁ କୋର୍ଟ ସ୍ଥଗିତାଦେଶ ଉଠାଇ ନେବା ପରେ ଏହା କେନ୍ଦ୍ର ନିୟନ୍ତ୍ରଣକୁ ଆସିପାରେ ।

ମଧ୍ୟପ୍ରଦେଶ ହାଇକୋର୍ଟ ସୈଫ୍ଙ୍କ ପୈତୃକ ସମ୍ପତ୍ତି ଉପରେ ଲଗାଯାଇଥିବା ସ୍ଥଗିତାଦେଶକୁ ଉଠାଇ ଦେଇଛନ୍ତି । ଆଇନ ଅନୁଯାୟୀ, ୧୯୪୭ ମସିହାରେ ବିଭାଜନ ପରେ ପାକିସ୍ତାନକୁ ଚାଲିଯାଇଥିବା ବ୍ୟକ୍ତିବିଶେଷଙ୍କ ମାଲିକାନାରେ ଥିବା ସମ୍ପତ୍ତିକୁ କେନ୍ଦ୍ର ସରକାର ଦାବି କରିପାରିବେ । ୨୦୨୪ ଡିସେମ୍ବର ୧୩ ତାରିଖରେ ହାଇକୋର୍ଟର ଏକ ଖଣ୍ଡପୀଠ ପଟୌଦି ପରିବାରକୁ ୩୦ ଦିନ ମଧ୍ୟରେ ସେମାନଙ୍କର ପକ୍ଷ ଉପସ୍ଥାପନ କରିବାକୁ କହିଥିଲେ । ତେବେ ଜାନୁଆରି ୨୧ ତାରିଖ ସୁଦ୍ଧା ପରିବାର ଏପରି କରିଛନ୍ତି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ । ଅସ୍ପଷ୍ଟତା ହେତୁ ଭୋପାଳ ଜିଲ୍ଲା ପ୍ରଶାସନ ଏପରି ଘଟଣା ଉପରେ ମନ୍ତବ୍ୟ ଦେବାକୁ ମନା କରିଦେଇଥିଲା । ତଥାପି, ଭୋପାଳ କଲେକ୍ଟର କୌଶଳ କେନ୍ଦ୍ର ବିକ୍ରମ ସିଂହ କହିଛନ୍ତି ଯେ ହାଇକୋର୍ଟଙ୍କ ନିର୍ଦ୍ଦେଶ ସ୍ପଷ୍ଟ ହେବା ପରେ ହିଁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯିବ ।

## ନେତାଜୀ ଜୟନ୍ତୀ : ଭାରତ ପାଳୁଛି ପରାକ୍ରମ ଦିବସ

ନୂଆଦିଲ୍ଲୀ : ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମସ୍ଥାନ ଐତିହାସିକ କଟକ ସହରର ବାରବାଟୀ ଦୁର୍ଗ ଭିତରେ ୨୩ ଜାନୁୟାରୀରୁ ୨୫ ଜାନୁୟାରୀ ପର୍ଯ୍ୟନ୍ତ ପରାକ୍ରମ ଦିବସ ପାଳନ କରାଯିବ । ନେତାଜୀଙ୍କ ୧୨୮ତମ ଜୟନ୍ତୀ ଉପଲକ୍ଷେ ତିନି ଦିନ ଧରି ଚାଲିବାକୁ ଥିବା ବହୁମୁଖୀ କାର୍ଯ୍ୟକ୍ରମକୁ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିବେ ।

କେନ୍ଦ୍ର ସରକାରଙ୍କ ନିଷ୍ପତି କ୍ରମେ ଦେଶରେ ପ୍ରଥମ ପରାକ୍ରମ ଦିବସ କୋଲକାତାସ୍ଥିତ ଭିକ୍ଟୋରିଆ ମେମୋରିଆଲ ହଲରେ ପାଳନ କରାଯାଇଥିଲା । ୨୦୨୨ ମସିହାରେ ନୂଆଦିଲ୍ଲୀର ଇଣ୍ଡିଆ ଗେଟଠାରେ ନେତାଜୀଙ୍କ ହଲୋଗ୍ରାମ ରହିଥିବା ଏକ ଷ୍ଟାଚ୍ୟୁକୁ ଅନାବରଣ କରାଯାଇଥିଲା । ୨୦୨୩ ମସିହାରେ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ରହିଥିବା ୨୧ଟି ଛୋଟ ବଡ ଦ୍ୱୀପକୁ ୨୧ ଜଣ ପରମବୀର ଚକ୍ର ବିଜେତାଙ୍କ ନାମରେ ନାମକରଣ କରାଯାଇଥିଲା । ୨୦୨୪ରେ ନୂଆଦିଲ୍ଲୀସ୍ଥିତ ଐତିହାସିକ ଲାଲକିଲ୍ଲାରେ ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ ।

ତେବେ ଏହି ପରମ୍ପରାକ୍ରମେ ଚଳିତବର୍ଷ ନେତାଜୀଙ୍କ ଜନ୍ମସ୍ଥାନ କଟକ ସହରରେ କେନ୍ଦ୍ର ସଂସ୍କୃତି ବିଭାଗ ପକ୍ଷରୁ ଜାତୀୟ ପରାକ୍ରମ ଦିବସ ପାଳନର କାର୍ଯ୍ୟକ୍ରମ ରହିଛି । ଏହି ତିନି ଦିନିଆ କାର୍ଯ୍ୟକ୍ରମ ଅଧୀନରେ ଓଡିଶା ମୁଖ୍ୟମନ୍ତ୍ରୀ ଓ ଅନ୍ୟ ପଦାଧିକାରୀମାନେ ନେତାଜୀଙ୍କ ଜନ୍ମସ୍ଥାନ ସଂଗ୍ରହାଳୟରେ ରହିଥିବା ତାଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ସଂଗ୍ରହାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ କରିବେ । ପରେ ପରେ ବାରବାଟୀ ଦୁର୍ଗ ଭିତରେ ଜାତୀୟସ୍ତରୀୟ ପରାକ୍ରମ ଦିବସ ପାଳନ କରାଯିବ । ପ୍ରଧାନମନ୍ତ୍ରୀଙ୍କ ଏକ ଭିଡିଓ ମେସେଜରୁ ଆରମ୍ଭ ହୋଇ ନେତାଜୀଙ୍କ ସମ୍ପର୍କିତ ବିଭିନ୍ନ ପୁସ୍ତକ, ଫଟୋ, ଚିଠି, କାଗଜପତ୍ରର ପ୍ରଦର୍ଶନ ମଧ୍ୟ କରାଯିବ । ନେତାଜୀଙ୍କ ଜୀବନ ବୃତ୍ତାନ୍ତ ଓ ସ୍ୱାଧୀନତା ସଂଗ୍ରାମ ଉପରେ ଆଧାରିତ ବିଭିନ୍ନ ତଥ୍ୟ ପ୍ରଦର୍ଶିତ କରାଯିବ । ଏହି ଅବସରରେ ଚିତ୍ରକଳା ଶିବିର ସହ ଭାସ୍କର୍ଯ୍ୟ ଶିଳ୍ପ ନିର୍ମାଣ କରିବାର ମଧ୍ୟ ବନ୍ଦୋବସ୍ତ କରାଯାଇଛି । ନେତାଜୀ ଏବଂ ଓଡିଶା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ ।

## ଟ୍ରମ୍ପ୍‌ଙ୍କ ଆଖି ଝଲ୍‌ସା ଘର



ନୂଆଦିଲ୍ଲୀ: ସୁନାରେ ଛାଉଣି ଟେବୁଲ, ଫର୍ଣ୍ଣିଚର । ଘରର କାନ୍ଥରେ ସୁନାର ଆବରଣ । କୋଟିଏରୁ ଅଧିକ ଟଙ୍କାର ଝୁମର । ଏପରି କି ବାଥରୁମରେ ବି ବ୍ୟବହାର ହୋଇଛି ସୁନା । ସୁରକ୍ଷା ବ୍ୟବସ୍ଥା କଥା ନକହିଲେ ଭଲ । ଏପରି କୌଣସି ସୁବିଧା ନାହିଁ ଯାହା ଏହି ଘରେ ନମିଳିବଛ କାହିଁକି ବା ନହେବ ! ଏହି ଘର ହେଉଛି ଆମେରିକାର ୪୭ତମ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘର । ଆପଣମାନେ ତ ଅନେକ ବହୁମୂଲ୍ୟ ଘର ବାବଦରେ ଜାଣିଥିବେ । ଶାହାରୁଖ ଖାନଙ୍କ ବାସଭବନ ମନ୍ନତ କଥା କୁହନ୍ତୁ ବା ମୁକେଶ ଅମ୍ବାନୀଙ୍କ ବାସଭବନ ଆଣ୍ଟିଲିଆ କଥା କୁହନ୍ତୁ ଅବା ସୈଫ ଅଲୀ ଖାନଙ୍କ ବାସ ଭବନ କଥା କୁହନ୍ତୁ । ଏହି ସବୁ ବଡ ବଡିଆଙ୍କ ଘର ବହୁମୂଲ୍ୟ ହୋଇଥିଲେ ବି ଡୋନାଲ୍ଡ ଟ୍ରମ୍ପଙ୍କ ଏହି ବାସ ଭବନର ମୂଲ୍ୟ ଜାଣିଲେ ଆପଣ ଆଶ୍ଚର୍ଯ୍ୟ ହୋଇଯିବେ । ୧୭ ଏକରରେ ପରିବ୍ୟାପ୍ତ ଡୋନାଲ୍ଡ ଟ୍ରମ୍ପଙ୍କ ଏହି ବାସଭବନର ନାଁ ମାର-ଏ-ଲାଗୋ । ୧୯୮୫ରେ ଟ୍ରମ୍ପ ଏହି ରିସୋର୍ଟ କିଣିଥିଲେ ।

ସେହି ସମୟରେ ଏହି ଘରର ମୂଲ୍ୟ ୧୦ମିଲିୟନ୍ ଡଲାର୍ ଥିଲା । ଏବେ ଏହି ଘରର ମୂଲ୍ୟ ୩୪୨ ମିଲିୟନ୍ ଡଲାର୍, ଅର୍ଥାତ ଭାରତୀୟ ମୁଦ୍ରାରେ ଏହାର ମୂଲ୍ୟ ୩ହଜାର ଡଲାର୍ ହେବ । ଏହି ଘରେ ୧୨୮ଟି ରୁମ୍, ୫୮ ଟି ବେଡରୁମ୍, ୩୩ଟି ବାଥରୁମ୍ ରହିଛି । ଏହି ଘରେ ଥିଏଟର୍, ପ୍ରାଇବେଟ୍ କ୍ଲବ୍, ସ୍ପା ଭଳି ଅନେକ ସୁବିଧା ରହିଥିବା ବେଳେ ଚର୍ଚ୍ଚା ସୃଷ୍ଟି କରେ ଏହି ଘରର ବାଥରୁମରେ ଲାଗିଥିବା ସୁନା । ବାଥରୁମରେ ଏପରି ଅନେକ ଜିନିଷ ରହିଛି, ଯାହା ସୁନାରେ ତିଆରି ହୋଇଛି । ଟ୍ରମ୍ପ କିଣିଥିବା ଏହି ଘର ଏଥିପାଇଁ ଖାସ୍ ଅଟେ, କାରଣ ଏଠାରେ ୫୦ରୁ ଅଧିକ ଅରବପତିଙ୍କର ବି ବାସଭବନ ରହିଛି । ଟ୍ରମ୍ପଙ୍କ ଘର ବର୍ତ୍ତମାନ ଶକ୍ତିର କେନ୍ଦ୍ରବିନ୍ଦୁ ପାଲଟିଯାଇଛି ଛ ଟ୍ରମ୍ପ ନିର୍ବାଚନ ଯିତିବା ପରେ ଏଠାକୁ ଟ୍ରମ୍ପଙ୍କୁ ଭେଟିବା ପାଇଁ ଅନେକ ଶକ୍ତିଶାଳି ବ୍ୟକ୍ତିତ୍ୱ ଏଠାକୁ ଆସୁଛନ୍ତି । ଟେସଲା ସିଇଓ ଏଲନ୍ ମସ୍କ କଥା କୁହନ୍ତୁ ବା ମେଟା ସିଇଓ ମାର୍କ ଯୁକରବର୍ଗ କଥା କୁହନ୍ତୁ । ସବୁ ଶକ୍ତିଶାଳୀ ବ୍ୟକ୍ତି ଏଠାକୁ ଆସିବାରେ ଲାଗିଛନ୍ତି । ତେଣୁ ଟ୍ରମ୍ପଙ୍କ ଏହି ଘରକୁ ବ୍ରହ୍ମାଣ୍ଡର କେନ୍ଦ୍ର ବୋଲି କୁହାଯାଉଛି ।

### ଆମେରିକାରେ ପ୍ରବଳ ତୁଷାରପାତ

## ୨୧୦୦ ବିମାନ ଉଡ଼ାଣ ବାତିଲ



ୱାଶିଂଟନ: ନିକଟରେ ଆମେରିକାର କେତେକ ଅଞ୍ଚଳରେ ବ୍ୟାପକ ଅଗ୍ନିକାଣ୍ଡ ଘଟିଥିଲା । ଅନ୍ୟପକ୍ଷରେ, ଦକ୍ଷିଣ ଆମେରିକାରେ ଅତ୍ୟଧିକ ଥଣ୍ଡା ଅନୁଭୂତ ହେଉଛି । ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରବଳ ତୁଷାରପାତ ଯୋଗୁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦକ୍ଷିଣ ଆମେରିକାରେ ପ୍ରବଳ ତୁଷାରପାତ ଯୋଗୁ ଏପର୍ଯ୍ୟନ୍ତ ୨୧୦୦ ରୁ ଅଧିକ ବିମାନ ବାତିଲ କରାଯାଇଛି । ଟେକ୍ସାସ୍, ଲୁଇସିୟାନା, ମିସିସିପି, ଅଲବାମା, ଜର୍ଜିଆ, ମିଲୱାକ୍, ଦକ୍ଷିଣ କାରୋଲିନା ଏବଂ ଫ୍ଲୋରିଡା ରାଜ୍ୟରେ ପ୍ରବଳ ତୁଷାରପାତ ଜାରି ରହିଛି । ଏହି ରାଜ୍ୟଗୁଡିକର ରାସ୍ତାଘାଟ ବରଫ ହୋଇଯାଇଛି ।

ଏସବୁ ଅଞ୍ଚଳରେ ୧୦ ଇଞ୍ଚରୁ ଅଧିକ ବରଫ ଜମିଛି । ରାସ୍ତା ବରଫ ଯୋଗୁ ବନ୍ଦ ହୋଇଯାଇଛି । ବିମାନ ବାତିଲ କରାଯାଇଛି । ଅନେକ ରାଜ୍ୟରେ ତାପମାତ୍ରା ଶୂନ ଡିଗ୍ରି ତଳକୁ ଯାଇଛି ।ଟେକ୍ସାସ୍, ଜର୍ଜିଆ ଏବଂ ମିଲୱାକରେ ପ୍ରବଳ ଥଣ୍ଡାରେ ଏପର୍ଯ୍ୟନ୍ତ ୪ ଜଣଙ୍କର ମୃତ୍ୟୁ ରେକର୍ଡ କରାଯାଇଛି । ହ୍ୟୁଷ୍ଟନର ବିମାନବନ୍ଦର ବନ୍ଦ ରହିଛି ଏବଂ ତାଲାହସି ଅନ୍ତର୍ଜାତୀୟ ବିମାନବନ୍ଦରରେ ମଙ୍ଗଳବାର ଅପରାହ୍ନରୁ ସମସ୍ତ ବିମାନ ଚଳାଚଳ ବାତିଲ କରାଯାଇଛି ।

ବୁଧବାର ହ୍ୟୁଷ୍ଟନର ଜର୍ଜ ବୁଶ୍ ଇଣ୍ଟରକଣ୍ଟିନେଣ୍ଟାଲ୍ ବିମାନବନ୍ଦର ଏବଂ ୱିଲିୟମ୍ ପି. ହବି ବିମାନବନ୍ଦର ଖୋଲିବ ବୋଲି ଆଶା କରାଯାଉଛି । ଲୁଇସିୟାନାର ନିଉ ଅରଲିୟନ୍ସରେ ତୁଷାର ଝଡ଼ ଭଳି ଅବସ୍ଥା ମଧ୍ୟ ସୃଷ୍ଟି ହୋଇଛି । ୧୯୬୩ ମସିହା ପରେ ଏଠାରେ ପ୍ରଥମ ଥର ପାଇଁ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି । ପ୍ରବଳ ତୁଷାରପାତ ଯୋଗୁ ସ୍କୁଲ କଲେଜ ବନ୍ଦ ରହିଛି । ଖରାପ ପାଗକୁ ଦୃଷ୍ଟିରେ ରଖି ଲୁଇସିୟାନା ରାଜ୍ୟପାଳ ଜେଫ ଲ୍ୟାଣ୍ଡ୍ରି ମଙ୍ଗଳବାର ଏକ ମାର୍ଗଦର୍ଶିକା ଜାରି କରିଛନ୍ତି । ସେ କହିଛନ୍ତି, ଆଗାମୀ ସାତ ଦିନ ମଧ୍ୟରେ ଥଣ୍ଡା ବିପଦପୂର୍ଣ୍ଣ ଭାବେ ବଢ଼ିବାକୁ ଯାଉଛି ।

## ଭାରତ-ଇଂଲଣ୍ଡ ଟି-୨୦ ଶୃଙ୍ଖଳା

# ଇଡେନ୍‌ରେ ଇଂଲଣ୍ଡ ଧରାଶାୟୀ




### ଅଭିଶେକଙ୍କ ବିସ୍ଫୋରକ ବ୍ୟାଟିଂ

କୋଲକାତା, ୨୨।୧ (ଏଜେନ୍ସି): ଭାରତ ଓ ଭ୍ରମଣକାରୀ ଇଂଲଣ୍ଡ ମଧ୍ୟରେ ୫ମ୍ୟାଚ୍ ବିଶିଷ୍ଟ ଟି-୨୦ ଶୃଙ୍ଖଳା ବିଗୁଲ ବାଜିଛି । ଏହି ଶୃଙ୍ଖଳାର ପ୍ରଥମ ମ୍ୟାଚ୍ କୋଲାକାତାର ଐତିହାସିକ ଇଡେନ୍ ଗାର୍ଡେନ୍‌ରେ ଖେଳାଯାଇଛି । ଅଭିଜ୍ଞ କ୍ରିକେଟରଙ୍କ ବିନା ଭାରତୀୟ ଦଳ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ରଣାଙ୍ଗନକୁ ଓହ୍ଲାଇଛି । ଏହି ମ୍ୟାଚ୍‌ରେ ଭାରତ ୭ ୱିକେଟରେ ଧମାକାଦାର ବିଜୟ ହାସଲ କରି ୧-୦ରେ ଶୃଙ୍ଖଳା ଆଗୁଆ ହୋଇଛି । ଓପନର ଅଭିଶେକ ଶର୍ମାଙ୍କ ୭୯ ରନର ବିସ୍ଫୋରକ ଇନିଂସ ଯୋଗୁ ଭାରତର ବିଜୟ ସହଜ ହୋଇଥିଲା । ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୦ ଓଭରରେ ୧୩୨ ରନ କରି ଅଲଆଉଟ ହୋଇଥିଲା । ଭାରତ ସମ୍ମୁଖରେ ୧୩୩ ରନର ବିଜୟଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ଏହାକୁ ପିଛା କରି ଭାରତ ୧୨.୫ ଓଭରରେ ୧୩୩/୩ ରନ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା ।

ଟସ୍ ଜିତି ଭାରତୀୟ ଅଧିନାୟକ ସୂର୍ଯ୍ୟ କୁମାର ବୋଲିଂ ନିଷ୍ପତ୍ତି ନେଇଥିଲେ । ତେଣୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିଲା ଜୋସ୍ ବଟଲରଙ୍କ ନେତୃତ୍ୱାଧୀନ ଇଂଲଣ୍ଡ । ଫିଲ୍ ସଲ୍ଟଙ୍କ ସହ ବେନ୍ ଡକେଟ ପାଳି ଆରମ୍ଭ କରିଥିଲେ । ଦୁହିଁଙ୍କ ପ୍ରଦର୍ଶନ ଅତ୍ୟନ୍ତ ନିରାଶାଜନକ ଥିଲା । ସଲ୍ଟ ୦ (ଶୂନ) ଓ ବେନ୍ ଡକେଟ୍ ୪ ରନ କରି ଅର୍ଶଦୀପ ସିଂହଙ୍କ ଶିକାର ହୋଇଥିଲେ । ଏହାପରେ ଅଧିନାୟକ ଜୋସ୍ ବଟଲର ଏକାକୀ ୬୮ ରନର ଇନିଂସ ଖେଳିବାରୁ ଇଂଲଣ୍ଡ ୧୦୦ ରନ ଟପିପାରିଥିଲା । ଅନ୍ୟମାନଙ୍କ ମଧ୍ୟରେ ହ୍ୟାରି ବୃକ୍ ୧୭ ଓ ଜୋଫ୍ରା ଆର୍ଚର ୧୨ ରନ କରି ପାଭିଲିୟନ ଫେରିଥିଲେ । ଏହି ୩ ବ୍ୟାଟରଙ୍କୁ ଛାଡ଼ିଦେଲେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁପାରି ନଥିଲେ । ନବାଗତଙ୍କ ସହ ଟି-୨୦ ରଣାଙ୍ଗନକୁ ଓହ୍ଲାଇଥିବା ଭାରତ ବୋଲିଂରେ ଭଲ ପ୍ରଦର୍ଶନ ଦେଖାଇଛି । ଅର୍ଶଦୀପ ସିଂ, ହାର୍ଦ୍ଦିକ ପାଣ୍ଡ୍ୟା ଓ ଅକ୍ଷର ପଟେଲ ଦୁଇଟି ଲେଖାଏଁ ତଥା ବରୁଣ ଚକ୍ରବର୍ତ୍ତୀଙ୍କୁ ୩ ୱିକେଟ ସଫଳତା ମିଳିଥିଲା ।

୧୩୩ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ଭାରତ ଭଲ ଆରମ୍ଭ କରିଥିଲା । ଓପନର ସଞ୍ଜୁ ସାମସନ୍ ବିସ୍ଫୋରକ ଅନ୍ଦାଜ୍‌ରେ ବ୍ୟାଟିଂ କରିଥିଲେ । ସାମସନ ୨୦ ବଲରୁ ୨୬ ରନ କରି ପାଭିଲିଅନ ଫେରିଥିବାବେଳେ ଅଭିଶେକ ଶର୍ମା ବଡ଼ ଇନିଂସ୍ ଖେଳିଥିଲେ । ସେ ୩୪ ବଲରୁ ୫ଟି ଚୌକା ଓ ୮ଟି ଛକା ସହାୟତାରେ ୭୯ ରନ କରିଥିଲେ । ତାଙ୍କ ବ୍ୟତୀତ ଶେଷଭାଗରେ ତିଲକ ବର୍ମା ୧୬ ବଲରୁ ୧୯ ରନ ଓ ହାର୍ଦ୍ଦିକ ପାଣ୍ଡ୍ୟା ୪ ବଲ୍‌ରୁ ୩ ରନ କରି ମ୍ୟାଚ୍ ଶେଷ କରିଥିଲେ । ଇଂଲଣ୍ଡର ଜୋଫ୍ରା ଆର୍ଚରଙ୍କୁ ୨ଟି ଓ ଆଦିଲ ରସିଦ ଗୋଟିଏ ୱିକେଟ ସଫଳତା ହାସଲ କରିଥିଲେ ।

## ଭାରତ-ଇଂଲଣ୍ଡ ବାରବାଟୀ ଦିନିକିଆ

# ପ୍ରଥମ ଟିକେଟ କିଣିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ

ଭୁବନେଶ୍ୱର, ୨୨।୧ (ସବ୍ୟୁ): କଟକର ଐତିହାସିକ ବାରବାଟୀ ଷ୍ଟାଡିୟମରେ ଆଗାମୀ ଫେବୃଆରୀ ୯ରେ ଭାରତ ଓ ଇଂଲଣ୍ଡ ଦିନିକିଆ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ । ଏନେଇ ମ୍ୟାଚ୍‌ର ପ୍ରଥମ ଟିକେଟ ମହାପ୍ରଭୁ ଜଗନ୍ନାଥଙ୍କ ମନ୍ଦିରକୁ ପ୍ରଦାନ କରିଛନ୍ତି ଓସିଏ ସମ୍ପାଦକ ସଞ୍ଜୟ ବେହେରା । ବାରବାଟୀ ମ୍ୟାଚ୍ ସୁରୁଖୁରୁରେ ହେବ, ସେନେଇ ମହାପ୍ରଭୁଙ୍କ ପାଖରେ ପ୍ରାର୍ଥନା କରିଛନ୍ତି । ଏହାସହ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହି ମ୍ୟାଚ୍‌ର ପ୍ରଥମ ଟିକେଟ କିଣିଛନ୍ତି ।

ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ କାର୍ଯ୍ୟକାରୀ ସଭାପତି ପଙ୍କଜ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, ଅନୁଗୁଳ ବିଧାୟକ ତଥା ଆପେକ୍ସ କାଉନସିଲ ସଦସ୍ୟ ପ୍ରତାପ ପ୍ରଧାନ, ଓଡ଼ିଶା ଅଲିମ୍ପିକ୍ ଆସୋସିଏସନର ସମ୍ପାଦକ ଅଭିଜିତ୍ ପାଲ୍, ପୂର୍ବତନ ବିଧାୟକ ଲଳିତେନ୍ଦୁ ମହାପାତ୍ର ପ୍ରମୁଖ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଭେଟି ପ୍ରଥମ ଟିକେଟ ପ୍ରଦାନ କରିଥିଲେ ।



## ମୁଖ୍ୟମନ୍ତ୍ରୀ କପ ଫୁଟବଲ

# ଟିଟିଲାଗଡ଼, ନିତା ଫୁଟବଲ ଏକାଡେମୀ ଚାମ୍ପିଅନ




ଭୁବନେଶ୍ୱର, ୨୨।୧ (ସବ୍ୟୁ): ୧୫ ବର୍ଷରୁ କମ ଆନ୍ତଃ କ୍ଲବ ଜିଲ୍ଲାସ୍ତରୀୟ ଫୁଟବଲ ଚାମ୍ପିଅନସିପ୍ ମୁଖ୍ୟମନ୍ତ୍ରୀ କପର ବଲାଙ୍ଗୀର ଜିଲ୍ଲାରେ ଟିଟିଲାଗଡ଼ ଏଫ୍‌ସି ଚାମ୍ପିଅନ ହୋଇଥିଲାବେଳେ ଜରାସିଂହ ଏଫ୍‌ସି ରନର୍ସଅପ ହୋଇଛି । ସେହିଭଳି ପୁରୀ ଜିଲ୍ଲାରେ ନିତା ଫୁଟବଲ ଏକାଡେମୀ ଚାମ୍ପିଅନ ହୋଇଥିଲା ବେଳେ ଶ୍ରୀନୀଳଚକ୍ର ସ୍ପୋର୍ଟ୍ସ କ୍ଲବ ରନର୍ସଅପ ହୋଇଛି ।

ବଲାଙ୍ଗୀର ଜିଲ୍ଲାରେ ଅନୁଷ୍ଠିତ ଫାଇନାଲରେ ଟିଟିଲାଗଡ଼ ୪-୨ ଗୋଲ୍‌ରେ ଜରାସିଂହ ଏଫ୍‌ସିକୁ ହରାଇଥିଲା । ଅନ୍ୟ ଜିଲ୍ଲା ମ୍ୟାଚ୍‌ଗୁଡ଼ିକରେ କ୍ୟାପିଟାଲ ଷ୍ଟାର୍ କ୍ଲବ ଗ୍ଲୋବାଲ ଏଫ୍‌ସିକୁ, କଟକରେ ନିତା ଫୁଟବଲ ଏକାଡେମୀ ୨-୦ ଗୋଲ୍‌ରେ ଚୌଦ୍ୱାରକୁ, ବିଡ଼ାନାସୀ କ୍ଲବ୍ ୭-୦ ଗୋଲରେ ଗାଲାଣ୍ଟ କ୍ଲବ୍‌କୁ ହରାଇଛି । ଯାଜପୁରରେ ତ୍ରିରଙ୍ଗା ଏଫ୍‌ସିକୁ ୦-୧୩ ଗୋଲ୍‌ରେ କଳିଙ୍ଗନଗର ହରାଇଛି । ମହାଲକ୍ଷ୍ମୀ ଏଫ୍‌ସିକୁ ୦-୨ ଗୋଲରେ ମଧୁବନ ଏଫ୍‌ସିଠାରୁ ପରାଜିତ ହୋଇଛି । କନ୍ଧମାଳରେ ଫୁଲବାଣୀ ଏଫ୍‌ସି ୩-୦ ଗୋଲ୍‌ରେ ଶିବଶକ୍ତି କ୍ଲବ୍‌କୁ ହରାଇଥିବାବେଳେ ସୁଜିତ୍ ଏଫ୍‌ସି ଏନ୍‌ଏସ୍ ସିବି ମାଷ୍ଟରପଡ଼ାକୁ ହରାଇଛି । ପୁରୀ ଜିଲ୍ଲାରେ ଶ୍ରୀନୀଳଚକ୍ର ସ୍ପୋର୍ଟ୍ସକ୍ଲବ ୫-୦ ଗୋଲରେ ନିତା ଫୁଟବଲ ଏକାଡେମୀକୁ ହରାଇଥିବାବେଳେ ସମ୍ବଲପୁରରେ ମେହେର ଆସୋସିଏସନ ୧-୦ ଗୋଲରେ ସିଏସ୍‌ବି ଜିଲ୍ଲା ସ୍କୁଲକୁ ଏବଂ ଅଫ୍‌ତାବ କ୍ଲବ୍ ୪-୦ ଗୋଲରେ ଏମ୍‌ସିସି କ୍ଲବ୍‌କୁ ହରାଇଥିଲା ।

# ଭାରତୀୟ ଜର୍ସିରେ ରହିବ ଆୟୋଜକ ପାକିସ୍ତାନର ନାଁ

ନୂଆଦିଲ୍ଲୀ, ୨୨।୧ (ଏଜେନ୍ସି): ଆଇସିସି ଚାମ୍ପିଅନ୍ସ ଟ୍ରଫି ଆରମ୍ଭ ହେବାକୁ ଯାଉଛି । ଭାରତୀୟ ଦଳ ଜର୍ସିରେ ପାକିସ୍ତାନ ନାମ ରହିବ କି ନାହିଁ ସେନେଇ ଦ୍ୱନ୍ଦ୍ୱ ଲାଗି ରହିଥିଲା । ଏହାକୁ ଦୂର କରିଛି ବିସିସିଆଇ । ଆଇସିସି ନିୟମ ଅନୁସାରେ ଚତୁର୍ଥ ଜର୍ସି ଭାରତ ପିନ୍ଧିବ । କାରଣ ଆଇସିସି ଟୁର୍ଣ୍ଣାମେଣ୍ଟରେ ସମସ୍ତ ଦଳର ଜର୍ସିରେ ଆୟୋଜକ ଦେଶର ନାଁ ଲେଖାଯାଇଥାଏ । ଏଥର ପାକିସ୍ତାନ ଆୟୋଜକ ।

ତେଣୁ ପାକିସ୍ତାନର ନାଁ ରହିବ । ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଚର୍ଚ୍ଚା ହେଉଥିଲା- ଭାରତୀୟ ଦଳର ଜର୍ସିରେ ପାକିସ୍ତାନର ନାଁ ଲେଖାଯିବ ନାହିଁ । ଯଦିଓ ପାକିସ୍ତାନ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜକ ଦେଓ ତଥାପି ସୁରକ୍ଷା କାରଣ ଦର୍ଶାଇ ପାକିସ୍ତାନ ଯିବାକୁ ମନାକରିଦେଇଥିଲା । ପରେ ଏଟି ଟୁର୍ଣ୍ଣାମେଣ୍ଟ ହାଇବ୍ରିଡ୍ ମହେଲ୍‌ରେ ହେବ ବୋଲି ଆଇସିସି ସୂଚନା ଦେଇଥିଲା । ଗ୍ରୁପ୍-ଏ'ରେ ଭାରତ ରହିଛି । ଏହି ଗ୍ରୁପ୍‌ରେ ଥିବା ଅନ୍ୟ ଦଳଗୁଡ଼ିକ ହେଲେ ବାଂଲାଦେଶ, ପାକିସ୍ତାନ ଓ ନ୍ୟୁଜିଲାଣ୍ଡ । ଫେବୃଆରୀ ୧୯ରୁ ଚାମ୍ପିଅନ୍ସ ଟଫ୍ରି ଆରମ୍ଭ ହେବ । ଫେବୃଆରୀ ୨୦ରେ ଭାରତ-ବାଂଲାଦେଶ ମ୍ୟାଚ୍ ଖେଳାଯିବ । ଫେବୃଆରୀ ୨୩ରେ ଭାରତ-ପାକିସ୍ତାନ ହାଇଭୋଲ୍‌ଟେଜ ମ୍ୟାଚ୍ ଖେଳିବେ ।

# ୨୬ରୁ ପ୍ରଥମ ରାଜ୍ୟସ୍ତରୀୟ ସ୍ଲିଙ୍ଗ୍‌ସଟ୍ ପ୍ରତିଯୋଗିତା

ଭୁବନେଶ୍ୱର, ୨୨।୧ (ସବ୍ୟୁ) : ସ୍ଲିଙ୍ଗ୍‌ସଟ୍ ଓଡ଼ିଶା ଆନୁକୂଲ୍ୟରେ ପ୍ରଥମ ରାଜ୍ୟସ୍ତରୀୟ ସ୍ଲିଙ୍ଗ୍‌ସଟ୍ ପ୍ରତିଯୋଗିତା ୨୬ରୁ ଆରମ୍ଭ ହେବାକୁ ଯାଉଛି । ଆସନ୍ତା ରବିବାର ଦିନ ଏହି ପ୍ରତିଯୋଗିତା ଉତ୍କଳ କରାଟେ ସ୍କୁଲଠାରେ ଆୟୋଜିତ ହେବ । ସ୍ଲିଙ୍ଗ୍‌ସଟ୍ ଓଡ଼ିଶାର ଅଫିସିଆଲ ଏହି ପ୍ରତିଯୋଗିତାକୁ ପରିଚାଳନା କରିବେ । ଏହି ଖେଳକୁ ପ୍ରୋତ୍ସାହିତ କରିବା ନିମନ୍ତେ ସ୍ଲିଙ୍ଗ୍‌ସଟ୍ ଓଡ଼ିଶା ଅଭିନବ ପ୍ରୟାସ ଆରମ୍ଭ କରିଛି । ବିଭିନ୍ନ ବୟସ ବିଭାଗର ପୁରୁଷ ଓ ମହିଳା ତଥା ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ । ୯୬୭୮୧୫୬୬୬ ନମ୍ବରରେ କଲ୍ କିମ୍ବା ହ୍ୱାଟ୍ସଆପ୍ କରି ନିଜର ନାମ ପଞ୍ଜୀକରଣ କରିପାରିବେ । ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିବା ଖେଳାଳି ନିକଟରେ ହେବାକୁ ଥିବା ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ ହେବେ ।

## ଅଷ୍ଟ୍ରେଲିଆନ ଓପନ

# ସିନର-ସେଲ୍‌ଟନ ସେମିଫାଇନାଲ

ନୂଆଦିଲ୍ଲୀ, ୨୨।୧ (ଏଜେନ୍ସି): ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ୍ ଟେନିସ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ ଓପନ ନିର୍ଣ୍ଣାୟକ ପର୍ଯ୍ୟାୟରେ ଉପନିତ ହୋଇଛି । ବୁଧବାର ଅନୁଷ୍ଠିତ କ୍ୱାର୍ଟରଫାଇନାଲ୍ ମ୍ୟାଚ୍‌ରେ ଡିଫେଣ୍ଡିଙ୍ଗ୍ ଚାମ୍ପିଅନ ଜାନିକ ସିନର ଉଚ୍ଚକୋଟିର ବିଜୟ ସହ ସେମିଫାଇନାଲରେ ବେନ୍ ସେଲ୍ଟନଙ୍କୁ ଭେଟିବାକୁ ଯାଉଛନ୍ତି । ଇଟାଲିର ଏହି ଏକନମ୍ବର ଖେଳାଳି ସିନର ୬-୩, ୬-୨, ୬-୧ ସେଟ୍‌ରେ ପ୍ରତିପକ୍ଷ ଆଲେକ୍ସ ଡି. ମିନାଉରଙ୍କୁ ଧରାଶାୟୀ କରିଥିଲେ । ସିନର ଫାଇନାଲ ଖେଳିବା ଲକ୍ଷ୍ୟରେ ରହିଛନ୍ତି । ରବିବାର ଟାଇଟଲ ମୁକାବିଲା ହେବ । ଯଦି ସେ ସେମିରେ ବିଜୟୀ ହୁଅନ୍ତି, ତେବେ ଫାଇନାଲରେ ୧୦ ଥର ଚାମ୍ପିଅନ ନୋଭାକ୍ ଜୋକୋଭିକ କିମ୍ବା ଦ୍ୱିତୀୟ ସିଡ୍ ଆଲେକ୍‌ଜାଣ୍ଡାର ଭିର୍ଭଙ୍କୁ ଭେଟିବେ ।

# ସର୍ବଭାରତୀୟ ଏଜି କପ୍ କ୍ରିକେଟ: ସେମିରେ ଝାଡ଼ଖଣ୍ଡ



କୋରେଇ ,୨୨।୦୧ (ସବ୍ୟୁ): କୋରେଇ ବ୍ଲକ ଅନ୍ତର୍ଗତ ବନ୍ଧାଳ ପଂଚାୟତ ସ୍ଥିତ ଦୁଲାଖାପାଟଣା ମା ମଙ୍ଗଳା ଷ୍ଟାଡ଼ିୟମ ଠାରେ ମା ମଙ୍ଗଳା କ୍ରିକେଟ କ୍ଲବ ଆନୁକୁଲ୍ୟରେ ଅନୁଷ୍ଠିତ ସର୍ବ ଭାରତୀୟ ଏଜିକପ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ରାଂଉଣ୍ଡର ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଫରେଷ୍ଟ ଏକ୍ସଏଲ ଛତିଶଗଡ ସହ ୟୁନିୟନ ସ୍ପୋର୍ଟିଙ୍ଗ ଝାଡ଼ଖଣ୍ଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଟସ୍ ଜିତି ଫରେଷ୍ଟ ଏକ୍ସଏଲ ଛତିଶଗଡ ନିର୍ଦ୍ଧାରିତ ୨୫ ଓଭର ଖେଳି ୯ ୱିକେଟ ହରାଇ ୨୧୬ ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ ୟୁନିୟନ ସ୍ପୋର୍ଟିଙ୍ଗ ଝାଡ଼ଖଣ୍ଡ ୨୧୭ ରନ୍‌ର ବିଜୟ ଲକ୍ଷ୍ୟନେଇ ୨୧.୪ ଓଭର ଖେଳି ୩ ୱିକେଟ ହରାଇ ୨୧୭ ରନ୍ କରି ସେମିଫାଇନାଲକୁ ଉତିର୍ଣ୍ଣ ହୋଇଛି । ଆଜିର ମ୍ୟାଚ୍‌ରେ ବିଜୟ ଦଳର ଫୁରକାନ ଆନ୍‌ଶାରୀ ୫ ଓଭର ବୋଲିଂକରି ୩୬ ରନ୍ ବିନିମୟରେ ୪ ୱିକେଟ ନେଇ ଭଲ ଖେଳ ପ୍ରଦର୍ଶନ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇ ଆଜିର ଅତିଥି ଅବସରପ୍ରାପ୍ତ ଶିକ୍ଷକ ଦିନବଂଧୁ ଦାସଙ୍କ ଦ୍ୱାରା ପୁରସ୍କୃତ କରଯାଇଥିଲା ।

ଆଜିର ମ୍ୟାଚ୍‌କୁ ଆଶୁତୋଷ ପାଣୀ ଓ ସୌମେନ୍ଦ୍ର ପାତ୍ର ପରିଚାଳନା କରିଥିଲେ । କିରନ ମନୋହର ମହାନ୍ତି ସ୍କୋରର ରହିଥିବା ବେଳେ ବୁବୁ ସିଂହ୍ନା ଓ ଗ୍ୟାନରଂଜନ ଘଡ଼େଇ ଧାରାବିବରଣୀ ପ୍ରଦାନ କରିଥିଲେ । ଆସନ୍ତା କାଲି ଦ୍ୱିତୀୟ ରାଂଉଣ୍ଡର ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚରେ ଏଏଣ୍ଡଏସ କୋଲକତା ସହ ଏନଏନଏସ ଉତରପ୍ରଦେଶ ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

# ଡ୍ରିମ୍‌ସ ସ୍କୁଲ ଅଫ ଫାର୍ମାସୀର ବାର୍ଷିକ କ୍ରୀଡା ଉଦ୍‌ଯାପିତ

କଟକ, ୨୨।୧ (ସ୍ୱପ୍ର): ଡ୍ରିମ୍‌ସ ସ୍କୁଲ ଅଫ ଫାର୍ମାସୀର ୨ୟ ବାର୍ଷିକ କ୍ରୀଡା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଛି । ତିନିଦିନ ଧରି ଅନୁଷ୍ଠିତ ବିବିଧ ଖେଳକୁଦରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଆୟୋଜିତ କବାଡି ପ୍ରତିଯୋଗିତାରେ ବି.ଫାର୍ମା ପ୍ରଥମ ସେମିଷ୍ଟର ଦଳ ବିଜୟୀ ହୋଇଥିଲାବେଳେ କ୍ରିକେଟ୍‌ରେ ବି. ଫାର୍ମା ତୃତୀୟ ସେମିଷ୍ଟର ଦଳ ଚମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଏଥିରେ ବି. ଫାର୍ମା ୩ୟ ସେମିଷ୍ଟର ଛାତ୍ର ସେକ୍ ମହମ୍ମଦ ସକିଲ ମ୍ୟାନ୍ ଅଫଦି ମ୍ୟାଚ୍ ଓ ବି. ଫାର୍ମା ପ୍ରଥମ ସେମିଷ୍ଟର ଛାତ୍ର ସାଇ ସାର୍ଥକ ଭଟ୍ଟାଚାର୍ଯ୍ୟ ମ୍ୟାନ୍ ଅଫ ଦି ସିରଜ୍ ଟ୍ରଫି ହାସଲ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ମୁଖ୍ୟଅତିଥି ଭାବରେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିବା ଅବସରରେ ଶିକ୍ଷା ସହିତ କ୍ରୀଡାର ବିଶେଷ ଆବଶ୍ୟକତା ରହିଥିବା ଉଲ୍ଲେଖ କରି ଛାତ୍ରଛାତ୍ରୀମାନେ ନିଜର ପ୍ରତିଭା ପ୍ରଦର୍ଶନ ଦ୍ୱାରା ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି କରିବାକୁ କହିଥିଲେ । ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ (ଗବେଷଣା) ଡ. ବିଶ୍ୱରଂଜନ ମହାନ୍ତି, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. ଅମୂଲ୍ୟ କୁମାର ବେହେରାଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ସିଦ୍ଧାର୍ଥ ଶଙ୍କର କର, ପ୍ରାଧ୍ୟାପକ ଚନ୍ଦ୍ରଶେଖର ବାରିକ, ପ୍ରାଧ୍ୟାପିକା କୀର୍ତ୍ତିକା ମହାନ୍ତି, ସହକାରୀ ପ୍ରାଧ୍ୟାପକ ସାରଦାକାନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀ ଜୀନଥ୍ ଆଫ୍ରୋଜ୍ କାର୍ଯ୍ୟକ୍ରମ ସଂଯୋଜନା ଓ ଉପାଧ୍ୟକ୍ଷ ଡ. କାହ୍ନୁ ଚରଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜ୍ୟ ଶକ୍ତି ଉତ୍ତୋଳନ

# ସୌମେନଙ୍କୁ ୨ ସ୍ୱର୍ଣ୍ଣ

ବାଲୁଗାଁ, ୨୨।୧ (ସବ୍ୟୁ) : ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲରେ ଗତ ୧୭ ତାରିଖରୁ ଚାଲିଥିବା ରାଜ୍ୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲ୍ଲାରୁ ୨୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ବାଲୁଗାଁର ସୌମେନ ସେନାପତି ଖୋର୍ଦ୍ଧା ଜିଲ୍ଲାରୁ ପ୍ରତିନିଧିତ୍ୱ କରି ୬୬ କେଜି ଜୁନିଅର ଓ ସିନିଅର ବିଭାଗରେ ୨ ଟି ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି । ଆସନ୍ତା ଫେବୃଆରୀ ୧୯ ରୁ ୨୩ ତାରିଖ ପର୍ଯ୍ୟନ୍ତ ପଞ୍ଜାବର ଫଗୱାର ଠାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ । କୋଚ ଦୀପକ କୁମାର ସାମନ୍ତରାଙ୍କ ଅଧିନରେ ସୌମେନ ପ୍ରଶିକ୍ଷଣ ଲାଭ କରିଛନ୍ତି ।

## ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ

# ରଗ୍‌ବୀ: କିଟ୍ ଚାମ୍ପିଅନ

ଭୁବନେଶ୍ୱର, ୨୨।୧ (ସବ୍ୟୁ): ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ରଗ୍‌ବୀ ଚାମ୍ପିଅନସିପ୍‌ର ୧୫ ଏସ୍ ବର୍ଗରେ କିଟ୍ ଚାମ୍ପିଅନ ହୋଇଥିବାବେଳେ ୭ ଏସ୍ ବର୍ଗରେ ରନର୍ସଅପ୍ ହୋଇଛି । ୧୫ ଏସ୍ ବର୍ଗର ଫାଇନାଲରେ କିଟ୍ ୧୫-୧୦ ବ୍ୟବଧାନରେ ମୁମ୍ବାଇ ବିଶ୍ୱବିଦ୍ୟାଳୟକୁ ହରାଇଥିଲା । କିନ୍ତୁ ୭ ଏସ୍ ଫାଇନାଲରେ କୋହ୍ଲାପୁରର ଶିବାଜୀ ବିଶ୍ୱବିଦ୍ୟାଳୟ ନିକଟରୁ ୫-୧୫ ବ୍ୟବଧାନରେ ପରାଜିତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି । ୧୫ ଏସ୍ ବର୍ଗରେ ଶିବାଜୀ ବିଶ୍ୱବିଦ୍ୟାଳୟ ତୃତୀୟ ଏବଂ ଲଭ୍‌ଲୀ ପ୍ରଫେସନାଲ ୟୁନିଭରସିଟି ୪ର୍ଥ ସ୍ଥାନ ଅଧିକାର କରିଛି । ଦଳର ଏହି ସଫଳତା ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଆଡିଆପଡ଼ା ପ୍ରିମିୟର ଲିଗ୍ : ଦିକ୍ଷିତପଡା ଚାମ୍ପିଅନ

ଟାଙ୍ଗୀ,୨୨।୧(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅଧିନସ୍ଥ ଆଡିଆପଡା ଠାରେ ଅନୁଷ୍ଠିତ ହେଉଥିବା ପ୍ରିମିୟର ଲିଗ କ୍ରିକେଟ ଉଦଯାପିତ ହୋଇଯାଇଛି। ଏହି ଫାଇନାଲ ମ୍ୟାଚରେ ଯୁଥ ଏକାଦଶ ଦିକ୍ଷିତପଡା ଓ ମା ବ୍ରାହ୍ମଣୀଦେବୀ ଷ୍ଟ୍ରାଇକର କୟଥପଲ୍ଲୀ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଯୁଥ ଏକାଦଶ ଦିକ୍ଷିତପଡା ୭ ଉଇକେଟ ରେ ବିଜୟୀ ହୋଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଡଃ ସଂଜୟ ପଟନାୟକ ମୂଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏହି ଟୁର୍ଣ୍ଣାମେଣ୍ଟର ପୁରୋଧା ଅଜୟ କୁମାର ମହାପାତ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ ।

ସମ୍ମାନୀତ ଅତିଥି ବିଶ୍ୱଭୂଷଣ ଛୋଟରାୟ ,ସର୍ବେଶ୍ୱର ରାଉତରାୟ ,ନବ ବିଶ୍ୱାଳ ବେଣୁଧର ରାଉତ ପ୍ରମୁଖ ଯୋଗ ଦେଇଥିଲେ । ଅନୁଷ୍ଠାନ ତରଫରୁ ସଭାପତି ଯୋଗେନ୍ଦ୍ର ମହାରଥୀ ବିଭୂତି ଭୂଷଣ ମହାପାତ୍ର, ଯଦୁମଣୀ ମହାରଥି, ଦିଲ୍ଲିପ ମହାରଥି , ଜିତେନ୍ଦ୍ର ମହାପାତ୍ର , ପ୍ରେମାନନ୍ଦ ମହାରଥୀ ଉପସ୍ଥିତ ରହି ଖେଳକୁ ଅତିଥୀଙ୍କୁ ଆତିଥ୍ୟ ଦେଇ ସହଯୋଗ କରିଥିଲେ ।



# ଶୁକଦେବ ନାୟକ ସ୍ମାରକୀ ଭଲିବଲ : ବାଲେଶ୍ୱର ଚାମ୍ପିଅନ



ବିଞ୍ଝାରପୁର,୨୨।୧ (ସବ୍ୟୁ) : ବିଞ୍ଝାରପୁର ବ୍ଲକର ଉପାନ୍ତ ପଂଚାୟତ ବାଙ୍ଗରାସ୍ଥିତ ଲକ୍ଷ୍ମୀନାରାୟଣ ପଡିଆରେ ରାଜ୍ୟସ୍ତରୀୟ ଶୁକଦେବ ନାୟକ ସ୍ମାରକୀ ଏକଦିବସୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଲକ୍ଷ୍ମୀ ନାରାୟଣ ସ୍ପୋର୍ଟ୍‌ସ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଭଲିବଲ ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ଚାରୋଟି ପ୍ରମୁଖ ଦଳ ବାଲେଶ୍ୱର, ଭଦ୍ରକ, ଭୂମିକା ଓ ପାରାଦ୍ୱୀପ ଅଂଶ ଗ୍ରହଣ କରିଥିଲେ । ଚୂଡାନ୍ତ ଖେଳରେ ବାଲେଶ୍ୱର ଓ ଭଦ୍ରକ ପରସ୍ପର ମୁହାଁମୁହିଁ ହୋଇଥିଲେ । ବାଲେଶ୍ୱର ଭଦ୍ରକ ଦଳକୁ ହରାଇ ଚାମ୍ପିଅନ ହୋଇଥିଲେ । ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ବି.ସି.ଜେ. ହାଇସ୍କୁଲର ପ୍ରାକ୍ତନ ଶିକ୍ଷକ ନାରାୟଣ ଚନ୍ଦ୍ର ଧଳ ଯୋଗ ଦେଇଥିବା ବେଳେ ସଭାପତି ଭାବରେ ଅସିତ କୁମାର ରାଉତ ସଭା ପରିଚାଳନା କରିଥିଲେ । ମୁଖ୍ୟବକ୍ତା ଭାବେ ଦିନବନ୍ଧୁ ସାହୁ ଯୋଗଦାନ କରିଥିଲେ । ସମ୍ମାନୀତ ଅତିଥି ଭାବେ ବିଷ୍ଣୁଚରଣ ଭୂୟାଁ, ଗୁରୁଚରଣ ଥାଟୋଇ, ବନବିହାରୀ ଧଳ, ଅଭିମନ୍ୟୁ ପାଗଳ, ଗନ୍ଧର୍ବ ଚରଣ ଦାସ, ଅନାମଚରଣ ଆରୁକ, ରାଜକିଶୋର ନାୟକ, ଦିଲ୍ଲୀପ କୁମାର ରାଉତ, ଅକ୍ଷୟ କୁମାର ନାୟକ, କୁଶ ଚରଣ ସାମଲ, ପ୍ରମୋଦ କୁମାର ପାତ୍ର,ଶ୍ରୀକାନ୍ତ କୁମାର ପଣ୍ଡା, ଅଭୟ କୁମାର ଆରୁକ, ପପୁରଞ୍ଜନ ରାଉତ, ଅଜୟ କୁମାର ଖଣ୍ଡୁଆଳ, ଅଜିତ କୁମାର ଭୂୟାଁ ଉପସ୍ଥିତ ରହି ବିଜେତା ଦଳ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ ।

ଉଦ୍‌ଘାଟନୀ ସଭାରେ ଉଦଘାଟକ ଭାବରେ ବିଜେପି ଜିଲ୍ଲା ସଭାପତି ଗୌତମ ରାୟ, ମହିଳା ମୋର୍ଚ୍ଚା ସଭାନେତ୍ରୀ ବବିତା ମଲିକ, ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । ଅନୀଲ କୁମାର ବିଶ୍ୱାଳ ଓ ନାରାୟଣ ଚନ୍ଦ୍ର ବାରିକ କ୍ରୀଡା ପରିଚାଳନା କରିଥିଲେ । ଅଜିତ କୁମାର ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ ।

ସୂଚନା
ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

**Printed & Published by Satyanarayan Mohanty** for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି। **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି